ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୪/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, November 4/2025 Page 12 ₹ 7.00 RAYAGADA
୫୧ଶ ଭାଗ ୩୩୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 338 ମୂଲ୍ୟ₹୭/-



## ସିନରଙ୍କୁ ନମ୍ବର ୱାନ ର୍ୟାଙ୍କିଙ୍ଗ

ଏଟିପି ର୍ୟାଙ୍କିଙ୍ଗ ତାଲିକାର ପୁରୁଷ ସିଙ୍ଗଲ୍ସ ବିଭାଗରେ ନମ୍ବର ୱାନ ସ୍ଥାନ ଅଧିକାର କରିଛନ୍ତି ଇଟାଲୀର ଜାନିକ ସିନର।

୧୨

୦୨

## ଘୁଞ୍ଚିଲା ଆଲିଆଙ୍କ ଆକ୍ସନ ଫିଲ୍ମ 'ଆଲ୍ଫା' ରିଲିଜ ତାରିଖ

ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଅଭିନୀତ ବହୁ ପ୍ରତୀକ୍ଷିତ ଆକ୍ସନ ଫିଲ୍ମ 'ଆଲ୍ଫା'ର ରିଲିଜ ତାରିଖ ଘୁଞ୍ଚାଇ ଦିଆଯାଇଛି।





ନ୍ୟୁୟର୍କ ସିଟି ମାରାଥନରେ ଭାଗନେଇଥିବା ଅଂଶଗ୍ରହଣକାରୀମାନେ ସୋମବାର ଭେରାଜାନୋ-ନାରୋଜ୍ ବ୍ରିଜ୍ ଉପରେ ଦୌଡୁଛନ୍ତି। (ଫଟୋ: ରଏଟର୍ସ)

# ଚୌଦ୍ୱାର ଜେଲରେ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୩।୧୧ (ଆଶୁତୋଷ ଦାସ/ମାନସ ସାମଲ)**

କଟକ ଜିଲା ଚୌଦ୍ୱାର ମଣ୍ଡଳ କାରାଗାର (ଜେଲ)ରେ ସୋମବାର ଜଣେ ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବଡ଼ମାଳି ଗ୍ରାମର ପବିତ୍ର ସାହୁ (୪୪)। ଖବରପାଇ ମୃତକଙ୍କ ପରିବାରବର୍ଗ କଟକ ବଡ଼ ମେଡିକାଲ ପହଞ୍ଚିଛନ୍ତି। ଜେଲ ଭିତର କୌଣସି ଗୁମ୍‌ରକୁ ନେଇ ପବିତ୍ରଙ୍କୁ ଅନ୍ୟ କଏଦୀ ହତ୍ୟା କରିଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି। ଚୌଦ୍ୱାର ପୋଲିସ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରୁଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୫) ରୁଜୁ କରିଥିବା ବେଳେ ପରିବାର ପକ୍ଷରୁ ଚୌଦ୍ୱାର ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘଟଣାର ତଦନ୍ତ କରିବାକୁ ଜେଲକୁ ଅତିରିକ୍ତ ଡିଜି ଅମିତାଭ ଠାକୁର ଆସିଥିଲେ। ମାନସିକ ଭାରସାମ୍ୟ ହରାଇ ପବିତ୍ର ଆତ୍ମହତ୍ୟା କରିଥାଇପାରିଥାନ୍ତି। ଜେଲ ମଧ୍ୟରେ ଏବେ ବି ଅନେକ ସୁରକ୍ଷାଗତ ତ୍ରୁଟି ରହିଛି ଓ ସବୁ ଗଳାବାଟକୁ ବନ୍ଦ କରାଯିବ ବୋଲି ଏଡିଜି ଠାକୁର କହିଛନ୍ତି। ଏହାସହ ଏଡିଜି ଠାକୁର ଜେଲ କର୍ମଚାରୀ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି।

ସୂଚନା ମୁତାବକ, ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗତ ସେପ୍ଟେମ୍ବରରେ ଅନ୍ୟ ଜେଲରୁ ସ୍ଥାନାନ୍ତର ହୋଇ ଏଠାକୁ ଆସିଥିଲେ। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ପବିତ୍ର ନିଜ ଗାମୁଛାରେ ଜେଲ ଭିତର ପାଇଖାନା ପଛପଟେ ଝୁଲୁଥିବା ସୁରକ୍ଷା କର୍ମୀ ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ଚୌଦ୍ୱାର ସର୍କଲ ଜେଲରୁ ଗତ ମାସରେ ବିହାରର ୨ଜଣ କଏଦୀ ପାଚେରି ଡେଇଁ ଫେରାର ହୋଇଯାଇଥିବାବେଳେ ଜଣେ କଏଦୀଙ୍କ ଥାଳି ମାଡ଼ରେ ଅନ୍ୟ ଜଣେ କଏଦୀ ଗୁରୁତର ଆହତ ହୋଇଥିବା ଭଳି ଘଟଣା ଘଟିଛି। ଚୌଦ୍ୱାର ସର୍କଲ ଜେଲ ୧୧୬୫ କ୍ଷମତା ବିଶିଷ୍ଟ ହୋଇଥିବା ବେଳେ ଏବେ ଏଠାରେ ୯୦୦ କଏଦୀ ରହୁଛନ୍ତି। ସେମାନଙ୍କ ପାଇଁ ଜେଲ ଅଧୀକ୍ଷକଙ୍କ ସମେତ ଜଣେ ଜେଲର, ୫ଜଣ ସବ୍‌ଆସିଷ୍ଟାଣ୍ଟ ଜେଲର, ୪ଜଣ ଆସିଷ୍ଟାଣ୍ଟ ଜେଲରଙ୍କ ସମେତ ୬୦ଜଣ ମହିଳା ଓ ପୁରୁଷ ୱାର୍ଡର ଅଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ସହିତ ସମଗ୍ର ଜେଲ ପରିସର ସିସିଟିଭି ନଜରରେ ରହିଥିବା ବେଳେ ବାରମ୍ବାର ଏଭଳି ଘଟଣା ଘଟୁଥିବା ଜେଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପରିତ୍ୟକ୍ତ ଟାଙ୍କିରେ ପଡ଼ି ୩ ଶିଶୁ ମୃତ

### ଅଜା ଘରକୁ ବୁଲି ଆସିଥିବା ବେଳେ ଅଘଟଣ

**ବଡ଼ମ୍ବା/ମାଣିଆବନ୍ଧ, ୩।୧୧ (ମାୟାଧର ମଲ୍ଲିକ/ଅଖିଳ କୁମାର ସାହୁ)**

କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ରଗଡ଼ିପଡ଼ା ଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଘର ପଛପାର୍ଶ୍ୱରେ ଖେଳିବାବେଳେ ପରିତ୍ୟକ୍ତ ଟାଙ୍କିରେ ପଡ଼ି ୩ ଶିଶୁଙ୍କ ଜୀବନ ଯାଇଛି। ସେମାନେ ହେଲେ ବଡ଼ମ୍ବା ବ୍ଲକ କୋଲେଶ୍ୱର ପଞ୍ଚାୟତ ଅନ୍ତର୍ଗତ ବଡ଼ବାରେଣା ଗ୍ରାମର ଅଜୟ ନାଏକଙ୍କ କନ୍ୟା ଶିବାନୀ ନାଏକ (୭), ଅନୁଜ ନାଏକଙ୍କ ପୁତ୍ର ଅଙ୍କିତ ନାଏକ (୯) ଏବଂ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଇଛାପୁର ଗ୍ରାମର ସୁଶାନ୍ତ ନାଏକଙ୍କ ପୁତ୍ର ଶୁଭମ୍ ନାଏକ (୩)। ପିଲାମାନେ ସେମାନଙ୍କ ଅଜା ଘରକୁ ବୁଲିବାକୁ ଆସିଥିବାବେଳେ ଏଭଳି ଅଘଟଣ ଘଟିଛି।

ମୃତକଙ୍କ ପରିବାର ପକ୍ଷରୁ ଥାନାରେ କରାଯାଇଥିବା ଅଭିଯୋଗ ଅନୁଯାୟୀ, ୩ ଶିଶୁ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ରଗଡ଼ିପଡ଼ା ଗାଁରେ ଥିବା ଅଜା ଘରକୁ ବୁଲିଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ସେମାନେ ମିଳିମିଶି ଘର ବାଡ଼ିପାଖରେ ଖେଳକୁଦ କରୁଥିବାବେଳେ ପଡ଼ୋଶୀ ସୁଦର୍ଶନ ନାଏକଙ୍କ ଘର ପାଖକୁ ଚାଲିଯାଇଥିଲେ। ସେଠାରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ ଢାଙ୍କୁଣୀଲଗା ଟାଙ୍କି ଉପରେ ଅସାବଧାନତାବଶତଃ ଚଢ଼ିଯିବାରୁ ତାହା ଭାଙ୍ଗି ଯାଇଥିଲା। ଫଳରେ ଟାଙ୍କି ଭିତରେ ୩ ଶିଶୁ ପଡ଼ି ଶ୍ୱାସରୁଦ୍ଧ ହୋଇଯାଇଥିଲେ। ବହୁ ସମୟ ଧରି ପିଲାଙ୍କ ପାଟି ନ ଶୁଭିବାରୁ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି କରିଥିଲେ, ମାତ୍ର ସେମାନଙ୍କ ସନ୍ଧାନ ମିଳି ନ ଥିଲା। ଏପରି ଅବସ୍ଥାରେ ଶିବାନୀଙ୍କ ଅଜା ଲକ୍ଷ୍ମୀଧର ଉକ୍ତ ପରିତ୍ୟକ୍ତ ଟାଙ୍କି ନିକଟକୁ ଯାଇ ଭଙ୍ଗା ଢାଙ୍କୁଣୀ ଦେଖି ସନ୍ଦେହ କରିଥିଲେ। ସେ ଟାଙ୍କି ଭିତରେ ପଶି ୩ ଶିଶୁଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତୁରନ୍ତ ସେମାନଙ୍କୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ୩ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଘଟଣା ସ୍ଥଳରେ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ପୃଥକ୍ ଭାବେ ୩ଟି ଅପମୃତ୍ୟୁ ମାମଲା (ନଂ. ୨୮/୨୫,୨୯/୨୫ ଓ ୩୦/୨୫) ରୁଜୁ କରିଛନ୍ତି। ଘଟଣାସ୍ଥଳରେ ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱଜିତ ମହାନ୍ତି, ବଡ଼ମ୍ବା ଅତିରିକ୍ତ ତହସିଲଦାର ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ☞ପୃଷ୍ଠା-୪

# ୧୭ ମାସରେ ୧୪ ଶୁଣାଣି ; ଫଇସଲା ହାର ୯୩%

### ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ରେକର୍ଡ

**ଭୁବନେଶ୍ୱର,୩।୧୧ (ରବିନାରାୟଣ ଜେନା)**



ରାଜ୍ୟରେ ଭାଜପା ସରକାର ୨୦୨୪ ଜୁନ୍‌ରେ ଦାୟିତ୍ୱଭାର ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଦ୍ୟାବଧି ୧୭ ମାସରେ ୧୪ ଥର ଲୋକଙ୍କ ଅଭିଯୋଗ ଶୁଣାଣି ପ୍ରତ୍ୟକ୍ଷ ଭାବେ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ଅଭିଯୋଗ ଶୁଣାଣି ଫଇସଲା ହାର ରେକର୍ଡ ପରିମାଣ ୯୩ ପ୍ରତିଶତ ରହିଛି। ହେଲେ ଏହି ହାରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅସନ୍ତୁଷ୍ଟ ରହିଛି। ଏହି ହାରକୁ କିଭଳି ୧୦୦% କରାଯାଇପାରିବ, ସେନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗୁରୁତ୍ୱ ଦେବା ପରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ତତ୍ପରତା ☞ପୃଷ୍ଠା-୪

# ଚାଇନା, ପାକିସ୍ତାନ ଅଣୁଅସ୍ତ୍ର ପରୀକ୍ଷା କରିଛନ୍ତି: ଟ୍ରମ୍ପ୍

### ଆମେରିକାର ପରୀକ୍ଷା ନିଷ୍ପତ୍ତିକୁ ଯଥାର୍ଥ କହିଲେ

**ୱାଶିଂଟନ,୩।୧୧**

ପାକିସ୍ତାନ ଓ ଚାଇନା ସମେତ କେତେକ ଦେଶ ଆଣବିକ ଅସ୍ତ୍ର ପରୀକ୍ଷା କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ୩ ଦଶନ୍ଧି ପରେ ଆମେରିକା ଅଣୁଅସ୍ତ୍ର ପରୀକ୍ଷା ଆରମ୍ଭ କରିବାକୁ ନେଇଥିବା ନିଷ୍ପତ୍ତି ଯଥାର୍ଥ ବୋଲି ଦର୍ଶାଇବାକୁ ଯାଇ ଟ୍ରମ୍ପ୍ ଏହା କହିଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଏଭଳି ସୂଚନା ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି କୁହାଯାଉଛି। କାରଣ ଭାରତର ଉଭୟ ପାର୍ଶ୍ୱରୁ ବିପଦ ରହିଛି।

ଗତ ସପ୍ତାହରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପୂର୍ବରୁ ଆମେରିକା ଅଣୁଅସ୍ତ୍ର ପରୀକ୍ଷା କରିବ ବୋଲି ଟ୍ରମ୍ପ୍ ଘୋଷଣା କରିଥିଲେ। ରବିବାର ସିବିଏସ୍ ନ୍ୟୁଜ୍‌ର ନୋରା ଓ'ଡୋନେଲଙ୍କ ସହ ସାକ୍ଷାତ୍‌କାରରେ ଆମେରିକା ରାଷ୍ଟ୍ରପତି କହିଛନ୍ତି, ରୁଷିଆ, ଚାଇନା, ଉତ୍ତର କୋରିଆ ଏବଂ ପାକିସ୍ତାନ ପରମାଣୁ ଅସ୍ତ୍ର ପରୀକ୍ଷା କରୁଛନ୍ତି। ରୁଷିଆ ଏବଂ ଚାଇନା ଭୂଗର୍ଭରେ ଅଣୁଅସ୍ତ୍ର ପରୀକ୍ଷା କରୁଥିବାବେଳେ ସେମାନେ ଏହା କହୁ ନ ଥିବାରୁ କେହି ଜାଣିପାରୁ ନାହାନ୍ତି। ଅନ୍ୟ ରାଷ୍ଟ୍ର ମଧ୍ୟ ଅନୁରୂପ ଭାବେ ଚୁପ୍ ରହୁଛନ୍ତି। ତେବେ ଆମେ ମୁକ୍ତ ସମାଜ ଓ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଅଣୁଅସ୍ତ୍ର ପରୀକ୍ଷା କରିବା ସମ୍ପର୍କରେ ଜଣାଇଦେଉଛୁ ବୋଲି ଟ୍ରମ୍ପ୍ କହିଛନ୍ତି।

ରୁଷିଆ ପରମାଣୁ ଶକ୍ତିସମ୍ପନ୍ନ ପୋସେଇଡନ୍ ସୁପର ଟର୍ପେଡୋ ପରୀକ୍ଷା କରିଥିବା କଥା ଗତ ସପ୍ତାହରେ ଏହାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଥିଲେ। ତେଣୁ ଅସ୍ତ୍ରଗୁଡ଼ିକର ☞ପୃଷ୍ଠା-୪

# ବିସିସିଆଇର ୫୧ କୋଟି ଟଙ୍କାର ପୁରସ୍କାର

### ଚାମ୍ପିୟନ ଭାରତୀୟ ମହିଳା କ୍ରିକେଟ ଦଳକୁ ମିଳିବ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଡି.ୱାଇ. ପାଟିଲ ଷ୍ଟାଡିୟମରେ ରବିବାର ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ଚାମ୍ପିୟନ ହୋଇଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ସୋମବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ୫୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ଏ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଘୋଷଣା କରିଛନ୍ତି।

ପ୍ରଶଂସାର ଏକ ପ୍ରତୀକ ସ୍ୱରୂପ ବିସିସିଆଇ ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା ଦଳକୁ ୫୧ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବ। ଏହି ପୁରସ୍କାର ରାଶି ଭାରତୀୟ ଦଳର ସମସ୍ତ ଖେଳାଳି, ସପୋର୍ଟ ଷ୍ଟାଫ ଓ ଜାତୀୟ ଚୟନ କମିଟିର ସଦସ୍ୟଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ବିସିସିଆଇ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି।

# ପ୍ରଚାର ପାଇଁ ଲୋକ କିଣା

### ନୂଆପଡ଼ା ଉପନିର୍ବାଚନ

**ନୂଆପଡ଼ା,୩।୧୧(ପୀତାମ୍ବର ସାହୁ)**

ଆସନ୍ତା ୧୧ତାରିଖରେ ନୂଆପଡ଼ା ଉପନିର୍ବାଚନ ହେବାକୁ ଯାଉଛି। ଏଥିରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସମେତ ସମୁଦାୟ ୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭାଜପାରୁ ଜୟ ଢୋଲକିଆ, ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସରୁ ଘାସିରାମ ମାଝୀ ଏବେ ଜୋରଦାର ପ୍ରଚାର କରୁଛନ୍ତି। ନିର୍ବାଚନୀ ତାରିଖ ଯେତିକି ପାଖେଇ ଆସୁଛି ପ୍ରଚାର ସେତିକି ଜମିବାରେ ଲାଗିଛି। ଦଳୀୟ ପ୍ରାର୍ଥୀ ଓ କର୍ମୀ ଦିନରାତି ଏକ କରିଦେଇଛନ୍ତି। ପ୍ରତ୍ୟେକ ଦଳ ପକ୍ଷରୁ ସଭା ସମିତି ସହ ବାଇକ୍ ରାଲି କରାଯାଉଛି। ଲୋକଙ୍କୁ ସଭାକୁ ଆଣିବା ପାଇଁ ଦଳୀୟ କର୍ମୀମାନେ ବେଶ୍ ପରିଶ୍ରମ କରୁଥିବା ଦେଖିବାକୁ ମିଳୁଛି। ଲୋକ କିପରି ସଭାକୁ ଆସିବେ ସେ ନେଇ ସବୁ ପ୍ରକାର ସୁବିଧା ମଧ୍ୟ କରାଯାଉଛି। ଘରୁ ସଭା ସ୍ଥଳକୁ ଆସିବା ଓ ପୁନଶ୍ଚ ଫେରିବା ପାଇଁ ଗାଡ଼ି ମୋଟର ବ୍ୟବସ୍ଥା ମଧ୍ୟ କରାଯାଉଛି। ଏପରି କି ବାଇକ୍‌ରେ ଆସିଲେ ତେଲ ଖର୍ଚ୍ଚ ମଧ୍ୟ ଦିଆଯାଉଛି। ଏହା ବାଦ୍ ସଭା କିମ୍ବା ରାଲିରେ ଯୋଗଦେଲେ ଖାଇବାପିଇବା ସହିତ ଜଣ ପିଛା ୨ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ଦିଆ ଯାଉଥିବା ଟାନୱାଟ ଗ୍ରାମର ଜଣେ ଯୁବକ ପ୍ରକାଶ କରିଛନ୍ତି।

ନୂଆପଡ଼ା ଏକ କୃଷିପ୍ରଧାନ ଅଞ୍ଚଳ। ଜିଲାର ପ୍ରାୟ ୯୦ ପ୍ରତିଶତ ଲୋକ ଧାନ, କପା ଓ ମକା ଆଦି ଚାଷ କରିଥାନ୍ତି। ଏବେ ଧାନ ଅମଳ ସମୟ। ଚାଷୀମାନେ ଧାନ ଅମଳ କରି ଘରକୁ ଆଣୁଛନ୍ତି। ଏପରି ସମୟରେ ଉପନିର୍ବାଚନ ହେଉଥିବାରୁ ପ୍ରାୟ ପ୍ରତ୍ୟେକ ଦିନ ବିଭିନ୍ନ ଦଳ ପକ୍ଷରୁ ସମାବେଶ ଓ ରାଲି ଆୟୋଜନ କରାଯାଉଛି। ଏଥିପାଇଁ ଲୋକଙ୍କ ଆବଶ୍ୟକ ହେଉଛି। ଯେହେତୁ ଚାଷ ଅମଳର ସମୟ ତେଣୁ ଲୋକେ ସଭାକୁ ଆସିବାକୁ ଅମଙ୍ଗ ହେଉଛନ୍ତି। ତେଣୁ ଲୋକଙ୍କୁ ଆଣିବା ପାଇଁ ସେମାନଙ୍କ ପଛରେ ଖର୍ଚ୍ଚ କରିବାକୁ ପଡୁଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଲାସ୍ ଭେଗାସର ନୂଆ ସଙ୍କେତ**



# ସଡ଼କ ଦୁର୍ଘଟଣାରେ ଗଲା ୩୨ ଜୀବନ

## ତେଲଙ୍ଗାନାରେ ୧୯, ରାଜସ୍ଥାନରେ ୧୩ ମୃତ




ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲାରେ ଟିପ୍ପର ଓ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି।

**ହାଇଦ୍ରାବାଦ/ ଜୟପୁର,୩।୧୧(ପି.ଟି.)**

ଦୁଇଟି ରାଜ୍ୟରେ ସୋମବାର ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩୨ ଜଣଙ୍କ ଜୀବନ ଯାଇଛି। ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲାରେ ସୋମବାର ସକାଳେ ଟିପ୍ପର-ବସ୍ ମୁହାଁମୁହିଁ ଧକ୍କାରେ ୧୩ ମହିଳା ସମେତ ୧୯ ଜଣଙ୍କ ମୃତ୍ୟୁ ଘଟିବା ସହ ୨୨ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଭଉଣୀ ରହିଛନ୍ତି। ରାଜସ୍ଥାନ ଜୟପୁରର ହର୍ମଦା ଅଞ୍ଚଳରେ ସୋମବାର ଅପରାହ୍ନରେ ଡମ୍ପର ଟ୍ରକ୍ ୧୭ଟି ଗାଡ଼ି ଉପରେ ମାଡ଼ିଯିବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦ ଜଣ ଆହତ ହୋଇଛନ୍ତି। ଟିପ୍ପ ବୋଝେଇ ଟିପ୍ପର ଟ୍ରକ୍ଟି ତେଲଙ୍ଗାନା ସଡ଼କ ପରିବହନ ନିଗମ ବସ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ହାଇଦ୍ରାବାଦଠାରୁ ୫୦ କି.ମି. ଦୂରରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଉଭୟ ଯାନର ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ସାଇବରାବାଦ ପୋଲିସ କମିଶନର ଅବିନାଶ ମହାନ୍ତି କହିଛନ୍ତି। ଗୋଟିଏ ଗାଡ଼ି ଭୁଲ୍ ପାର୍ଶ୍ୱରେ ଆସିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ତେବେ ତଦନ୍ତ ପରେ ଦୁର୍ଘଟଣାର କାରଣ ଜଣାପଡ଼ିବ ବୋଲି ପୋଲିସ କମିଶନର କହିଛନ୍ତି।

ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଦେବା ପାଇଁ ଘୋଷଣା କରିଛନ୍ତି। ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୁର୍ଘଟଣା ପରେ ଚେଭେଲ୍ଲାସ୍ଥିତ ହସ୍ପିଟାଲକୁ ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିବା ତେଲଙ୍ଗାନା ପରିବହନ ମନ୍ତ୍ରୀ ପୋନ୍ନାମ ପ୍ରଭାକର କହିଛନ୍ତି, ରଙ୍ଗାରେଡ୍ଡୀ ଜିଲାର ତନ୍ଦୁରରୁ ହାଇଦ୍ରାବାଦ ଯାଉଥିବା ଉକ୍ତ ବସ୍‌ରେ ୭୨ ଜଣ ଯାତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ଏ. ରେଭନ୍ଥ ରେଡ୍ଡୀ ଦୁର୍ଘଟଣାକୁ ନେଇ ଅନ୍ୟ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହ ଟେଲି-କନ୍‌ଫେରେନ୍ସ କରିଛନ୍ତି। ଆହତମାନଙ୍କୁ ଆଧୁନିକ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସହ ମୃତକଙ୍କ ପରିବାରକୁ ଶେଷକୃତ୍ୟ ସମ୍ପନ୍ନ ପାଇଁ ସରକାର ସହାୟତା ଯୋଗାଇ ଦେବେ ବୋଲି କହିଛନ୍ତି। ରାଜ୍ୟ ସରକାର ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବେ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୨ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ସେହିପରି ଆହତମାନଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସରକାର କହିଛନ୍ତି।

### ୧୭ ଗାଡ଼ି ଉପରେ ମାଡ଼ିଗଲା ଡମ୍ପର

ରାଜସ୍ଥାନ ଜୟପୁରର ହର୍ମଦା ଅଞ୍ଚଳରେ ସୋମବାର ଅପରାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଡମ୍ପର ଟ୍ରକ୍‌କୁ ଏହାର ଡ୍ରାଇଭର ବେପରୁଆ ଭାବେ ଚଳାଇ ଅନ୍ୟୁନ ୧୭ଟି ଗାଡ଼ି ଉପରେ ମଡ଼ାଇ ଦେଇଛନ୍ତି। ଏହି ସିରିଜ୍ ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ମୃତଦେହଗୁଡ଼ିକ ରାସ୍ତାରେ ବିଛାଡ଼ିହୋଇ ପଡ଼ିଥିବାବେଳେ ଭଙ୍ଗା କାର ଓ ମୋଟରସାଇକେଲଗୁଡ଼ିକ ରାଜପଥରେ ପଡ଼ିରହିଥିବା ଦେଖାଯାଇଛି। ନିଶାଗ୍ରସ୍ତ ଥିବା ଡ୍ରାଇଭର ଜଣକ ଲୋହା ମଣ୍ଡି ନିକଟରେ ୩୦୦ ମିଟର ପର୍ଯ୍ୟନ୍ତ ବିଭିନ୍ନ କାର୍ ଓ ବାଇକ୍ ଉପରେ ଟ୍ରକ୍ ମଡ଼ାଇ ଚାଲିଥିଲେ। ଶେଷରେ ଟ୍ରକ୍ଟି ଏକ ଟ୍ରେଲରକୁ ଧକ୍କା ଦେଇ ଅଟକିଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା, ଉପମୁଖ୍ୟମନ୍ତ୍ରୀ ଦିୟା କୁମାରୀ ଏବଂ ପ୍ରେମଚନ୍ଦ୍ର ବୈରଓ୍ୱା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଗଭୀର ଦୁଃଖପ୍ରକାଶ କରିଛନ୍ତି। ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

# ନିଃସର୍ତ୍ତ କ୍ଷମା ମାଗିଲେ ମୁଖ୍ୟ ସଚିବ

**ନୂଆଦିଲ୍ଲୀ,୩।୧୧**

## ବୁଲାକୁକୁରଙ୍କୁ ଖାଦ୍ୟ ଦେବା ନେଇ ୭ରେ ନିର୍ଦ୍ଦେଶନାମା




ବୁଲାକୁକୁର କାମୁଡ଼ାଜନିତ ବିପଦ ମାମଲାରେ ପୂର୍ବ ନିର୍ଦ୍ଦେଶନାମାର ଅନୁପାଳନ ସମ୍ପର୍କିତ ସତ୍ୟପାଠ ଦାଖଲ କରି ନ ଥିବାରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ସଚିବମାନେ ସୋମବାର ସୁପ୍ରିମକୋର୍ଟରେ ହାଜର ହୋଇ ନିଃସର୍ତ୍ତ କ୍ଷମା ମାଗିଛନ୍ତି। ବୁଲା କୁକୁରଙ୍କୁ ଖାଦ୍ୟ ଦେବା ସମ୍ପର୍କରେ ସର୍ବୋଚ୍ଚ ଅଦାଲତ ଆସନ୍ତା ୭ ତାରିଖରେ ସାନି ନିର୍ଦ୍ଦେଶନାମା ଜାରି କରିବେ ବୋଲି କହିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ୍ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜରିଆଙ୍କୁ ନେଇ ୩ ଜଣିଆ ସ୍ୱତନ୍ତ୍ର ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ମୁଖ୍ୟ ସଚିବମାନଙ୍କ ଉପସ୍ଥିତି ଏବଂ ସତ୍ୟପାଠର ରେକର୍ଡ କରାଯିବା ସହ ଖଣ୍ଡପୀଠ କହିଛନ୍ତି, ସରକାରୀ ପ୍ରତିଷ୍ଠାନ ସମେତ ରାଷ୍ଟ୍ରାୟତ୍ତ ସଂସ୍ଥା ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ କର୍ମଚାରୀମାନେ କୁକୁରଙ୍କୁ ଖାଦ୍ୟ ଦେବା ସହ ସହାୟତା କରୁଛନ୍ତି। ତେଣୁ କୁକୁର କାମୁଡ଼ାଜନିତ ବିପଦକୁ ନେଇ ଆମକୁ ନିଶ୍ଚିତ କେତେକ ନିର୍ଦ୍ଦେଶନାମା ଜାରି କରିବାକୁ ପଡ଼ିବ। ଶୁଣାଣି ବେଳେ ଖଣ୍ଡପୀଠ ଭାରତର ପ୍ରାଣୀ କଲ୍ୟାଣ ବୋର୍ଡକୁ ମଧ୍ୟ ମାମଲାର ପକ୍ଷଭୁକ୍ତ କରିଛନ୍ତି। ମାମଲାରେ ସହାୟତା ପାଇଁ ବରିଷ୍ଠ ଆଇନଜୀବୀ ଗୌରବ ଅଗ୍ରଓ୍ୱାଲ ଆମିକସ୍ କ୍ୟୁରି ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ଅଦାଲତ କହିଛନ୍ତି।

ସୂଚନାଯୋଗ୍ୟ, ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ବୁଲାକୁକୁର କାମୁଡ଼ା ଘଟଣା ବଢ଼ିବା ଫଳରେ ସୁପ୍ରିମକୋର୍ଟ ଏହାକୁ ନିଜଆଡୁ ବିଚାର ପାଇଁ ଗ୍ରହଣ କରିଥିଲେ। ପରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମାମଲାରେ ପକ୍ଷଭୁକ୍ତ କରିଥିଲେ। ସମସ୍ତ ବୁଲା କୁକୁରଙ୍କୁ ଧରି ଆଶୟସ୍ଥଳରେ ରଖିବାକୁ ସର୍ବୋଚ୍ଚ ଅଦାଲତ ଗତ ଅଗଷ୍ଟ ୨୨ରେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କୁ ଉପଯୁକ୍ତ ବନ୍ଧ୍ୟାକରଣ ଏବଂ ଟିକାକରଣ କରିବା ପରେ ଯେଉଁ ଅଞ୍ଚଳରୁ ଧରିଥିବେ, ସେଠାରେ ଛାଡ଼ିଦେବାକୁ କୁହାଯାଇଥିଲା। ତେବେ କୋର୍ଟ ନିର୍ଦ୍ଦେଶନାମାର ଅନୁପାଳନ ସମ୍ପର୍କିତ ସତ୍ୟପାଠ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦାଖଲ କରି ନ ଥିବାରୁ ଖଣ୍ଡପୀଠ କ୍ଷୁବ୍ଧ ହୋଇଥିଲେ। ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନେ ନଭେମ୍ବର ୩ ତାରିଖ ଶୁଣାଣି ବେଳେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ସ୍ପଷ୍ଟୀକରଣ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

# କୋଇଲା ଦୁର୍ନୀତି ମାମଲାରୁ ପୂର୍ବତନ ସଚିବ ବାଦ୍

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଛତିଶଗଡ଼ର ଫତେହପୁର ଇଷ୍ଟ କୋଇଲା ବ୍ଲକ୍ ଆବଣ୍ଟନ ମାମଲାରେ ଏକ ସ୍ୱତନ୍ତ୍ର ଅଦାଲତ ଅର୍‌କେଏମ୍ ପାୱାର ପ୍ରା. ଲିଃ, ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତା ଓ ଅନ୍ୟ ୩ ଜଣଙ୍କୁ ବିଚାର ପ୍ରକ୍ରିୟାରୁ ବାଦ୍ ଦେଇଛନ୍ତି। ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିବାବେଳେ ମୋକଦ୍ଦମା ଚଳାଇବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଅଦାଲତ କହିଛନ୍ତି। ସ୍ୱତନ୍ତ୍ର ବିଚାରପତି ଧୀରଜ ମୋର୍ ଉଭୟ ପକ୍ଷରୁ ଯୁକ୍ତି ଶୁଣିବା ପରେ କମ୍ପାନୀର ୨ ପ୍ରମୋଟର ଅନ୍ଦଲ ଅରୁମୁଗମ୍ ଏବଂ ଟି.ଏମ୍. ସିଙ୍ଗାରଭେଲ ଏବଂ ପୂର୍ବତନ ଯୁଗ୍ମ ସଚିବ କୁଲଜିତ୍ ସିଂ କ୍ରୋଫାଙ୍କୁ ମଧ୍ୟ ମାମଲାରୁ ବାଦ୍ ଦେଇଛନ୍ତି।



ଏଚ୍.ସି. ଗୁପ୍ତା

୨୦୧୪ରେ ସେମାନଙ୍କ ନାମରେ ଏତଲା ଦାଏର ହେବାର ୩ ବର୍ଷ ପରେ ସିବିଆଇ ୨୦୧୭ ସେପ୍ଟେମ୍ବର ୨୧ରେ କ୍ଲୋଜର ରିପୋର୍ଟ ଦାଖଲ କରିଥିଲା। ଅଭିଯୋଗ ପଛରେ କୌଣସି ତଥ୍ୟ ପ୍ରମାଣ ନ ଥିବା ସିବିଆଇ ଦର୍ଶାଇଥିଲା। ଏଥିରେ ସ୍ୱତନ୍ତ୍ର ଅଦାଲତ ସନ୍ତୁଷ୍ଟ ନ ହୋଇ ପୁନର୍ବାର ତଦନ୍ତ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୩ରେ ସିବିଆଇ ୫ ଜଣଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଠକେଇ, ଜାଲିଆତି ଏବଂ ଦୁର୍ନୀତି ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ ଚାର୍ଜଶିଟ୍ ଦାଖଲ କରିଥିଲା।

# ଦର୍ଶନ, ପବିତ୍ରା ଗୌଡ଼ାଙ୍କ ବିରୋଧରେ ଚାର୍ଜଫ୍ରେମ୍



ପବିତ୍ରା ଗୌଡ଼ାଙ୍କ ସହ ଦର୍ଶନ।

## ରେଣୁକାସ୍ୱାମୀ ହତ୍ୟା ମାମଲା

**ବେଙ୍ଗାଲୁରୁ,୩।୧୧**

ରେଣୁକାସ୍ୱାମୀ ହତ୍ୟା ମାମଲାରେ ବେଙ୍ଗାଲୁରୁର ୬୪ତମ ସେସନ୍ସ କୋର୍ଟ ସୋମବାର କନ୍ନଡ଼ ଅଭିନେତା ଦର୍ଶନ ଓ ଅଭିନେତ୍ରୀ ପବିତ୍ରା ଗୌଡ଼ାଙ୍କ ସମେତ ୧୭ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଛନ୍ତି। ହତ୍ୟା, ଆପରାଧିକ ଷଡ଼ଯନ୍ତ୍ର, ଅପହରଣ ଏବଂ ବେଆଇନ ଭାବେ ଏକାଠି ହେବା ଆଦି ଅଭିଯୋଗରେ ସେମାନଙ୍କୁ ଆନୁଷ୍ଠାନିକ ଭାବେ ଅଭିଯୁକ୍ତ କରାଯାଇଛି। ଅଭିଯୁକ୍ତମାନେ ନିଜକୁ ନିର୍ଦ୍ଦୋଷ ବୋଲି କହୁଥିବାବେଳେ ଆସନ୍ତା ୧୦ରୁ ଶୁଣାଣି ଆରମ୍ଭ ହେବ। ଦର୍ଶନଙ୍କ ପ୍ରଶଂସକ ଚିତ୍ରଦୁର୍ଗ ଅଞ୍ଚଳର ରେଣୁକାସ୍ୱାମୀ(୩୩)ଙ୍କ ମୃତଦେହ ୨୦୨୪ ଜୁନ୍ ୯ରେ ଏକ ଡ୍ରେନ୍ ନିକଟରୁ ମିଳିଥିଲା। ଦର୍ଶନଙ୍କ ସହଯୋଗୀ ପବିତ୍ରା ଗୌଡ଼ାଙ୍କୁ ରେଣୁକାସ୍ୱାମୀ ଅପମାନଜନକ ବାର୍ତ୍ତା ପଠାଇଥିଲେ। ଏହି ଘଟଣାରେ ତାଙ୍କୁ ଅପହରଣ କରାଯାଇ ନିର୍ଯାତନା ଦିଆଯିବାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା।

## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀର ଧ୍ୟାନଚାନ୍ଦ ଷ୍ଟାଡିୟମ୍‌ରେ ସୋମବାର ହକି ଇଣ୍ଡିଆ ଏବଂ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ଏସ୍‌ଏଆଇ) ପକ୍ଷରୁ ଖବରଦାତା ସମ୍ମିଳନୀରେ ଭାରତୀୟ ହକିର ଶତବାର୍ଷିକୀ ପାଳନ ସମ୍ପର୍କରେ ଘୋଷଣା କରାଯାଉଛି। ଏଥିରେ କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ, ହକି ଇଣ୍ଡିଆ ଅଧ୍ୟକ୍ଷ ଦିଲୀପ ତିର୍କୀ, ମହାସଚିବ ଭୋଳାନାଥ ସିଂ ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

# ମାଓବାଦୀ ପ୍ରବଣ ଜିଲା ୩୮କୁ ହ୍ରାସ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଦେଶରେ ମାଓବାଦୀ ହିଂସା ପ୍ରଭାବିତ ଜିଲା ସଂଖ୍ୟା ଗତ ଏପ୍ରିଲରେ ୪୬ ରହିଥିଲାବେଳେ ଏବେ ତାହା ୩୮କୁ ହ୍ରାସ ପାଇଥିବା ସଦ୍ୟତମ ସମୀକ୍ଷାରୁ ଜଣାପଡ଼ିଛି। ସେଥିରୁ ୪ଟି ଜିଲା ଚିନ୍ତାଜନକ ରହିଥିବାବେଳେ ୩ଟି ସର୍ବାଧିକ ପ୍ରଭାବିତ ଜିଲା। ବାମପନ୍ଥୀ ଉଗ୍ରବାଦ ରୋକିବା ଲାଗି ଜାତୀୟ ନୀତି ଓ କାର୍ଯ୍ୟଯୋଜନାର ଅଂଶ ସ୍ୱରୂପ କରାଯାଇଥିବା ଏହି ମୂଲ୍ୟାୟନରେ କେନ୍ଦ୍ର ଓ ରାଜ୍ୟ ସରକାର ଏକାଠି କାର୍ଯ୍ୟ କରିଥିଲେ। ଉଗ୍ରବାଦ ଦମନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଫଳରେ ସୁରକ୍ଷା ସମ୍ପର୍କିତ ବ୍ୟୟ (ଏସ୍‌ଆର୍‌ଇ) ଜିଲା ସଂଖ୍ୟା ଗତ ଏପ୍ରିଲ ୧ରେ ୪୬ ଥିବାବେଳେ ବର୍ତ୍ତମାନ ୩୮କୁ ହ୍ରାସ ପାଇଛି। ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲା ସଂଖ୍ୟା ଗତ ଏପ୍ରିଲରେ ୧୮ ଥିବାବେଳେ ବର୍ତ୍ତମାନ ତାହା ୧୧ରେ ସୀମିତ ରହିଛି। ସବୁଠୁ ମାଓବାଦୀ ପ୍ରବଣ ଜିଲା ଏପ୍ରିଲରେ ୬ ରହିଥିବାବେଳେ ବର୍ତ୍ତମାନ ତାହା ୩କୁ ଖସିଆସିଛି। ସେହି ଜିଲାଗୁଡ଼ିକ ହେଲେ ଛତିଶଗଡ଼ର ବିଜାପୁର, ନାରାୟଣପୁର ଏବଂ ସୁକୁମା। ସେହିପରି ୪ ଚିନ୍ତାଜନକ ଜିଲା ମଧ୍ୟରେ ରହିଛି ଛତିଶଗଡ଼ର କଙ୍କେର, ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ, ମଧ୍ୟପ୍ରଦେଶର ବାଲାଘାଟ ଏବଂ ମହାରାଷ୍ଟ୍ରର ଗଡ଼ଚିରୋଲି।

# ଆଜିଠୁ ୯ ରାଜ୍ୟ, ୩ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍

**ନୂଆଦିଲ୍ଲୀ,୩।୧୧(ପି.ଟି.)**

## ଫେବୃଆରୀ ୭ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

ଦେଶର ୯ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ମୋଟ ୫୧ କୋଟି ଭୋଟର ଥିବା ଉକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଏସ୍‌ଆଇଆର୍ ଆସନ୍ତାବର୍ଷ ଫେବୃଆରୀ ୭ରେ ଶେଷ କରି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ବିହାର ପରେ ଏହା ଦ୍ୱିତୀୟ ପର୍ଯ୍ୟାୟ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ। ଏହି ପର୍ଯ୍ୟାୟରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ପଣ୍ଡିଚେରୀ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ହେବ। ତାମିଲନାଡୁ, ପଣ୍ଡିଚେରୀ, କେରଳ ଏବଂ ପଶ୍ଚିମବଙ୍ଗରେ ୨୦୨୬ରେ ବିଧାନସଭା ଅନୁଷ୍ଠିତ ହେବାକୁ ଯାଉଛି। ସେହିବର୍ଷ ଆସାମରେ ନିର୍ବାଚନ ହେବାକୁ ଥିବାବେଳେ ସେଠାରେ ଭୋଟର ତାଲିକା ସଂଶୋଧନ ତାରିଖ ପରେ ଘୋଷଣା କରାଯିବ। କାରଣ ସେଠାରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ନାଗରିକତ୍ୱ ଯାଞ୍ଚ କାର୍ଯ୍ୟ ଚାଲିଛି।

# ଆଫଗାନିସ୍ତାନରେ ଭୂକମ୍ପ: ୨୦ ମୃତ, ୫୩୪ ଆହତ

**କାବୁଲ,୩।୧୧**



ଆଫଗାନିସ୍ତାନର ଉତ୍ତର ଭାଗରେ ରବିବାର ବିଳମ୍ବିତ ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇ ଅନ୍ୟୁନ ୨୦ ଜଣଙ୍କ ମୃତ୍ୟୁ ଘଟିବା ସହ ୫୩୪ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଭୂକମ୍ପର ତୀବ୍ରତା ୬.୩ ରହିଥିଲା। ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ସୂଚନା ଅନୁଯାୟୀ ଭୂକମ୍ପର କେନ୍ଦ୍ରସ୍ଥଳ ଖୁଲମ୍ ସହରଠାରୁ ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗରେ ୨୨ କି.ମି. ଦୂରରେ ଅବସ୍ଥିତ। ସମସ୍ତ ମୃତଦେହ ଏବଂ ଆହତଙ୍କୁ ବଲ୍‌ଖ ଏବଂ ସମାଙ୍ଗନ ପ୍ରଦେଶର ବିଭିନ୍ନ ହସ୍ପିଟାଲକୁ ନିଆଯାଇଛି।

ଭୂକମ୍ପରେ ବଦଖଶାଁ ପ୍ରଦେଶର ଶହର-ଇ-ବୋଜୋର୍ଗ ଜିଲା ଅନ୍ତର୍ଗତ ଗୋଟିଏ ଗାଁରେ ୮୦୦ ଘର ସମ୍ପୂର୍ଣ୍ଣ କିମ୍ବା ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସେବା ନ ଥିବାରୁ ପ୍ରକୃତ ମୃତାହତଙ୍କ ସଂଖ୍ୟା ଜଣାପଡ଼ି ନ ଥିବା ପ୍ରାଦେଶିକ ପୋଲିସ ମୁଖ୍ୟାଳୟ ତରଫରୁ କୁହାଯାଇଛି। ସର୍ବାଧିକ କ୍ଷତିଗ୍ରସ୍ତ ବଲ୍‌ଖ ଏବଂ ସମାଙ୍ଗନରେ ଉଦ୍ଧାରକାରୀ ଓ ଜରୁରୀ ସେବା ପ୍ରଦାନକାରୀ ଟିମ୍ ପହଞ୍ଚି ଉଦ୍ଧାର ଓ ଅହତମାନଙ୍କୁ ହସ୍ପିଟାଲରେ ପହଞ୍ଚାଇବା କାର୍ଯ୍ୟରେ ଲାଗିଥିବା କାବୁଲସ୍ଥିତ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉତ୍ତର ଭାଗରେ ଥିବା ବଲ୍‌ଖ ପ୍ରଦେଶ ରାଜଧାନୀ ମାଜାର-ଇ-ଶରିଫ୍‌ରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଛି। ସେଠାରେ ଥିବା ଐତିହାସିକ ବ୍ଲୁ ମସ୍‌ଜିଦ କ୍ଷତିଗ୍ରସ୍ତ ହେଇଥିବା ସୋସିଆଲ ମିଡିଆରେ ପ୍ରସାରିତ ଫଟୋରୁ ଜଣାପଡ଼ିଛି। ରାଜଧାନୀ କାବୁଲ ସମେତ ଅନ୍ୟ କେତେକ ପ୍ରଦେଶରେ ମଧ୍ୟ କମ୍ପନ ଅନୁଭୂତ ହୋଇଛି। ପଥର ଖସି ପାର୍ବତ୍ୟାଞ୍ଚଳର ମୁଖ୍ୟ ରାସ୍ତା ଅବରୋଧ ହେଇଥିଲାବେଳେ ପରେ ତାହାକୁ ଖୋଲାଯାଇଛି।

# ଘୁଞ୍ଚିଲା ଆଲିଆଙ୍କ ଆକ୍ସନ ଫିଲ୍ମ 'ଆଲ୍ଫା' ରିଲିଜ ତାରିଖ



ଆଲିଆ ଭଟ୍ଟ

**ମୁମ୍ବାଇ:** ବଲିଉଡର ବହୁ ପ୍ରତୀକ୍ଷିତ ଆକ୍ସନ ଫିଲ୍ମ 'ଆଲ୍ଫା'ର ରିଲିଜ ତାରିଖ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହି ଫିଲ୍ମ ଖ୍ରୀଷ୍ଟମାସ ସମୟରେ ପରଦାକୁ ଆସିବାର ଥିଲା, କିନ୍ତୁ ଆସନ୍ତାବର୍ଷ ୧୭ ଏପ୍ରିଲରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଯଶରାଜ ଫିଲ୍ମସ୍ (ୱାଇଆର୍‌ଏଫ୍)ର 'ସ୍ପାଇ ୟୁନିଭର୍ସ'ର ଏହି ପ୍ରଥମ ମହିଳା-ପ୍ରଧାନ ଫିଲ୍ମରେ ଆଲିଆ ଭଟ୍ଟ ଏବଂ ଶର୍ବରୀ ୱାଘଙ୍କୁ ଦମଦାର୍ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିବାବେଳେ, ମେକର୍ସମାନେ ଏହାର ରିଲିଜ ତାରିଖ ବଦଳାଇ ଦେଇଛନ୍ତି।

ଯଶରାଜ ଫିଲ୍ମସ ମୁଖପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଫିଲ୍ମର ବଡ଼ ଆକାର ଏବଂ ଆକ୍ସନ ସିନ୍‌ଗୁଡ଼ିକର ବିଶାଳ ଭିଜୁଆଲ ଇଫେକ୍ଟସ (ଭିଏଫଏକ୍ସ) କାମ ଶେଷହେବାକୁ ଅଧିକ ସମୟ ଲାଗୁଛି। ସମସ୍ତ ଭିଏଫଏକ୍ସ କାର୍ଯ୍ୟ ଡିସେମ୍ବର ସୁଦ୍ଧା ସାରିବା ସମ୍ଭବ ହେବ ନାହିଁ ବୋଲି ଟିମ୍ ଅନୁଭବ କରିବା ପରେ ତାରିଖ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ମେକର୍ସମାନେ ଚଳଚ୍ଚିତ୍ରର ଗୁଣବତ୍ତା ସହିତ କୌଣସି ପ୍ରକାର ସାଲିସ କରିବାକୁ ଚାହୁଁନାହାଁନ୍ତି।

ଏହି ଫିଲ୍ମରେ ଆଲିଆ ଏବଂ ଶର୍ବରୀ ୱାଘଙ୍କ ବ୍ୟତୀତ ବବି ଦେଓଲ ଭିଲେନଭୂମିକାରେନଜରଆସିବେ।ଆଲିଆଏବଂଶର୍ବରୀଙ୍କସହିତବବିଙ୍କ ଟକ୍କର ଏହି ପ୍ରୋଜେକ୍ଟର ମୁଖ୍ୟ ଆକର୍ଷଣ ହେବ ବୋଲି କୁହାଯାଉଛି।

**କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିଧାୟକ ପଦ ରଦ୍ଦ କରାଯାଉ: କଂଗ୍ରେସ**

ଭୁବନେଶ୍ୱର,(ରବିନାରାୟଣ ଜେନା): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ତଥା ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ୨୦୨୪ ସାଧାରଣ ନିର୍ବାଚନ ବେଳେ ଜାଲ୍ ପାନ୍‌କାର୍ଡ ଦେଇଛନ୍ତି ଓ ସତ୍ୟପାଠରେ ମିଥ୍ୟା ତଥ୍ୟ ଦର୍ଶାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ସୋମବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି, ମନ୍ତ୍ରୀ ତାଙ୍କ ନାମାଙ୍କନପତ୍ରରେ ଯେଉଁ ପାନ୍ ନମ୍ବର ଦେଇଛନ୍ତି ତାହା ତାଙ୍କର ନୁହେଁ। ଏ କଥାର ସ୍ପଷ୍ଟୀକରଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରଥମେ ଦେବାର ଆବଶ୍ୟକତା ରହିଛି।

## ଏସ୍ଆଇ ପରୀକ୍ଷା ସ୍କାମ୍‌ର ଗୁମର ଖୋଲୁଛି




# ପଞ୍ଚଦଶ ଅର୍ଥ ଆୟୋଗ ଦେଇଛନ୍ତି ୪୪୪ କୋଟି

**୨୦୨୫-୨୬ ଆର୍ଥିକବର୍ଷ**

ଭୁବନେଶ୍ୱର,୩।୧୧ (ରବିନାରାୟଣ ଜେନା)

ଓଡ଼ିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସଶକ୍ତୀକରଣ ପାଇଁ କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ ଆୟୋଗ ୨୦୨୫-୨୬ ଆର୍ଥିକବର୍ଷ ଲାଗି ୪୪୪ କୋଟିରୁ ଅଧିକ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି ବୋଲି କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ପଞ୍ଚଦଶ ଅର୍ଥ ଆୟୋଗଙ୍କ ଏହି ଅର୍ଥରେ ଓଡ଼ିଶାର ୨୦ଟି ଯୋଗ୍ୟ ଜିଲା ପରିଷଦ, ୨୯୬ଟି ଯୋଗ୍ୟ ପଞ୍ଚାୟତ ସମିତି ଏବଂ ୬,୭୩୪ଟି ଗ୍ରାମପଞ୍ଚାୟତକୁ ଦ୍ୱିତୀୟ କିସ୍ତି ମୁକ୍ତ ଅନୁଦାନ(ଅନ୍‌ଟାଏଡ ଗ୍ରାଣ୍ଟ) ଆକାରରେ ୩୪୨ କୋଟି ୫୯ ଲକ୍ଷ ୬୪ ହଜାର ଟଙ୍କା ଦିଆଯାଇଛି। ଏହାପୂର୍ବରୁ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ପ୍ରଥମ କିସ୍ତିରେ ୧୦୧ କୋଟି ୭୮ ଲକ୍ଷ ୧୫ ହଜାର ଟଙ୍କା ଓଡ଼ିଶାକୁ ପ୍ରଦାନ କରାଯାଇଥିଲା। ସେଥିରେ ୨୦ଟି ଯୋଗ୍ୟ ଜିଲା ପରିଷଦ, ୨୩୩ଟି ପଞ୍ଚାୟତ ସମିତି ଏବଂ ୬୪୯ଟି ଗ୍ରାମପଞ୍ଚାୟତର ଅନୁଷ୍ଠାନକୁ ସୁଦୃଢ଼ କରିବା ସହିତ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଉନ୍ନତି କରିବା ପାଇଁ ଅର୍ଥ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳଶକ୍ତି ମନ୍ତ୍ରଣାଳୟ (ପାନୀୟ ଜଳ ଏବଂ ପରିମଳ ବିଭାଗ) ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥାର ବିକାଶ ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗଙ୍କ ମାଧ୍ୟମରେ ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଥା'ନ୍ତି। ଅର୍ଥ ମନ୍ତ୍ରଣାଳୟ ପରବର୍ତ୍ତୀ ସମୟରେ ପ୍ରତି ଆର୍ଥିକବର୍ଷରେ ଦୁଇଟି କିସ୍ତିରେ ଏହି ଅନୁଦାନ ପ୍ରଦାନ କରିଥାଏ। ଦରମା ଏବଂ ପ୍ରତିଷ୍ଠାନ ଖର୍ଚ୍ଚକୁ ବାଦ୍ ଦେଇ ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ଏହି ଅନ୍‌ଟାଏଡ୍ ଗ୍ରାଣ୍ଟ ବା ମୁକ୍ତ ଅନୁଦାନକୁ ଖର୍ଚ୍ଚ କରିଥାନ୍ତି। ଅନ୍ୟପକ୍ଷରେ ଟାଏଡ୍ ଗ୍ରାଣ୍ଟ ବା ବନ୍ଧିତ ଅନୁଦାନକୁ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଓଡିଏଫ୍ ସ୍ଥିତିର ରକ୍ଷଣାବେକ୍ଷଣ ଭଳି ଅତ୍ୟାବଶ୍ୟକ ସେବା ସହିତ ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଏବଂ ଜଳ ପୁନଃଚକ୍ରଣ ପାଇଁ ବ୍ୟବହାର କରାଯାଇଥାଏ।

# ଅଲ୍ ଇଣ୍ଡିଆ ଆଦିବାସୀ କଂଗ୍ରେସ ଆଡ୍‌ଭାଇଜରି କାଉନ୍‌ସିଲ କମିଟିରେ ଓଡ଼ିଶାରୁ ୫

ଭୁବନେଶ୍ୱର/ରାୟଗଡ଼ା,୩।୧୧ (ରବିନାରାୟଣ ଜେନା/ଆଶିଷ ରଞ୍ଜନ ପଣ୍ଡା)

ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ସୋମବାର ଆଦିବାସୀ କଂଗ୍ରେସ ଆଡ୍‌ଭାଇଜରି କାଉନ୍‌ସିଲ ଓ ସ୍ୱତନ୍ତ୍ର ନିମନ୍ତ୍ରିତ କମିଟି ଗଠନ ହୋଇଛି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ୍ ଖାର୍ଗେଙ୍କ ଅନୁମୋଦନକ୍ରମେ ଅଧ୍ୟକ୍ଷ ବିଧାୟକ ଡ. ବିକ୍ରାନ୍ତ ଭୁରିଆ ଜାରି କରିଥିବା ଆଦିବାସୀ କଂଗ୍ରେସ ଆଡ୍‌ଭାଇଜରି କାଉନ୍‌ସିଲ କମିଟିରେ ଓଡ଼ିଶାରୁ ୫ଜଣ ମନୋନୀତ ହୋଇଛନ୍ତି। ସେଥିମଧ୍ୟରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କ ସହିତ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ସୁଶୀଳା ତିରିଆ, ନାଗାର୍ଜୁନ ପ୍ରଧାନ ଓ ପରମା ପୂଜାରୀ ରହିଛନ୍ତି। ଏହାକୁ ନେଇ କାଡାମ କହିଛନ୍ତି, ଆଗାମୀ ଦିନରେ ଆଦିବାସୀଙ୍କ ନ୍ୟାୟ ଓ ବିକାଶ କ୍ଷେତ୍ରରେ ଏହି କମିଟି ତା'ର ଗୁରୁଦାୟିତ୍ୱ ନିଶ୍ଚିତ ଭାବେ ନିର୍ବାହ କରିବ। ଏଥିପାଇଁ ସେ ପିସିସି ସଭାପତି ଭକ୍ତ ଚରଣ ଦାସ, ଏଆଇସିସି ଅଧ୍ୟକ୍ଷ ଖାର୍ଗେ ଓ ସଂସଦର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଲମ୍ବା ଶାସନରେ ଲୋକଙ୍କ ପାଇଁ କ'ଣ କରିଛନ୍ତି କୁହନ୍ତୁ: ମନମୋହନ

ଭୁବନେଶ୍ୱର, ୩।୧୧ (ସୁନିତ୍ ମିଶ୍ର)

ରାଜ୍ୟରେ ଲମ୍ବା ସମୟ ଶାସନ କରିବା ବେଳେ ଲୋକଙ୍କ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ କ'ଣ କରିଛନ୍ତି ତାହା କୁହନ୍ତୁ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି। ନବୀନଙ୍କ ନୂଆପଡ଼ା ଗସ୍ତ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନମୋହନ କହିଛନ୍ତି, ଗୋଟିଏ ଦଳର ସଭାପତି ଭାବେ ନବୀନ ପ୍ରଚାର କରିବାକୁ ଯିବା ସ୍ୱାଭାବିକ। ବରଂ ସେ ନୂଆପଡ଼ାରେ ଯାଇ କୁହନ୍ତୁ। ଦୀର୍ଘବର୍ଷ ଶାସନରେ ରହିବା ଭିତରେ କ'ଣ ସବୁ କରିଛନ୍ତି ସେକଥା ସେଠାରେ ଲୋକଙ୍କୁ କୁହନ୍ତୁ। କ୍ଷମତାରେ ଥିବା ଭିତରେ ନୂଆପଡ଼ାର ଯେଉଁସବୁ ଅଞ୍ଚଳକୁ ଯାଇପାରି ନାହାନ୍ତି ସେସବୁ ସ୍ଥାନକୁ ଏବେ ଯାଆନ୍ତୁ ବୋଲି ମନମୋହନ କହିଛନ୍ତି।

ମନମୋହନ ଆହୁରି କହିଛନ୍ତି, ୨୪ ବର୍ଷ ଧରି ବିଜେଡି କ୍ଷମତାରେ ରହିବା ପରେ ସାଧାରଣ ଲୋକ ସେମାନଙ୍କ ରାୟ ଦେଇସାରିଛନ୍ତି। ଲୋକପ୍ରିୟତା ଯଦି ଥିଲା ସରକାର କାହିଁକି ଚାଲିଗଲା। ଗତ ନିର୍ବାଚନରେ ବିଜେଡି ଆସନ ସଂଖ୍ୟାକୁ ଲୋକମାନେ ଅଧାରୁ ଆହୁରି କାହିଁକି କମାଇଦେଲେ। ଆଦର୍ଶଗତ ଲଢ଼େଇରେ ଭାଜପା ସବୁବେଳେ ବିଶ୍ୱାସ କରେ, ବ୍ୟକ୍ତିଗତ ଟିପ୍ପଣୀରେ ତାଙ୍କ ଦଳ ଭରସା କରେନାହିଁ। ଏକ ବିଚାରଧାରାକୁ ନେଇ ଭାଜପା ଲମ୍ବା ସମୟ ପର୍ଯ୍ୟନ୍ତ କାମ କରିଆସୁଛି। ବ୍ୟକ୍ତିଗତ ତର୍କବିତର୍କରେ ଭାଜପା କେବେହେଲେ ରହେ ନାହିଁ ବୋଲି ମନମୋହନ କହିଛନ୍ତି।

# ସରକାର ବଦଳିବା ପରେ ପରିସ୍ଥିତି ବଦଳିଯାଇଛି: ନବୀନ

- ନୂଆପଡ଼ା ଗସ୍ତରେ ଯାଇ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ପ୍ରଚାର କଲେ
- କୋମନା ବ୍ଲକରେ ହେଲା ବିରାଟ ସମାବେଶ

ନୂଆପଡ଼ା, ୩।୧୧ (ମକାରୁ ବେମାଲ/ପୀତାମ୍ବର ସାହୁ)



କୋମନା ବ୍ଲକର ତାରାବୋଡ଼ ଧାନମଣ୍ଡି ପଡ଼ିଆଠାରେ ସୋମବାର ଆୟୋଜିତ ସଭାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି।

ବିଜେଡି ସରକାର ସମୟରେ ନୂଆପଡ଼ା ଜିଲାର ପ୍ରଭୂତ ଉନ୍ନତି ହୋଇଥିଲା। ବିଜୁ ଏକ୍ସପ୍ରେସ ୱେଠାରୁ ଆରମ୍ଭକରି ଭଲ ପିଇବା ପାଣି, ୧୦ ହଜାର ହେକ୍ଟରରୁ ଅଧିକ ଜମିକୁ ପାଣି ଦିଆଯାଇଛି। ସୁନାବେଡ଼ା ଅଭୟାରଣ୍ୟର ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ରାଜ୍ୟରେ ଭାଜପା ସରକାର ଆସିବା ପରେ ପରିସ୍ଥିତି ପୂରା ବଦଳିଯାଇଛି। ସାରା ରାଜ୍ୟରେ ବର୍ତ୍ତମାନ ବିକାଶ କାମ ପୂରା ବନ୍ଦ ହୋଇଯାଇଛି। ରାଜ୍ୟର ଆଇନଶୃଙ୍ଖଳା ପୂରା ଭୁଶୁଡ଼ି ଯାଇଛି। ନାରୀ ଅତ୍ୟାଚାର ସବୁ ସୀମା ଟପିଲାଣି। ଭାଇଚାରାର ରାଜ୍ୟ ଭାବେ ଓଡ଼ିଶାର ଯେଉଁ ସୁନାମ ଥିଲା ତାହା ଏବେ ନଷ୍ଟ ହୋଇଗଲାଣି ବୋଲି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।

ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏହି ଉପନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାରି ଭିତରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଲାଗି ପ୍ରଚାର କରିବା ପାଇଁ ନବୀନ ସୋମବାର ପ୍ରଥମ ଥର ନୂଆପଡ଼ା ଗସ୍ତ କରିଛନ୍ତି। କୋମନା ବ୍ଲକର ତାରାବୋଡ଼ ଧାନମଣ୍ଡି ପଡ଼ିଆଠାରେ ସୋମବାର ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ସିଧାସଳଖ ଭାଜପାକୁ ସେ ଟାର୍ଗେଟ କରିଛନ୍ତି। ସେ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡ଼ା ଜିଲା ଗଠନରେ ବିଜୁ ବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ। ଏହି ଅବସରରେ ଲୋକଙ୍କୁ ଉଦ୍‌ବୋଧନ ଦେଇ ନବୀନ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି।

ନବୀନ ଆହୁରି କହିଛନ୍ତି, ମିଶନ ଶକ୍ତି ମା'ମାନେ ରାଜ୍ୟରେ ଏକ ନୀରବ ଆନ୍ଦୋଳନ ଆଣିଥିଲେ। କିନ୍ତୁ ଏ ସରକାରରେ ମିଶନ ଶକ୍ତି ମା'ମାନେ ବର୍ତ୍ତମାନ ରଣ ପାଉନାହାନ୍ତି। ୮ ମାସ ହେଲା ମିଶନ ସେମାନେ ଦରମା ନ ପାଇବା ଦୁଃଖର ବିଷୟ। ଏ ସରକାର ଗେମ୍ ନୁହେଁ ନେମ୍ ଚେଞ୍ଜର ହୋଇଛି। ଲୋକମାନେ ଏହାକୁ ରଙ୍ଗମରା ସରକାର ବୋଲି କହୁଛନ୍ତି। ସରକାରକୁ ଆସିବା ଆଗରୁ ଭାଜପା ପ୍ରତିଶ୍ରୁତି ଦେଇଥିଲା ୩ ଶହ ୟୁନିଟ୍ ମାଗଣା ବିଜୁଳି, ସବୁ ବୃଦ୍ଧାବୃଦ୍ଧଙ୍କୁ ୩୫୦୦ ଟଙ୍କା ଭତ୍ତା,ସବୁ ପଞ୍ଚାୟତର ୧୦୦ ଯୁବତୀ ଯୁବକଙ୍କୁ ଚାକିରି, ଚାଷୀଙ୍କୁ ୟୁରିଆ ସାର ମିଳିବା, କଟ୍‌ନିଛଟ୍‌ନି ବନ୍ଦ ହେବା, ବିଏସ୍‌କେୱାଇ ପରିବର୍ତ୍ତେ ଆୟୁଷ୍ମାନ କାର୍ଡ ଭଲ ସୁବିଧା ଦେବ ବୋଲି କହିଥିଲେ। ଏସବୁ ସୁବିଧା ଲୋକଙ୍କୁ କେତେ ମିଳିଛି ବୋଲି ସେ ପଚାରି ବୁଝିଥିଲେ। ଭାଜପା ଭୋଟ ଚୋରି କରି ସରକାର ଗଢ଼ିଥିଲା। ଏବେ ନୂଆପଡ଼ାରେ ପ୍ରାର୍ଥୀ ଚୋରି କରିଛନ୍ତି। ନୂଆପଡ଼ାବାସୀ, ବିଜେଡି ଓ ତାଙ୍କ ସହ ବେଇମାନି ହୋଇଛି। ଏଥିପାଇଁ ଲୋକଙ୍କ ମନରେ କ୍ରୋଧ ଅଛି। ଏ ବିଶ୍ୱାସଘାତକତାର ଜବାବ ନୂଆପଡ଼ାବାସୀ ଭୋଟରେ ଦେବେ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ମାନବ ଶରୀର ଉପରେ 'ଅରୁଗୁଣ ଉଭିଦ'ର ବିଷାକ୍ତ ପ୍ରଭାବ

ଭୁବନେଶ୍ୱର, ୩।୧୧ (ବନ୍ଦନା ସେଠୀ)





**ସତର୍କ କଲା, ବିଶ୍ୱସ୍ତରୀୟ ଗବେଷଣା ଆରମ୍ଭ କଲା ଏମ୍ସ**

ଖୋର୍ଦ୍ଧା, ଢେଙ୍କାନାଳ ଜିଲାକୁ କ୍ଷେତ୍ର ପରିଦର୍ଶନ କଲେ ବିଶେଷଜ୍ଞ

ଓଡ଼ିଶା ସମେତ ଭାରତରେ ଦେଖିବାକୁ ମିଳୁଥିବା ସାଇକାଡ୍ ବା ସ୍ଥାନୀୟ ଭାଷାରେ ଜଣାଶୁଣା 'ଅରୁଗୁଣ ବା ଭେରୁ ଉଭିଦ' ମଣିଷ ଶରୀର ପାଇଁ କ୍ଷତିକାରକ। ଏହାର ଫଳ ଓ ଅନ୍ୟ ଅଂଶଗୁଡ଼ିକର ବିଷାକ୍ତ ପ୍ରଭାବ ରହିଛି। ଏନେଇ ଏମ୍ସ ଭୁବନେଶ୍ୱରର ଗବେଷଣା ଟିମ୍ ସୂଚନା ଦେବା ସହ ସତର୍କ କରିଛି। ଏବେ ଓଡ଼ିଶାର ବିଭିନ୍ନ ଜଙ୍ଗଲ ସମେତ ଖୋର୍ଦ୍ଧା, ଢେଙ୍କାନାଳ ଆଦି କେତେକ ଜିଲାରେ ଏହି ଉଭିଦ ପ୍ରାଚୀନ କାଳରୁ ରହି ଆସିଛି। କିଛି ଲୋକ ଏହି ଗଛର ଫଳକୁ ଖାଦ୍ୟ ଭାବେ ବ୍ୟବହାର କରୁଛନ୍ତି। ପିଠା ତିଆରି କରି ଖାଇବା ସହ ପୂଜାପର୍ବ ଓ ରୀତିନୀତିରେ ବ୍ୟବହାର କରୁଛନ୍ତି। ତେବେ ଗବେଷଣା କରୁଥିବା ବିଶେଷଜ୍ଞମାନେ ଅରୁଗୁଣ ଉଭିଦର ବିଷାକ୍ତ ପ୍ରଭାବ ଜାଣିବା ପରେ ଚିନ୍ତାବ୍ୟକ୍ତ କରିବା ସହ ଏହା ଉପରେ ବିଶ୍ୱସ୍ତରୀୟ ଗବେଷଣା ଆରମ୍ଭ କରିଛନ୍ତି।

ତଥ୍ୟ ଅନୁଯାୟୀ, ଏହି ଉଭିଦର ବିଭିନ୍ନ ପ୍ରଜାତିରେ ନ୍ୟୁରୋଟକ୍ସିନ ଚିହ୍ନଟ ହୋଇଛି। ଜାପାନ ସମେତ ବିଭିନ୍ନ ରାଷ୍ଟ୍ରରେ ଏହି ଉଭିଦକୁ ଖାଦ୍ୟ ଭାବେ ବ୍ୟବହାର କରୁଥିବା ଲୋକେ ନାନା ରୋଗର ଶିକାର ହେଉଥିବା ପ୍ରମାଣିତ ହୋଇସାରିଛି। ତେବେ ବିଭିନ୍ନ ଜଟିଳ ସ୍ନାୟୁବିକ (ନ୍ୟୁରୋଲୋଜିକାଲ) ରୋଗର ବର୍ଦ୍ଧିତ ଘଟଣା ସହିତ ସିଧାସଳଖ ଜଡିତ କି ନାହିଁ ତାହାକୁ ନେଇ ଏମ୍ସ ଟିମ୍ ପକ୍ଷରୁ ଗବେଷଣା ଆରମ୍ଭ ହୋଇଛି। ଏମ୍ସ ଭୁବନେଶ୍ୱରର ନ୍ୟୁରୋଲୋଜି ବିଭାଗ, ଅଙ୍କୋଲୋଜି, ରେଡିଓଲୋଜି, କମ୍ୟୁନିଟି ମେଡିସିନ୍, ପାଥୋଲୋଜି, ଡର୍ମାଟୋଲୋଜି ବିଭାଗ ସମେତ ପୋର୍ଟଲ୍ୟାଣ୍ଡ ଓରେଗନ୍ ସ୍ୱାସ୍ଥ୍ୟ ଏବଂ ବିଜ୍ଞାନ ବିଶ୍ୱବିଦ୍ୟାଳୟର ନ୍ୟୁରୋସାଇଣ୍ଟିଷ୍ଟ ପ୍ରଫେସର ପିଟର ଏସ୍. ସ୍ପେନ୍ସର ଏବଂ ପ୍ରଫେସର ଭ୍ୟାଲେରି ଏସ୍ ପାଲ୍‌ମର, ଫ୍ରାନ୍ସର ଷ୍ଟ୍ରାସବର୍ଗ ବିଶ୍ୱବିଦ୍ୟାଳୟ ନ୍ୟୁରୋଲୋଜି ବିଭାଗର ପୂର୍ବତନ ପ୍ରଫେସର ଜ୍ୟାକ ରେଇସ, ଲସ୍‌ଏଞ୍ଜେଲସ୍ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡା. ରାଜର୍ଷି ମଜୁମଦାର ଏବଂ ଡା. ଜେସିକା ପାସ୍କୱା, ଏମ୍ସ ନୂଆଦିଲ୍ଲୀ ନ୍ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ମଞ୍ଜରୀ ତ୍ରିପାଠୀ ପ୍ରମୁଖ ଏହା ଉପରେ ଅଧିକ ଗବେଷଣା କରୁଛନ୍ତି। ଏହି କ୍ରମରେ ବିଶ୍ୱସ୍ତରୀୟ ବିଶେଷଜ୍ଞମାନେ ଖୋର୍ଦ୍ଧା ଜିଲାର ଧୂଆଁନାଳି ଏବଂ ଢେଙ୍କାନାଳ ଜିଲାର କାମାକ୍ଷାନଗରର ଗଙ୍ଗାମୁଣ୍ଡା, ସୁଆଗିନାଳି ଗ୍ରାମଗୁଡ଼ିକୁ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅଞ୍ଚଳରେ ସ୍ଥାନୀୟ ଆଦିବାସୀ ଲୋକେ ପାରମ୍ପରିକ ଖାଦ୍ୟ ଉତ୍ସ ଭାବରେ ସାଇକାଡ ଗଛ ଉପରେ ମୁଖ୍ୟତଃ ନିର୍ଭରଶୀଳ। ଏହା ଖାଇବାରୁ ସୃଷ୍ଟି ହେଉଥିବା ସମ୍ଭାବ୍ୟ ସ୍ନାୟୁ ଏବଂ ଏଥିସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ସମ୍ପର୍କରେ ବିଶେଷଜ୍ଞମାନେ ଗ୍ରାମବାସୀ, ରୋଗୀ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ।

ଅପରପକ୍ଷେ ସମ୍ପୃକ୍ତ ଉଭିଦରେ କୌଣସି ବିଷାକ୍ତ ପ୍ରଭାବ ଅଛି କି ନାହିଁ, ଏହି ପ୍ରଶ୍ନର ସମାଧାନ ପାଇଁ ଜାତୀୟ, ଅନ୍ତର୍ଜାତୀୟ ବୈଜ୍ଞାନିକ ଏବଂ ଚିକିତ୍ସା ବିଶେଷଜ୍ଞଙ୍କୁ ନେଇ 'ସାଇକାଡ-ସମ୍ବନ୍ଧିତ ସ୍ନାୟୁଗତ ବ୍ୟାଧି: ଏହାର ପ୍ରତିକାର ପାଇଁ ଏକ ବହୁ-ପରିମାଣୀୟ ପଦ୍ଧତି' ଶୀର୍ଷକ ଏକ ଅନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏମ୍ସ ଭୁବନେଶ୍ୱର ନ୍ୟୁରୋଲୋଜି ବିଭାଗ ଏବଂ ଉତ୍ତର-ପୂର୍ବ ହିଲ ବିଶ୍ୱବିଦ୍ୟାଳୟ (ଏନ୍‌ଇଏଚ୍‌ୟୁ) ଶିଲଂ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସାଇକାଡ୍ ସହିତ ଜଡ଼ିତ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ଉପରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ସହ ବିଶ୍ୱସ୍ତରୀୟ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଏହି ପ୍ରାଚୀନ ଉଭିଦ ପ୍ରଜାତି ୩୦୦ ନିୟୁତ ବର୍ଷରୁ ଅଧିକ ସମୟ ଧରି ଡାଇନୋସର ସହିତ ରହିଥିଲା। ଏବେ ପ୍ରାୟତଃ ଆଳଙ୍କାରିକ ଉଭିଦ ଭାବରେ ବ୍ୟବହୃତ ହେଉଛି। ଏହି ସାଇକାଡ ପ୍ରଜାତିରେ ସାଇକାସିନ ଏବଂ ମିଥାଇଲାଜୋକ୍ସିମେଥାନଲ ସମେତ ଶକ୍ତିଶାଳୀ ବିଷାକ୍ତ ପଦାର୍ଥ ଥାଏ। ଏହି ବିଷାକ୍ତ ପଦାର୍ଥଗୁଡ଼ିକ ଆମେରିକାର ଗୁଆମ ଉପଦ୍ୱୀପ ଏବଂ ଜାପାନର କିଓ୍ୱିଉପଦ୍ୱୀପରେ ପାରମ୍ପରିକ ଖାଦ୍ୟର ଏକ ଅଂଶ ଭାବେ ବ୍ୟବହାର ହେଉଛି। ତେବେ ଏହା ପାର୍କିନସନ, ଡିମେନ୍ସିଆ ଭଳି ଜଟିଳ ସ୍ନାୟୁଗତ ରୋଗ ସୃଷ୍ଟି କରୁଥିବା ପ୍ରମାଣିତ ହୋଇଥିବା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# 'ଧରିତ୍ରୀ' ଟିକାବାଲି ଖବରଦାତାଙ୍କ ପରଲୋକ



ଗଗନ ବିହାରୀ ପଟ୍ଟନାୟକ

ଫୁଲବାଣୀ, ୩।୧୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଟିକାବାଲି ବ୍ଲକ୍ 'ଧରିତ୍ରୀ' ଖବରଦାତା ଗଗନ ବିହାରୀ ପଟ୍ଟନାୟକ(୫୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ପରଲୋକ ଘଟିଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ କିଛି ଦିନ ଧରି ଚିକିତ୍ସିତ ହେଉଥିଲେ। ୨ ବର୍ଷ ହେବ ସେ 'ଧରିତ୍ରୀ'ର ଟିକାବାଲି ପ୍ରତିନିଧି ଭାବେ କାମ କରିଆସୁଥିଲେ। କୋଭିଡ୍ ସମୟରେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ଏବେ ତାଙ୍କର ଅକାଳ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କର ଏକ ମାତ୍ର ଝିଅ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗଗନ ବିଜେଡି ଦଳର ତୁଙ୍ଗ ନେତା ଭାବେ ମଧ୍ୟ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ବହୁ ଖବରଦାତାଙ୍କ ସହ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଘୋଡ଼ାହାଡ଼ ନଦୀରେ ଭାସିଯାଇ ୨ ମହିଳା ମୃତ

**ପଞ୍ଚକ ପାଇଁ ଭୋର ସାଢ଼େ ୩ଟାରୁ ବୁଡ଼ ପକାଇବାକୁ ଯାଇଥିଲେ**

ଦିଗପହଣ୍ଡି,୩।୧୧ (ଅଶେଷ ନାଥ ମିଶ୍ର)





ଲଳିତା ପାଢ଼ୀ ଓ ସବିତା ଗୌଡ଼।

ପବିତ୍ର କାର୍ତ୍ତିକ ମାସ ପଞ୍ଚକ ପାଇଁ ବୁଡ଼ ପକାଇବାକୁ ଯାଇ ଘୋଡ଼ାହାଡ଼ ନଦୀରେ ସୋମବାର ୨ ଜଣ ମହିଳା ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ସେମାନେ ହେଲେ ସେବକ ଟିକରପଡ଼ା ଗାଁର ସୀମାଞ୍ଚଳ ପାଢ଼ୀଙ୍କ ସ୍ତ୍ରୀ ଲଳିତା ପାଢ଼ୀ (୬୪) ଏବଂ ଧନୁ ଗୌଡ଼ଙ୍କ ସ୍ତ୍ରୀ ସବିତା ଗୌଡ଼ (୪୦)। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ପଞ୍ଚାୟତରେ ଏପରି ଦୁଃଖଦ ଘଟଣା ଘଟିଛି।

ସେବକ ଟିକରପଡ଼ା ଗାଁର ଲଳିତା ଓ ସବିତା ପଞ୍ଚକପାଇଁ ବୁଡ଼ ପକାଇବାକୁ ଭୋର ପ୍ରାୟ ସାଢ଼େ ୩ଟାରେ ଘୋଡ଼ାହାଡ଼ ନଦୀକୁ ଯାଇଥିଲେ। ସେଠାରେ ଲଳିତା ଗାଧୋଇ ସାରି ଲୁଗା ଚିପୁଡୁଥିବା ବେଳେ ଲୁଗାଟି ପାଣିରେ ଭାସି ଯାଇଥିଲା। ଲୁଗାକୁ ଆଣିବା ବେଳେ ସେ ଭାସିଯାଇ ନଦୀର ଗଭୀର ଗଣ୍ଡ ମଧ୍ୟକୁ ଚାଲିଯାଇ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ବେଳେ ସବିତା ମଧ୍ୟ ନଦୀରେ ଭାସିଯାଇ ବୁଡ଼ିଯାଇଥିଲେ। ଖବର ପାଇ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ସାମାଜିକ କର୍ମୀ ସୀମାଞ୍ଚଳ କର ଦିଗପହଣ୍ଡି ଅଗ୍ନିଶମବାହିନୀକୁ ଜଣାଇଥିଲେ। ଅଗ୍ନିଶମବାହିନୀ ପ୍ରାୟ ୧ କି.ମି. ଦୂର ଗୋଲଣ୍ଡା ଗ୍ରାମ ନଦୀପଠାରେ ପହଞ୍ଚି ଗ୍ରାମର କେତେ ଜଣ ବ୍ୟକ୍ତିଙ୍କ ସହାୟତାରେ ନଦୀରୁ ଲଳିତା ଓ ସବିତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଉଭୟଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଏନେଇ ନଂ. ୪୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଲଳିତା ଓ ସବିତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବାତ୍ୟା 'ମୋନ୍ଥା' ପ୍ରଭାବରେ ପ୍ରବଳ ବର୍ଷା ହେବାରୁ ଡ୍ୟାମ୍‌ରୁ ଘୋଡ଼ାହାଡ଼ ନଦୀକୁ ପାଣି ଛଡ଼ାଯାଇଥିଲା। ନଦୀ ଭିତରକୁ କେହି ନ ଯିବା ଏବଂ ଗୃହପାଳିତ ପ୍ରାଣୀଙ୍କୁ ନ ଛାଡିବା ପାଇଁ ପୂର୍ବରୁ ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ଜଳସେଚନ ଉପନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଥିଲା। ଅନ୍ୟପକ୍ଷରେ ସେବକ ଟିକରପଡ଼ା ଗ୍ରାମ ନିକଟ ନଦୀରେ ଲୋକେ ଗାଧୋଇବା ପାଇଁ ଏକ ଗଣ୍ଡ କରିଛନ୍ତି। ସେହି ଗଣ୍ଡରେ ଗାଧୋଉଥିବା ବେଳେ ଏପରି ଦୁଃଖଦ ଘଟଣା ଘଟିଥିବା କୁହାଯାଉଛି।

# ଭାଜପାରେ ମିଶିଲେ ଅମର ପଟ୍ଟନାୟକ

- ନୂଆପଡ଼ାରେ ଅମର ପ୍ରଚାର କଲେ ନବୀନ ତାଙ୍କ ସ୍ଥିତି କଥା ଜାଣିବେ: ମୁଖ୍ୟମନ୍ତ୍ରୀ
- ରାଷ୍ଟ୍ର ନିର୍ମାଣ କଥା ଚିନ୍ତା କଲାବେଳେ ଭାଜପା ଛଡ଼ା ଅନ୍ୟ ଦଳ କଥା ଆସିଲାନି: ଅମର

ଭୁବନେଶ୍ୱର, ୩।୧୧ (ସୁନିତ୍ ମିଶ୍ର)



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଡି ନେତା ଅମର ପଟ୍ଟନାୟକଙ୍କୁ ସ୍ୱାଗତ କରୁଛନ୍ତି।

ବିଜେଡିର ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବରିଷ୍ଠ ନେତା ଅମର ପଟ୍ଟନାୟକ ସୋମବାର ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଗୋଟିଏ ପଟେ ନୂଆପଡ଼ାରେ ପ୍ରଚାର କରିବା ଲାଗି ବିଜେଡି ସଭାପତି ନବୀନ ପଟ୍ଟନାୟକ ଯାଉଥିବା ବେଳେ ଅନ୍ୟପଟେ ଅମର ଆସି ଭାଜପାରେ ଯୋଗଦେବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ଅମର ପଦ୍ମ ଧରିଛନ୍ତି। ଅମରଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ରାଜନୈତିକ ଯାତ୍ରାରେ ଅମର ଜଣେ ବୌଦ୍ଧିକ ବ୍ୟକ୍ତିତ୍ୱ। ପୂର୍ବରୁ ସେ ବିଜେଡିରେ ରହି ସ୍ୱର ଉଠାଉଥିଲେ ସତ, କିନ୍ତୁ ଖୋଲା ହୃଦୟରେ ପ୍ରଶସ୍ତ ଭାବେ କାର୍ଯ୍ୟ କରିପାରୁ ନ ଥିଲେ। ଭାଜପାରେ ଯୋଗଦେବା ପରେ ସେ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରିବେ। ନୂଆପଡ଼ା ଉପନିର୍ବାଚନ ମଇଦାନରେ ଯେତେବେଳେ ପ୍ରଥମ ଥର ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି, ସେତିକିବେଳେ ତାଙ୍କ ଦଳର ବରିଷ୍ଠ ନେତା ଅମର ପଟ୍ଟନାୟକ ଭାଜପାରେ ସାମିଲ ହୋଇଛନ୍ତି। ଅମର ବାବୁ ଯେତେବେଳେ ନୂଆପଡ଼ାରେ ଯାଇ ପ୍ରଚାର କରିବେ ସେତେବେଳେ ନବୀନ ବାବୁ ତାଙ୍କ ସ୍ଥିତି ବିଷୟରେ ଜାଣିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅମର କହିଛନ୍ତି, ତାଙ୍କ ୮ ବର୍ଷର ରାଜନୈତିକ ଜୀବନ ଭିତରେ ଏହା ହେଉଛି ଏକ ବିଶେଷ ମୁହୂର୍ତ୍ତ। ଲୋକଙ୍କ ସହ ମିଶି ଜନସେବା କରିବା ପାଇଁ ସେ ଚାକିରି ଛାଡ଼ିଥିଲେ। ଯେତେବେଳେ ରାଜ୍ୟ ସଭାରେ ସୁଯୋଗ ମିଳିଲା, ସେତେବେଳେ ଓଡ଼ିଶାର ଜନସାଧାରଣଙ୍କ ଦାବି କେନ୍ଦ୍ର ନିକଟରେ ଉପସ୍ଥାପନ କରିବା ପାଇଁ ସେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଛନ୍ତି। କିନ୍ତୁ ଯେତେବେଳେ ରାଷ୍ଟ୍ର ନିର୍ମାଣ କଥା ଚିନ୍ତାକଲେ ସେତେବେଳେ ଭାଜପା ଛଡ଼ା ଅନ୍ୟ କୌଣସି ଦଳ ନଜରକୁ ଆସି ନ ଥିଲା ବୋଲି ସେ କହିଛନ୍ତି। ଦଳ ପକ୍ଷରୁ ତାଙ୍କୁ ଯେଉଁ କାମରେ ନିୟୋଜନ କରାଯିବ ତାହାକୁ ସେ ସୁଚାରୁ ରୂପେ ସମ୍ପାଦନ କରିବେ ବୋଲି କହିଛନ୍ତି।

## ସୁବିଧାବାଦୀ ରାଜନୀତିର ଆଉ ଏକ ଉଦାହରଣ: ବିଜେଡି

ଭୁବନେଶ୍ୱର, ୩।୧୧ (ସୁନିତ୍ ମିଶ୍ର)

ଅମର ପଟ୍ଟନାୟକଙ୍କ ଭାଜପାରେ ଯୋଗଦାନର କୌଣସି ପ୍ରଭାବ ପଡ଼ିବ ନାହିଁ ଏବଂ ସୁବିଧାବାଦୀ ରାଜନୀତିର ସେ ଆଉ ଏକ ଉଦାହରଣ ସୃଷ୍ଟି କଲେ ବୋଲି ବିଜେଡି ଅଭିଯୋଗ କରିଛି। ସୋମବାର ଶଙ୍ଖ ଭବନଠାରେ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଅମରଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟ ସଭାକୁ ପଠାଇବା ସହ ଦଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରି ରାଜନୈତିକ ପରିଚୟ ଦେଇଥିଲେ। ୨୦୨୪ ନିର୍ବାଚନରେ ଭାଜପାର ଭୋଟ ଚୋରି ବାବଦରେ ସମସ୍ତ ତଥ୍ୟ ସହ ନିର୍ବାଚନ କମିଶନଙ୍କ ନିକଟରେ ବିଜେଡି ପକ୍ଷରୁ ଅଭିଯୋଗ ଦାୟର ହୋଇଥିଲା, ଯେଉଁଥିରେ ଅମର ପ୍ରମୁଖ ଭୂମିକା ନେଇଥିଲେ। ବର୍ତ୍ତମାନ ସେ ଭାଜପାରେ ସାମିଲ ହେଲା ପରେ ଭୋଟ ଚୋରି ସମ୍ପର୍କରେ ଅମର ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ। ଅବସର ଗ୍ରହଣ ପରେ ବିଜେଡି ଆଦର୍ଶ ତଥା ନବୀନ ବାବୁଙ୍କ ନେତୃତ୍ୱକୁ ସର୍ବଦା ପ୍ରଶଂସା କରିଆସୁଥିବା ଅମର ବର୍ତ୍ତମାନ ରାଷ୍ଟ୍ର ନିର୍ମାଣ କରିବା ପାଇଁ ଭାଜପାରେ ଯୋଗଦେଲି ବୋଲି କହିବା ହାସ୍ୟାସ୍ପଦ ବୋଲି ଲେନିନ୍ କହିଛନ୍ତି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚିତ୍ରକଳା ଓ ସ୍ଥାପତ୍ୟ ପ୍ରଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ସିଆର୍‌ଆର୍‌ଆଇ ଏବଂ ସିଏବିଆଇ ପକ୍ଷରୁ ଆୟୋଜିତ ଷ୍ଟେକ୍‌ହୋଲ୍ଡର କନ୍‌ସଲଟେଶନ ୱାର୍କସପ୍, ସ୍ଥାନ: ହୋଟେଲ ମେଫେୟାର, ସମୟ: ପୂର୍ବାହ୍ନ ୧୦ଟା ।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶରତ ଉତ୍ସବ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- କିଶୋର କୁମାର ଦାସଙ୍କ ପୁସ୍ତକ ପର୍ଜିଟିଭ୍ ଫିଲିଙ୍ଗସ୍ ଉନ୍ମୋଚନ, ସ୍ଥାନ: ହୋଟେଲ ଅନ୍ନପୂର୍ଣ୍ଣା, ଆଇଆର୍‌ସି ଭିଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଦର୍ପଣ ନୃତ୍ୟାନୁଷ୍ଠାନ ପକ୍ଷରୁ ଅଦ୍ୱୈତ ନୃତ୍ୟ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା ୩୦ ।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ସ୍ୱର୍ଣ୍ଣାଭ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା: ୬ଟା ।

**ବାଲେଶ୍ୱର**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫', ସ୍ଥାନ: ଜିଲା ସ୍କୁଲ, ବାଲେଶ୍ୱର, ସମୟ: ସକାଳ ୯ଟା ।
- ଜାତୀୟ ପ୍ରେସ୍ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବାହାର୍ଦ୍ଦା ଡାକବଙ୍ଗଳା, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା ।

**ଭଦ୍ରକ**
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଉଚ୍ଛିହାଗାଦି ଗୋସ୍ୱାଇଁ ମଠ, ବାସୁଦେବପୁର, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଚରମ୍ପା ରେଲ୍‌ୱେ ପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ କଳସ ପୂଜା ଆରମ୍ଭ, ସ୍ଥାନ: ମତୋ କଚେରି ପୋଖରୀ, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା ।
- ରାମଚରିତ ମାନସ ଉଦ୍‌ଯାପନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା ।
- ଆମ ପରମ୍ପରା ଅନୁଷ୍ଠାନର ବୋଇତ ବନ୍ଦାଣ ଉତ୍ସବର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ, ସ୍ଥାନ: କାଳୀପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା ।

**କେନ୍ଦୁଝର**
- ସାଂସଦ ଖେଳ ମହୋତ୍ସବ ଦ୍ୱିତୀୟ ଦିନ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ : ସକାଳ ୮ଟା ।
- ବିଜେଡିର ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: କେନ୍ଦେଇପୋଷି, ପାଟଣା, ସମୟ: ସକାଳ ୮ଟା ।
- ବଡ଼ଓଷା ପୂଜା, ସ୍ଥାନ: ବଡ଼ବିଲ, ହରିହର ମନ୍ଦିର ପ୍ରାଙ୍ଗଣ, ସମୟ : ରାତି ୧୦ ଟା ।

**ମୟୂରଭଞ୍ଜ**
- ଜାହିରା ପୂଜା, ସ୍ଥାନ:ହଳଦୀପାଳ ସମାଇଡ଼ିହି ପୀଠ, ମୋରଡ଼ା,ସମୟ: ପୂର୍ବାହ୍ନ ୯ଟା ।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ଘଟ ଉତ୍ତୋଳନ, ସ୍ଥାନ:ଝିଙ୍କିରିଆ, ମୋରଡ଼ା, ସମୟ:ମଧ୍ୟାହ୍ନ ୧୨ଟା ।
- ଶ୍ରୀ ଜଗନ୍ନାଥ ଦିବ୍ୟାଙ୍ଗ ସେବା କେନ୍ଦ୍ର ଉଦ୍‌ଘାଟନ,ସ୍ଥାନ:ଶ୍ରୀଦାମଚନ୍ଦ୍ରପୁର ସେବା କେନ୍ଦ୍ର ପରିସର, ଉଦଳା,ସମୟ:ମଧ୍ୟାହ୍ନ ୧୨ଟା୩୦ ।
- ଜଗଧାତ୍ରୀ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା ।

**ବ୍ରହ୍ମପୁର**
- ମେଗା ରକ୍ତଦାନ ଶିବିର, ସ୍ଥାନ: କେସି ହାଇସ୍କୁଲ ପଡିଆ, ସମୟ: ସକାଳ ୮ଟା ୩୦ ।
- ୫୧ କୁଣ୍ଡିୟ ବୈଦିକ ମହାଯଜ୍ଞ, ସ୍ଥାନ: ପାଡ଼ି ସେଲିବ୍ରେସନ, ଗିରିରୋଡ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

**ଗଞ୍ଜାମ**
- ବିଦ୍ୟାଳୟ ସମୂହ ଦୌଡକୁଦ ଓ ଯୋଗାସନ ପ୍ରତିଯୋଗିତା, ସ୍ଥାନ: ଛତ୍ରପୁର ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୭ଟା ।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଖମାରୀ ଗାଁ ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା ।
- ଜିଲାସ୍ତରୀୟ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ବିସି କଲେଜ, କେନ୍ଦୁପଦର, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖାରିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଜିଲାସ୍ତରୀୟ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ବିସି କଲେଜ, କେନ୍ଦୁପଦର, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।
- ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭା ଗୃହ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ ଟା ।

**ଗଜପତି**
- ସାଇବର ଠକେଇ ସଚେତନ, ସ୍ଥାନ: ମୋହନା ଥାନା ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।

**ଢେଙ୍କାନାଳ**
- ୯୨ ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କାମାକ୍ଷାନଗର ପୁରୁଣା ଆଳତୁମା କରଣସାହି, ସମୟ: ସନ୍ଧ୍ୟା ୬ ଟା ।
- ୯୦ ତମ ପ୍ରତିବାର୍ଷିକ ବାଲ୍ୟଲୀଳା, ସ୍ଥାନ: କାମାକ୍ଷାନଗର ଆଳତୁମା ଅଲେଖ ଟୁଙ୍ଗି, ସମୟ ସନ୍ଧ୍ୟା ୬ ଟା ।

**ଅନୁଗୋଳ**
- ବୋଇତ ବନ୍ଦାଣ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସକାଳ ୯ଟା ।
- ବାବା ଧବଳେଶ୍ୱରଙ୍କ ବଡ଼ଓଷା ପୂଜାଉତ୍ସବ, ସ୍ଥାନ: ଆଠମଲ୍ଲିକ ଲିପିଲୋଇ ମହାଦେବ ମନ୍ଦିର, ସମୟ : ଅପରାହ୍ନ ୧ଟା ।
- ବଡ଼ଓଷା ପାଳନ, ସ୍ଥାନ: ରାଜକିଶୋରପଡ଼ା ସର୍ପେଶ୍ୱର ମନ୍ଦିର, ସମୟ: ଅପରାହ୍ନ ୪ଟା ।
- ବଡ଼ଓଷା ପର୍ବ ପାଳନ, ସ୍ଥାନ : ଆଠମଲ୍ଲିକ ରାମେଶ୍ୱର ପାଟଣା ମହାଦେବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ନିଃଶୁଳ୍କ ଅପେରା ପରିବେଷଣ, ସ୍ଥାନ: ଆଠମଲ୍ଲିକ ମହାଦେବ ମନ୍ଦିର ସମ୍ମୁଖ ଲିପିଲୋଇ, ସମୟ : ରାତି ୧୦ଟା ।

**କେନ୍ଦ୍ରାପଡ଼ା**
- ଆର୍ଥିକ ଅନିୟମିତତା ବିରୋଧରେ ଶାସନ ପଞ୍ଚାୟତବାସୀଙ୍କ ଗଣଧାରଣା, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।
- କଇଁଛ ସୁରକ୍ଷା ସଚେତନତା ଶିବିର, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ କାର୍ଯ୍ୟାଳୟ, ଶାସନପେଟା, ମହାକାଳପଡା, ସମୟ:ପୂର୍ବାହ୍ନ ୧୧ଟା ।

**ନୟାଗଡ଼**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ବ୍ରଜେନ୍ଦ୍ର ହାଇସ୍କୁଲ ନୟାଗଡ, ସମୟ ; ପୂର୍ବାହ୍ନ ୧୦ଟା ।
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ଉଦ୍‌ଯାପନ ଦିବସରେ ପୂର୍ଣ୍ଣାହୂତି, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତ୍ର ୧୦.୩୦
- ଜଗନ୍ନାଥ ମହପ୍ରଭୁଙ୍କ ପଞ୍ଚକର ୩ୟ ଦିବସରେ କାଞ୍ଚି କାବେରୀ ବେଶ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାରେ ଅଁଳା ନବମୀ ଯାତ୍ରାର ପଞ୍ଚମ ଦିବସରେ ଘୃତ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତ ଭୀମରା ପାହାଡ, ସମୟ:ସକାଳ ୭ଟା ।
- ଶରତ ରାସ ଯାତ୍ରା ମହୋତ୍ସବର ୫ମ ଦିବସରେ ମାନସିକ ପୂଜା, ସ୍ଥାନ: ଦଶପଲ୍ଲା ସହରର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ:ସକାଳ ୭ଟା ।
- ପଞ୍ଚଦଶ ଭାଗବତ ପାରାୟଣର ସୂର୍ଯ୍ୟପୂଜା, ହୋମ, ଭାବତ ପାରାୟଣ, ଭଜନ କୀର୍ତ୍ତନ ଓ ପ୍ରବଚନର ସପ୍ତମ ଦିବସ, ସ୍ଥାନ ; ନୟାଗଡ ବ୍ଲକ ବେଗୁନିଆଁ ପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା ।
- ଭାଗବତ ସପ୍ତାଙ୍ଗର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ମନ୍ଦିର, ସମୟ:ସକାଳ ୮ଟା ।
- ଭାଗବତ ସପ୍ତାଙ୍ଗର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ମର୍ଦ୍ଧରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ:ପୂର୍ବାହ୍ନ ୯ଟା ।
- ଭାଗବତ ସପ୍ତାଙ୍ଗର ଷଷ୍ଠ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ନାରାୟଣୀ ପୀଠ, ସମୟ:ପୂର୍ବାହ୍ନ ୯ଟା ।
- ୨ୟ ତମ ବୈଦିକ ଦେବ ଯଜ୍ଞ ଓ ପଞ୍ଚକ ଜ୍ଞାନ ଜ୍ୟୋତି ପାରାୟଣ ପର୍ବର ୫ମ ଦିବସ, ସ୍ଥାନ:କଣ୍ଟିଲୋ କୁଞ୍ଜବିହାରୀପୁର ପାଟଣା, ସମୟ: ସକାଳ ୯ରୁ ରାତ୍ର ୯ ।
- ବୋଇତ ବନ୍ଦାଣ ଯାତ୍ରାଉତ୍ସବର ୪ର୍ଥ ଦିବସରେ ସାଂସ୍କୃତିକ ଆସର, ସ୍ଥାନ: ନୟାଗଡ ପୁରୁଣା ସହରର ମା' ଦକ୍ଷୀଣକାଳୀଙ୍କ ପଡିଆ, ସମୟ:ସଂଧ୍ୟା ୫.୩୦ରୁ ରାତି ୧୦ଟା ।

**ନବରଙ୍ଗପୁର**
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ଦହଣାର ବାଲୁଙ୍କେଶ୍ୱର ଶିବ ମନ୍ଦିର, ସମୟ: ସକାଳ ୮ଟା ୩୦ ।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ।
- ଆୟାପ୍ପା ଦୀକ୍ଷାଧାରୀଙ୍କ ପକ୍ଷରୁ ଆମ୍ଭଲାମ ଓ ଅଗ୍ନି ପୂଜା, ସ୍ଥାନ: ଉମରକୋଟ ଗୁଲୁପାଟଣା, ସମୟ: ସନ୍ଧ୍ୟା ୮ଟା ।

**କୋରାପୁଟ**
- ବଡ଼ଓଷା ନେଇ ସ୍ୱତନ୍ତ୍ର ପୂଜା, ସ୍ଥାନ: କୋରାପୁଟ ଶାବର ଶ୍ରୀକ୍ଷେତ୍ର, ସମୟ: ପ୍ରାତଃ ୫ ଟା । ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ତୃତୀୟ ଦିନ, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୮ଟା ।
- ଜିଲା ରାଜସ୍ୱ ବୈଠକ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- କୋରାପୁଟ ବିଜ୍ଞାନ କେନ୍ଦ୍ରରେ ଏପିଓଙ୍କ ତାଲିମ କର୍ମଶାଳା, ସ୍ଥାନ: କୋରାପୁଟ ବିଜ୍ଞାନ କେନ୍ଦ୍ର, ସୁନାବେଡ଼ା,ସମୟ: ପୂର୍ବାହ୍ନ ୧୧ ଟା ।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୪୦ ।
- କୋଲାବ ଜଳଭଣ୍ଡାରରେ ଜଳ କ୍ରୀଡ଼ା ଆରମ୍ଭ ନେଇ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ୩୦ ।
- କୋରାପୁଟ ଅକାଂକ୍ଷା ଜିଲା ନେଇ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦ ।
- ଗଞ୍ଜେଇ ଗଛ ନଷ୍ଟ ନେଇ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା ।

**ମାଲକାନଗିରି**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ବୁଟିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଲକାନଗିରି, ସମୟ: ସକାଳ ୧୦ଟା ।

**ସମ୍ବଲପୁର**
- ଭାଗବତ ସପ୍ତାହ ଜ୍ଞାନଯଜ୍ଞ, ସ୍ଥାନ: ମୁଦିପଡା ପଦ୍ମକେଶରୀ ପାର୍କ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଭାଷା ମାନ୍ୟତା ସକାଶେ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ ଅଫିସ, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା ।

**ରାଉରକେଲା**
- ୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଚତୁର୍ଥ ସନ୍ଧ୍ୟା ସମାରୋହ,ସ୍ଥାନ ;ଭଞ୍ଜଭବନ ମୁକ୍ତାକାଶ ମଞ୍ଚ, ସମୟ: ସନ୍ଧ୍ୟା ୬ଟା ।।
- ବୋଇତ ବନ୍ଦାଣ ଉଦଯାପନୀ ସମାରୋହ,ସ୍ଥାନ:ସେକ୍ଟର-୨ ଯାତ୍ରା ପଡିଆ,ସମୟ: ସନ୍ଧ୍ୟା ୭ଟା।

**ସୁନ୍ଦରଗଡ଼**
- ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଚୟନ ଶିବିରର ଉଦଯାପନ ଶିବିର,ସ୍ଥାନ: ଯତରା ପଡିଆ, ସୁନ୍ଦରଗଡ,ସମୟ:ଅପରାହ୍ନ ୪ଟା ।

**ବରଗଡ଼**
- ଭାଗବତ ପଠନ, ସ୍ଥାନ:ତଳି ଟାମ୍ପରସରା, ଅତାବିରା, ସମୟ: ସକାଳ ୯ଟା ।
- ବାଲିଯାତ୍ରା ଉତ୍ସବ, ସ୍ଥାନ: ଖଇରପାଲି, ଅତାବିରା, ସମୟ: ଅପରାହ୍ନ ୧ଟା ।
- ରାଜ୍ୟସ୍ତରୀୟ ରାସ ଉତ୍ସବ, ସ୍ଥାନ:ନୂଆପାଲି, ସମୟ:ଅପରାହ୍ନ ୩ଟା ।
- ବିରାଟ ବାଲିଯାତ୍ରା ଉତ୍ସବ,ସ୍ଥାନ:ଖୁଣ୍ଟପାଲି, ବରଗଡ଼, ସମୟ: ଅପରାହ୍ନ ୩ଟା
- ରାସ ଉତ୍ସବ, ସ୍ଥାନ:ଭୋଇପାଲି, ଅତାବିରା, ସମୟ: ଅପରାହ୍ନ ୩ଟା ।

**ବୌଦ୍ଧ**
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ମା' ଭୈରବୀଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ତାକୁଡ, ସମୟ: ଅପରାହ୍ନ ୨ଟା ।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

**ସୁବର୍ଣ୍ଣପୁର**
- ୯୩ତମ ଚବିଶ ପ୍ରହର ନାମଯଜ୍ଞ ଉତ୍ସବର ତୃତୀୟ ଦିବସ, ସ୍ଥାନ: ସୋନପୁର ସହର ସ୍ଥିତ ଗଙ୍ଗାଧର ମେହେର ଛକ, ସମୟ: ଅହୋରାତ୍ର ।
- ୨୨ତମ ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ପଟାଭାଡି, ସମୟ: ସକାଳ ୭ଟା ।
- ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲକ୍ଷ୍ମୀନୃସିଂହ ବେଶ, ସ୍ଥାନ: କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା ।
- ଅଷ୍ଟପ୍ରହର ମନାମଯଜ୍ଞ ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ, ସ୍ଥାନ: ବିନିକା ଉର୍ଲେପଡା, ସମୟ: ପୂର୍ବାହ୍ନ ୧୧ଟା ।
- କଳାସୀ ଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ସୋନପୁର ବ୍ଲକର ବଡଝିଙ୍କି ଗ୍ରାମ ପଡିଆ, ସମୟ: ସନ୍ଧ୍ୟା ୬ଟା ।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା'ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ:ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦ ।
- ତରଭା ମା ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫ ।

**ନୂଆପଡ଼ା**
- ରାହାସ ଲୀଳା ପରିବେଷଣ ଓ ପୁରାଣ କଥା, ସ୍ଥାନ: ଖଡିଆଳ ବ୍ରାହ୍ମଣପଡ଼ା, ସମୟ: ସକାଳ ୬ଟା ଓ ରାତ୍ର ୮ଟା ।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ଶ୍ରୀକୃଷ୍ଣ ଲୀଳା, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ସକାଳ ୬ଟା ୩୦ ଓ ରାତି ୮ଟା ।
- ଶ୍ରୀ ରାଧାମାଧବ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନୀପଡ଼ା, ସମୟ: ରାତ୍ର ୯ଟା ।

# ଠକେଇ ଅଭିଯୋଗରେ ବାପପୁଅଙ୍କୁ ଉଠାଇନେଲା ଦୀଘା ପୋଲିସ

**ମାର୍ଶାଘାଇ,୩।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ପଶ୍ଚିମବଙ୍ଗ ଦୀଘା ମୋହନା ଥାନା ପୋଲିସ ଶନିବାର ବିଳମ୍ବିତ ରାତିରେ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ୍ ପାଟକୁରା ଥାନା ଅନ୍ତର୍ଗତ ପାଇଲୋ ଗ୍ରାମରେ ପହଞ୍ଚି ଏକ ଏନ୍‌ଜିଓ ସଂସ୍ଥା କର୍ମକର୍ତ୍ତା ଥିବା ବାପପୁଅଙ୍କୁ ଠକେଇ ଅଭିଯୋଗରେ ଉଠାଇ ନେଇଛି । ଦୀଘା ମୋହନା ଥାନାର ନଂ. ୫୬/୨୫ରେ ମାମଲା ରୁଜୁ ହୋଇଛି। ଦୀଘା ପୋଲିସ ପାଟକୁରା ଥାନା ସହାୟତାରେ ସେଠାରେ ଚଢ଼ାଉ କରି ବାପା ପ୍ରଫୁଲ୍ଲ ସାମନ୍ତରାୟ ଓ ପୁଅ ପ୍ରଭାସ ସାମନ୍ତରାୟଙ୍କୁଉଠାଇ ନେଇଥିବା ଜଣାପଡିଛି।

ଦୀଘା ମୋହନା ଥାନା ଅଞ୍ଚଳରେ ପ୍ରାୟ ୧୧ ଶହ ଲୋକଙ୍କୁ ଆର୍ଥିକ ଠକେଇ ଅଭିଯୋଗରେ ଦିଘା ପୋଲିସ ଏସ୍‌ଆଇ ଅମିତ ପ୍ରମାଣିକଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଅଭିଯୁକ୍ତଙ୍କ ଘରେ ଶନିବାର ରାତିରେ ଚଢ଼ାଉ କରିଥିଲେ । ବାପପୁଅ ଘର ଉପର ମହଲାକୁ ପଳାଇଯାଉଥିବା ବେଳେ ପୋଲିସ ତାଙ୍କୁ କାବୁକରି ନେଇଥିଲା। ତେବେ ସେମାନଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ସଫେଇ ଦେଇଥିଲେ ବି ତାଙ୍କ ଏନ୍‌ଜିଓ ଆକାଉଣ୍ଟକୁ ଲୋକମାନଙ୍କ ଟଙ୍କା ଆସିଥିବା ନେଇ ପ୍ରମାଣ ଥିବା ତଦନ୍ତ ବେଳେ ଜଣାପଡିଛି। ଏକ ର୍ୟାକେଟ ଏଭଳି ଠକେଇରେ ସମ୍ପୃକ୍ତ ଥିବା ପୋଲିସ କହିଛି। ପ୍ରାୟ ୨୮ ହଜାର ଲୋକ ଏହି ଠକେଇର ଶିକାର ହୋଇଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି। ଚଢ଼ାଉରେ ପାଟକୁରା ଥାନା ଆଇଆଇସି ମହମ୍ମଦ ଜାମସେଦ୍‌ଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ବାଲେଶ୍ୱରର ସୁବ୍ରତ ନାମକ ଜଣେ ବ୍ୟକ୍ତିଙ୍କୁ ଦୀଘା ମୋହନା ପୋଲିସ ଅଟକ ରଖି ଜେରା କରିବା ପରେ ଏହି ଏନ୍‌ଜିଓର ଭୂମିକା ସନ୍ଦେହଜନକ ବୋଲି ପର୍ଦ୍ଦାଫାଶ ହୋଇଥିଲା।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଘଟ ଘଟେଇ କହୁଛି କଥା ;**
**ଗୋଟାଏ ଗଣ୍ଡିକି ଚାରିଟା ମଥା ।**

କେତେଜଣ ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ । ଆଚମ୍ବିତ କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ । ଗୋଟିଏ ଶରୀରରେ ଚାରିଟି ମୁଣ୍ଡ ରହିବା ଭଳି ନିହାତି ଅସମ୍ଭବ କଥା କହୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଧର୍ମ ବିତ୍ତ ବଢ଼େ ବହୁତ**
**ଗଲାବେଳେ ଯାଏ ମୂଳ ସହିତ ।**

ଧର୍ମ ଆଧାରରେ ଧନ ଅର୍ଜନ କରି ଜୀବନର ଆବଶ୍ୟକତା ପୂରଣ କରିବାକୁ ଶାସ୍ତ୍ର ନିର୍ଦ୍ଦେଶ ଦେଇଛି । ଅଧର୍ମ ଉପାୟ ଦ୍ୱାରା ଧନ ଅର୍ଜନ କରାଯାଇପାରେ ମାତ୍ର ଏହି ଧନ କେବେ ସ୍ଥାୟୀ ହୋଇ ରହିପାରି ନ ଥାଏ । ଅନ୍ୟାୟ ଦ୍ୱାରା ଅର୍ଜିତ ଧନ ନିଶ୍ଚିତ ଭାବେ ନଷ୍ଟ ହୋଇଯାଏ । ଏହି ନଷ୍ଟ ଯୋଗୁ ବ୍ୟକ୍ତି ତା'ର ମୂଳଧନକୁ ମଧ ହରାଇଥାଏ । ଅନ୍ୟାୟ ଉପାୟରେ ଧନ ଆହରଣ କରିବା ଦ୍ୱାରା ବ୍ୟକ୍ତିର ସମୃଦ୍ଧି ନଷ୍ଟ ହେବା ସହ ତା'ର ମାନ ସମ୍ମାନ ସବୁ ମାଟିରେ ମିଶିଯାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ପରିତ୍ୟକ୍ତ ଟାଙ୍କିରେ...

ଏଥିସହ ଜିଲା ରେଡ୍‌କ୍ରସ୍ ସହାୟତା ପାଣ୍ଠି ତରଫରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଖବରପାଇ ଭାଜପା ନେତା ବିଭୁଦତ୍ତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏଭଳି ଦୁଃଖଦ ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ୧୭ ମାସରେ ୧୪ ଶୁଣାଣି...

ପ୍ରକାଶ ପାଇଛି। ଏସଂକ୍ରାନ୍ତରେ ଅକ୍ଟୋବର ୨୯ରେ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି, ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ୨୦୨୪ ଜୁଲାଇ ପହିଲାରେ ପ୍ରଥମ ଜନଅଭିଯୋଗ ସାକ୍ଷାତରେ ନେଇଥିଲେ ; ଯେଉଁଥିରେ କିସିଧାସଳଖ ୧୦୦୦ ଆବେଦନ ଗ୍ରହଣ କରାଯାଇଥିଲା । ତେବେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ହେଉଛି ନାଗରିକ କୈନ୍ଦ୍ରିକ । ଏଥିପ୍ରତି ଲୋକଙ୍କ ବହୁ ଆଶା ଓ ଭରସା ରହିଛି। ଏହା ମାଧ୍ୟମରେ ସମାଜର ବହୁଲୋକ ବିଶେଷ ଭାବେ ଉପକୃତ ହୋଇପାରୁଛନ୍ତି। ଅଦ୍ୟାବଧି ମୁଖ୍ୟମନ୍ତ୍ରୀ ୧୪ଥର ଜନଅଭିଯୋଗ ଶୁଣାଣି କରି ୧୨ହଜାର ୯୫୦ ଅଭିଯୋଗ ଗ୍ରହଣ କରିଛନ୍ତି।

ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି, ଜୁଲାଇ ପହିଲାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୧୪୨୦ଟି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୧୪୧୧ଟିର ଫଇସଲା ହୋଇଛି। ଉକ୍ତଦିନର ୯୯% ଅଭିଯୋଗର ସମାଧାନ ହୋଇଥିଲେ ବି ୯ଟିର କାହିଁକି ସମାଧାନ ହୋଇନାହିଁ ତାହା ବୁଝାପଡୁନାହିଁ। ସେହିପରି ଜୁଲାଇ ୧୫ରେ ୧୬୩୨ ଅଭିଯୋଗ ମଧ୍ୟରୁ ୧୬୦୯ଟିର ଫଇସଲା ହୋଇଥିବାବେଳେ ୨୩ଟି ବାକି ରହିଥିବାବେଳେ ଅଗଷ୍ଟ ୫ରେ ସର୍ବାଧିକ ୨୩୪୯ଟି ଅଭିଯୋଗ ମଧ୍ୟରୁ ୨୩୦୯ଟିର ଫଇସଲା ହୋଇଛି।

ସେହିପରି ସେପ୍ଟେମ୍ବର ୨୩ରେ ୭୨୭ରୁ ୭୧୦ଟିର ଫଇସଲା ହୋଇଥିବାବେଳେ ଅକ୍ଟୋବର ୨୧ରେ ୭୧୪ରୁ ୬୯୭, ଡିସେମ୍ବର ୧୬ରେ ୫୦୩ରୁ ୪୮୬, ୨୦୨୫ ଫେବୃଆରୀ ୩ରେ ୭୦୬ରୁ ୬୭୫, ମାର୍ଚ୍ଚ ୩ରେ ୬୪୦ରୁ ୫୮୭, ଏପ୍ରିଲ ୨୧ରେ ୮୫୭ରୁ ୮୧୫, ମେ' ୧୯ରେ ୬୬୦ରୁ ୬୦୩ଟିର ଫଇସଲା ହୋଇଛି। ହେଲେ ୨୦୨୫ ଜୁଲାଇ ୭ରେ ୬୨୨ଟି ଅଭିଯୋଗ ମଧ୍ୟରୁ ୪୯୫ଟି ଫଇସଲା ହୋଇଛି, ଯାହା କି ମାତ୍ର ଫଇସଲା ହାର ୮୦ ପ୍ରତିଶତ ରହିଛି। ଜୁଲାଇ ୨୮ରେ ୭୩୬ରୁ ୫୪୩ଟିର ଫଇସଲା ହୋଇଥିବାବେଳେ ୧୯୩ଟି ବକେୟା ରହିଛି। ଅଗଷ୍ଟ ୧୧ରେ ଶେଷଥର ପାଇଁ ହୋଇଥିବା ଅଭିଯୋଗ ଶୁଣାଣିରେ ୬୯୮ରୁ ମାତ୍ର ୪୩୪ଟିର ଶୁଣାଣି ହୋଇଛି। ଅଭିଯୋଗ ଫଇସଲା ହାର ମାତ୍ର ୬୨ ପ୍ରତିଶତ ରହିଛି। ଏହାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ତେଣୁ ତୁରନ୍ତ ବକେୟା ଥିବା ଅଭିଯୋଗର ଫଇସଲା କରି ୧୫ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ସୁରେନ୍ଦ୍ର କୁମାର ପତ୍ରରେ ଦର୍ଶାଇଛନ୍ତି।

## ଚାଇନା, ପାକିସ୍ତାନ...

ନିର୍ଭରଯୋଗ୍ୟତାକୁ ସୁନିଶ୍ଚିତ କରିବା ନିମନ୍ତେ ପରୀକ୍ଷା ଜରୁରୀ ବୋଲି ଟ୍ରମ୍ପ୍ ଆମେରିକାର ଅଣୁଅସ୍ତ୍ର ପରୀକ୍ଷା ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇବାକୁ ଯାଇ କହିଛନ୍ତି। ସୂଚନାଯୋଗ୍ୟ, ଆମେରିକା ସେନା ନିୟମିତ ଭାବେ ଅଣୁଅସ୍ତ୍ରବାହୀ କ୍ଷେପଣାସ୍ତ୍ର ପରୀକ୍ଷା ଜାରି ରଖିଥିଲା। ୧୯୯୨ରୁ ଏହି ପରୀକ୍ଷାକୁ ବନ୍ଦ ରଖିଛି। ସାକ୍ଷାତ୍‌କାରରେ ଟ୍ରମ୍ପ୍ ପୁଣିଥରେ ଭାରତ-ପାକିସ୍ତାନ ସଂଘର୍ଷ ରୋକିବା ଦାବି ଦୋହରାଇଛନ୍ତି। ଇତିମଧ୍ୟରେ ୮ଟି ଯୁଦ୍ଧ ବନ୍ଦ କରିଥିବା ସେ ଦାବି କରିଛନ୍ତି।

## ପ୍ରଚାର ପାଇଁ ଲୋକ...

ଗତ ରବିବାର କଂଗ୍ରେସର ଏକ ବାଇକ୍ ରାଲି କରାଯାଇଥିଲା। ଏହା ଟାନ୍‌ୱାଟ ଛକରୁ ଆରମ୍ଭ ହୋଇ ଖରିଆର ରୋଡ୍ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ପ୍ରାୟ ୫ଶହରୁ ଅଧିକ ବାଇକ୍ ଆସିଥିଲା। ଏମାନଙ୍କୁ ଖାଇବା ପିଇବା ଦେଇ ଜଣ ପିଛା ଟଙ୍କା ମଧ ଦିଆଯାଇଥିବା ଦିଆମୁଣ୍ଡା ଗ୍ରାମର ଜଣେ ବ୍ୟକ୍ତି ପ୍ରକାଶ କରିଛନ୍ତି।

ସେହିପରି ସୋମବାର କୋମନା ବ୍ଲକର ତରବୋଡରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ ନିର୍ବାଚନୀ ସଭାରେ ଯୋଗଦେଇ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ସମାବେଶରେ ପ୍ରାୟ ୧୫ରୁ ୨୦ ହଜାର ଲୋକଙ୍କ ସମାଗମ ହୋଇଥିବା କୁହାଯାଇଥିଲା। ଏହି ସମାବେଶକୁ ଆସିଥିବା ଲୋକଙ୍କୁ ଜଣପିଛା ୨ଶହ ଟଙ୍କା ଦେଇ ଗାଡ଼ିରେ ଅଣାଯାଇଥିବା ଝଗ୍ରାହି ଗ୍ରାମର ଜଣେ ବ୍ୟକ୍ତି ଆମକୁ କହିଛନ୍ତି। ଅନୁରୂପ ଭାବେ ନବୀନଙ୍କ ସଭାକୁ ଭଣ୍ଡୁର କରିବା ପାଇଁ ଭାଜପା ମଧ ସମାନ ଢଙ୍ଗରେ ଏହାର ନିକଟସ୍ଥ ଗାଁଗୁଡିକରେ ସଭା ସମିତି ଆୟୋଜନ କରି ଲୋକଙ୍କୁ ଖାଇବା ପିଇବା ଦେଇ ଜଣ ପିଛା ଟଙ୍କା ମଧ ଦେଉଥିବା ତରବୋଡ଼ ଗ୍ରାମର ଜଣେ ମହିଳା ପ୍ରକାଶ କରିଛନ୍ତି। ଭାଜପା ଲୋକଙ୍କୁ ବିଭିନ୍ନ ସଭା ଓ ରାଲିକୁ ଆଣିବାକୁ ଜଣ ପିଛା ୨ଶହରୁ ୫ଶହ ଟଙ୍କା ଦେଉଥିବା ଭାଲଗୁଡୁରୀ ପଞ୍ଚାୟତ ସରାଇପାଲି ଗ୍ରାମର ଜଣେ ବ୍ୟକ୍ତି ଆମକୁ କହିଛନ୍ତି।

ନୂଆପଡ଼ା ଉପନିର୍ବାଚନକୁ ଆଉ ସପ୍ତାହେ ରହିଲା। ଆଗକୁ ପ୍ରଚାର ଆହୁରି ସରଗରମ ହେବ। ତିନି ଦଳର ହେବିୱେଟ ନେତା ନୂଆପଡ଼ା ଆସି ପ୍ରଚାର କରିବେ। ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଆସି କଂଗ୍ରେସ ପାଇଁ ପ୍ରଚାର କରିବେ ବୋଲି ଦଳ ସୂଚନା ଦେଇଛି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଆଗାମୀ ଦିନରେ ଆସି ନିର୍ବାଚନ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। ନବୀନ ପଟ୍ଟନାୟକ ଆଉ ଥରେ ଆସି ଖରିଆର ରୋଡ୍‌ରୁ ନୂଆପଡା ପର୍ଯ୍ୟନ୍ତ ରୋଡ୍ ଶୋ କରିବେ ବୋଲି ଶୁଣିବାକୁ ମିଳୁଛି। ତେବେ ଏହି ସବୁ କାର୍ଯ୍ୟକ୍ରମରେ ଲୋକଙ୍କ ଭିଡ଼ ପାଇଁ ଗାଡ଼ିମୋଟରରେ ସେମାନଙ୍କୁ ସଭାକୁ ଆଣିବା ସହିତ ଖାଦ୍ୟ ଓ ଟଙ୍କା ଦିଆଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏପଟେ ଲୋକେ ସଭା ସମିତିକୁ ପ୍ରତ୍ୟହ ଆସୁଥିବାରୁ ଧାନ ଅମଳ ପ୍ରକ୍ରିୟା ମଧ ରହିଯାଉଛି ବୋଲି ପଞ୍ଚମପୁର ଗ୍ରାମର ଦେଓନାଥ ମହାନନ୍ଦ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶନି ସହ ଚନ୍ଦ୍ରଙ୍କ ସଂଯୋଗ ନିରୁତ୍ସାହିତ କରିପାରେ। ଧାର୍ମିକ କାର୍ଯ୍ୟରେ ବ୍ୟୟ ସାଙ୍ଗକୁ ଆନୁଷଙ୍ଗିକ ସହଯୋଗ ଅଭାବରୁ କୌଣସି କାମ ସମ୍ପନ୍ନ କରି ନ ପାରନ୍ତି। ଅବଶ୍ୟ କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ। ଆଜି ବୃଥା ତର୍କ ନ କରି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ**
କର୍ମାଧିପ ଗୁରୁଙ୍କ ଦୃଷ୍ଟିରେ ଥିବାରୁ କର୍ମାରମ୍ଭ ପ୍ରତିପ୍ରଦ ରହିବା ସାଙ୍ଗକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଉନ୍ନତି କରିବେ। ବନ୍ଧୁଙ୍କ ନିକଟରୁ ଯାହା ପାଉଛନ୍ତି ତାହାକୁ ଆଦରର ସହ ଗ୍ରହଣ କରିବା ଭଲ । ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ ।

**ମିଥୁନ**
ଆପଣଙ୍କ ଯୁକ୍ତିଯୁକ୍ତ ମତମନ୍ତବ୍ୟକୁ ବନ୍ଧୁମାନେ ବିରୋଧକଲେ ମଧ ସଫଳତା ଅବଶ୍ୟମ୍ଭାବୀ। ପାରିବାରିକ କ୍ଷେତ୍ରରେ ସମସ୍ୟା ରହିବ, କିନ୍ତୁ ହଠାତ୍ କୌଣସି ପଦକ୍ଷେପ ନେଲେ ଝମେଲା ବଢ଼ିଯିବ। ଜମିଜମା ବିବାଦ କିମ୍ବା କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଶିଳ୍ପ, ପରିବହନରେ ସଫଳତା ପାଇବେ।

**କର୍କଟ**
ଉନ୍ନତ ଚିନ୍ତାଧାରା ସାଙ୍ଗକୁ ଗଠନମୂଳକ ପରାମର୍ଶ ବନ୍ଧୁ ଗହଣରେ ଗ୍ରହଣୀୟ ହେବ। ଛୋଟ କଥାକୁ ନେଇ ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିବ। ବାଣିଜ୍ୟ, ପରିବହନ ଓ ସଙ୍ଗଠନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ ।

**ସିଂହ**
ଧନ ସ୍ଥାନରେ କେତୁଗ୍ରହ ପ୍ରଭାବରେ ଆର୍ଥିକ ସମସ୍ୟା ମଧ୍ୟରେ ପିଲାଙ୍କ ଅଭିଯୋଗକୁ ନେଇ ମନ ଅସ୍ଥିର ରହିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ସରକାରୀ ଆଦେଶ ପ୍ରାପ୍ତହୋଇ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରିସ୍ଥିତି ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ।

**କନ୍ୟା**
ଭାଗ୍ୟସ୍ଥାନକୁ ରାଶ୍ୟାଧିପ ଦେଖୁଥିବାରୁ କୌଣସି ଶୁଭ ଖବର ପାଇବେ। ଯାତ୍ରା ସମୟରେ ପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବା ହେତୁ ବିରକ୍ତି ଅନୁଭବ କରିବେ। ଆଜି ସୁଦ୍ଧା ପାଇପାରି ନ ଥିବା ଜିନିଷଟି ପାଇ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା**
ସ୍ୱଗୃହୀଜନିତ ଆଜି ଯାହା ଓ ଯେମିତି ଚାହୁଁଛନ୍ତି ସେମିତି କାମ କରନ୍ତୁ, କିନ୍ତୁ ବିବାଦରୁ ଦୂରେଇରହନ୍ତୁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା**
ଶନିଙ୍କ ଦୁର୍ବଳତା ହେତୁ ପରିବାରର ବିଭିନ୍ନ ସମସ୍ୟା ମୂଳକ ବିଷୟ ଚିନ୍ତାକରି ମାନସିକ ସୁସ୍ଥତା ରହିବ ନାହିଁ। ସହକର୍ମୀଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ**
ଅଷ୍ଟମସ୍ଥ ବୃହସ୍ପତି ପ୍ରଭାବରେ ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗୁପ୍ତକଥା, କଳାଧନ, କଚେରି ମାମଲା ସମ୍ପର୍କିତ ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାର ପ୍ରଯତ୍ନ କରିପାରନ୍ତି । ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର**
ରାହୁ ମୁଖମଣ୍ଡନ କରିଥିବାରୁ ମୂଲ୍ୟହୀନ କଥାରେ ବିତର୍କକରି ପରିବାରରେ କଳହ ଲାଗିପାରେ। ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ର, ଜମିଜମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ**
ଧନାଧିପ ଦ୍ୱିତୀୟକୁ ଅବଲୋକନ କରୁଥିବାରୁ ବନ୍ଧୁଙ୍କ ନିକଟରୁ ପ୍ରାପ୍ତି ଆଶା ନିରର୍ଥକ ହେବ ନାହିଁ। ନିଜ ପରିସରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ, ଏଣୁ ସତର୍କ ରହିବା ଭଲ। କଠୋର ପରିଶ୍ରମ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ ।

**ମୀନ**
ଭାଗ୍ୟଭାବସ୍ଥ ବୁଧ ଓ ମଙ୍ଗଳ ପ୍ରଭାବରେ କୌଣସି ବନ୍ଧୁଙ୍କ ସାହାଯ୍ୟରୁ ଯାନବାହନ, ନୂତନ ମେଶିନେରି ଜିନିଷ କିଣିପାରନ୍ତି। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ଫଳରେ ମନ ଏକପ୍ରକାର ହାଲୁକା ରହିବ। ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ସମ୍ପନ୍ନ ହୋଇଯାଇପାରେ।

ଆଜି ନଭେମ୍ବର ୪ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ବା ଡାଳକିଆ ବେଶ, କଳ୍ପବୃକ୍ଷୋତ୍ସବ, କାର୍ତ୍ତିକ ଶୁକ୍ଳପକ୍ଷର ବୈକୁଣ୍ଠ ଚତୁର୍ଦ୍ଦଶୀ ମଙ୍ଗଳବାର,ବଡ଼ଓଷା। ରାଶିନକ୍ଷତ୍ର-ଦିବା ଘ.୧୨।୩୩ମ. ପର୍ଯ୍ୟନ୍ତ ରେବତୀ/ମୀନ, ତା'ପରେ ଅଶ୍ୱିନୀ/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ମଙ୍ଗଳ ଚତୁର୍ଦ୍ଦଶୀ ସ୍ନାନ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ଦିବା ଘ.୦୫।୫୨ ଗତେ, ଘ.୦୬।୩୭ ମଧ୍ୟେ, ଘ.୦୮।୪୧ ମି. ଗତେ, ଘ.୧୧।୦୭ ମି. ମଧ୍ୟେ ଶୁଦ୍ଧ ଶୁଭବେଳା।

# ପୋଲିସ କବ୍‌ଜାରେ ସାର୍ପ ଶୁଟର କୁରୁପତି

## ପୀତବାସ ପଣ୍ଡା ହତ୍ୟା ମାମଲା

### ସୁପାରିକିଲର ନିୟୋଜିତ କରିଥିବା ଉମା ବିଷୋୟୀ ବି ଧରାପଡ଼ିଲେ

ବ୍ରହ୍ମପୁର,୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନ୍‌ଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଫେରାର ଥିବା ସାର୍ପ ଶୁଟର କୁରୁପତି ଭୂୟାଁ ଓ ସୁପାରିକିଲର ଯୋଗାଡ଼ କରିଥିବା ଉମା ବିଷୋୟୀ ସୋମବାର ଧରାପଡ଼ିଛନ୍ତି। ସେମାନେ ଓଡ଼ିଶା ବାହାରକୁ ଖସି ପଳାଉଥିବାବେଳେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କାବୁ କରିଛି। ଉଭୟଙ୍କୁ ଏକ ଅଜ୍ଞାତ ସ୍ଥାନରେ ରଖି ମୁହାଁମୁହିଁ ଜେରା କରାଯାଉଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସାର୍ପ ଶୁଟରଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ କରାଯିବ। ପୀତବାସଙ୍କୁ ହତ୍ୟା ପାଇଁ କିଏ ସୁପାରି ଦେଇଥିଲେ, ବନ୍ଧୁକ କେଉଁଠୁ ଅଣାଯାଇଥିଲା ଓ ହତ୍ୟା ପାଇଁ କେଉଁଠି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା ସେ ନେଇ ଖୋଳତାଡ଼ ଚାଲିଛି। ଏହି ମାମଲାରେ ପୂର୍ବରୁ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୪ ଜଣ ଗିରଫ ହୋଇ ଜେଲରେ ଅଛନ୍ତି। ବିକ୍ରମ ଓ ପିଣ୍ଟୁଙ୍କ ସହ ଉମାଙ୍କର କିଭଳି ସମ୍ପର୍କ ହୋଇଥିଲା ସେ ନେଇ ମଧ୍ୟ ପୋଲିସ ଟିମ୍ ତନାଘନା ଚଳାଇଛି।

ଗତ ଅକ୍ଟୋବର ୬ ତାରିଖ ରାତିରେ ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ଘର ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ରାଜନୈତିକ, ବ୍ୟବସାୟିକ ଓ ବ୍ୟକ୍ତିଗତ ଶତ୍ରୁତାରୁ ପୀତବାସଙ୍କୁ ହତ୍ୟା କରାଯାଇଥିବା ୨୨ତାରିଖରେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. ସ୍ପଷ୍ଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିକ୍ରମ ଓ ପିଣ୍ଟୁଙ୍କ ସମେତ ୧୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାର୍ପ ଶୁଟର ଦିଗପହଣ୍ଡି ଥାନା ଅନ୍ତର୍ଗତ ବନ୍ଥପଲିର କୁରୁପତି ଓ ସୁପାରିକିଲର ନିୟୋଜିତ କରିଥିବା ସଦର ଥାନା ଅନ୍ତର୍ଗତ ବାଲିପଡ଼ାର ଉମା ଫେରାର ଥିଲେ। ପୀତବାସଙ୍କ ହତ୍ୟା ପାଇଁ ୫୦ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ଏସ୍‌ପି କହିଥିଲେ। ଶୁଟରଙ୍କ ପାଇଁ ଉମା ଆଗୁଆ ୧୦ ଲକ୍ଷ ଟଙ୍କା ନେଇଥିଲେ। ହତ୍ୟାକାଣ୍ଡ ପାଇଁ ସେ ପ୍ରଥମେ ୨ଜଣ ବିହାରୀ ଯୁବକଙ୍କୁ ନିୟୋଜିତ କରିଥିଲେ। ଉଭୟଙ୍କୁ ଅଳକାପୁରୀ ଅଞ୍ଚଳରେ ଭଡ଼ାଘରେ ରଖାଯାଇଥିଲା। ପୀତବାସ ଜଣେ ଆଇନଜୀବୀ ଜାଣିବା ପରେ ବିହାରୀ ଯୁବକଦ୍ୱୟ ଲୁଚି ପଳାଇଥିଲେ। ଏଥିରେ ଉମା ହଡ଼ବଡେଇ ଯାଇ ବନ୍ଥପଲିର କୁରୁପତି ଓ ଚିଣ୍ଟୁ ପ୍ରଧାନଙ୍କୁ ପୀତବାସଙ୍କ ହତ୍ୟା ପାଇଁ ନିୟୋଜିତ କରିଥିଲେ। ହତ୍ୟାକାଣ୍ଡର ୫ ଦିନ ପୂର୍ବରୁ ପୀତବାସଙ୍କ ଘରଠାରୁ ୨୦୦ ମିଟର ଦୂରରେ ସେମାନେ ଭଡ଼ାଘରେ ରହିଥିଲେ। ଉଭୟେ ଘଟଣା ଘଟିବା ରାତିରେ ଘରକୁ ଫେରୁଥିବା ପୀତବାସଙ୍କ ଗାଡ଼ି ନିକଟକୁ ଆସି ପଣ୍ଡା ବାବୁ ଭଲ ଅଛନ୍ତି କି ବୋଲି ପଚାରିଥିଲେ। ପରେ କୁରୁପତି ଅତି ନିକଟରୁ ପୀତବାସଙ୍କ ଛାତିକୁ ଗୁଳିମାଡ଼ କରିବା ପରେ ସହଯୋଗୀ ଚିଣ୍ଟୁଙ୍କ ବାଇକ୍‌ରେ ଚମ୍ପଟ ମାରିଥିଲେ। ଚିଣ୍ଟୁଙ୍କୁ ପୋଲିସ ବେଙ୍ଗାଲୁରୁରୁ ଗିରଫ କରିଥିଲା। ଫେରାର ଥିବା ଉମା ଓ କୁରୁପତିଙ୍କୁ ନିଜ ଫାର୍ମ ହାଉସ୍‌ରେ ଆଶ୍ରୟ ଦେଇଥିବା ବିକ୍ରମଙ୍କ ବନ୍ଧୁ ସୁନୀଲ ହୋତାଙ୍କୁ ଗତ ୨୩ ତାରିଖରେ ପୋଲିସ ଗିରଫ କରିଥିଲା। ସେହିପରି ବିହାରୀ ଯୁବକଙ୍କୁ ବ୍ରହ୍ମପୁରରେ ନିଜ ଘରେ ଆଶ୍ରୟ ଦେଇଥିବା ଅଭିଯୋଗରେ ପୋଲିସ ଶୂନ୍ୟ ଦାସଙ୍କୁ ଗତ ୨୮ ତାରିଖରେ ଗିରଫ ପରେ ଜେଲ ପଠାଯାଇଥିଲା। ପୀତବାସ ହତ୍ୟାକାଣ୍ଡରେ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ବିକ୍ରମଙ୍କ ସମେତ ୧୩ ଜଣ ଏବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବାବେଳେ ସୁରକ୍ଷା ଦୃଷ୍ଟିରୁ ଅଭିଯୁକ୍ତ ପିଣ୍ଟୁଙ୍କୁ ଗତ ଶୁକ୍ରବାର ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଛି।

# ଜେଲ ଗଲେ ଶଙ୍କର, ସିଲିକନ ଟେକ୍ ଲ୍ୟାବ ଏମ୍‌ଡି

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

ଭୁବନେଶ୍ୱର/ବ୍ରହ୍ମପୁର,୩।୧୧ (ସତ୍ୟଜିତ୍ ରାଉତ/ସୁବାସ ଚନ୍ଦ୍ର ପାଢ଼ୀ)


ସୁରେଶ ଚନ୍ଦ୍ର ନାୟକ


ଶଙ୍କର ପୃଷ୍ଟି

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି କେଳେଙ୍କାରୀରେ କ୍ରାଇମବ୍ରାଞ୍ଚ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କୁ ଗିରଫ କରିବା ପରେ ବଡ଼ ରହସ୍ୟ ପଦାକୁ ଆସିଛି। ଏହି ଜାଲିଆତିରେ ଶଙ୍କରଙ୍କ ସହ ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମାଲିକ(ପ୍ରମୋଟର) ସୁରେଶ ଚନ୍ଦ୍ର ନାୟକ ସାମିଲ ଥିବା କ୍ରାଇମବ୍ରାଞ୍ଚ ପ୍ରମାଣ ପାଇବା ପରେ ତାଙ୍କୁ ସୋମବାର କ୍ରାଇମବ୍ରାଞ୍ଚ ଗିରଫ କରିଛି। ଶଙ୍କରଙ୍କୁ ଉତ୍ତରାଖଣ୍ଡରୁ ଶନିବାର ରାତିରେ ଗିରଫ ପରେ ୨ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ କଟକ କ୍ରାଇମବ୍ରାଞ୍ଚ ଅଫିସରେ ରଖାଯାଇଥିବାବେଳେ ସୁରେଶଙ୍କୁ ମଧ୍ୟ ସେଠାକୁ ନିଆଯାଇଥିଲା। ପଚରାଉଚରା ପରେ ଉଭୟଙ୍କୁ ବ୍ରହ୍ମପୁର ନିଆଯାଇଥିଲା। ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ) କୋର୍ଟ ବିଚାରପତିଙ୍କ ଆବାସିକ କକ୍ଷରେ ଅଭିଯୁକ୍ତଦ୍ୱୟଙ୍କୁ ହାଜର କରାଯାଇଥିଲା। ସେଠାରୁ ଶଙ୍କର ଓ ସୁରେଶଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶଙ୍କର ଏବଂ ସୁରେଶଙ୍କ ବିରୋଧରେ ସମାନ ଦଫା ଲାଗିଛି।

କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏସ୍‌ଆଇ ପରୀକ୍ଷା ପରିଚାଳନାର ଦାୟିତ୍ୱ ପ୍ରାପ୍ତ ଆଇଟିଆଇ ଲିମିଟେଡ୍ ଏହି କାର୍ଯ୍ୟକୁ ସିଲିକନ୍ ଟେକ୍‌କୁ ସବ୍ ଟେଣ୍ଡର ଦେଇଥିଲା। ସୁରେଶ ହିଁ ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ ଏବଂ ପରିବହନ ପାଇଁ ଦାୟୀ ଥିଲେ। ତଦନ୍ତବେଳେ ଆହୁରି ଜଣାପଡିଛି ଯେ, ସୁରେଶ ହିଁ ଶଙ୍କରଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ। ବଡ଼ କଥା ହେଉଛି, ଶଙ୍କରଙ୍କୁ ଆଶ୍ରୟ ଦେବା ଓ ଫେରାର କରାଇବାରେ ସୁରେଶଙ୍କ ବଡ଼ ଭୂମିକା ଥିଲା। ସୁରେଶ ତାଙ୍କ ନୂଆଦିଲ୍ଲୀ କାଲକାଜୀସ୍ଥିତ କମ୍ପାନୀ ଗେଷ୍ଟ ହାଉସରେ ଶଙ୍କରଙ୍କୁ ଆଶ୍ରୟ ଦେଇଥିଲେ। ପରେ ତାଙ୍କୁ ସେହି ସ୍ଥାନରୁ ଫେରାର ହେବାକୁ ସତର୍କ କରାଇ ଗିରଫ ଓ ତଦନ୍ତ କବଳରୁ ବଞ୍ଚାଇଥିଲେ। ଯାହାକି ଉଭୟଙ୍କ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କକୁ ସ୍ପଷ୍ଟ କରିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ସଂଗଠିତ ଆପରାଧିକ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ଅନୁସନ୍ଧାନ ଚାଲିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରାପ କ୍ୟାମେରାରେ ପୁଣି ଫସିଲା ଶିକାରୀ

## ୪ ଗିରଫ, ୩ ଦେଶୀ ବନ୍ଧୁକ ଜବତ

ନୀଳଗିରି, ୩।୧୧(ପ୍ରଶାନ୍ତ ବିଶ୍ୱାଳ)


ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟରୁ ପୁଣି ଶିକାରୀଙ୍କୁ ଧରାଇ ଦେଇଛି ଟ୍ରାପ୍ କ୍ୟାମେରା। ଅହିରାଜବାଙ୍କ, ପୁରୁଣାପାଣି ବିଟ୍ ଅଞ୍ଚଳରେ ବନବିଭାଗ ପକ୍ଷରୁ ଖଞ୍ଜାଯାଇଥିବା ଗୋଟିଏ ଟ୍ରାପ୍ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ଗତ ଅକ୍ଟୋବର ୩୧ ତାରିଖ ଅପରାହ୍ନ ୩ଟା ୨୬ରେ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ମାଙ୍କଡ଼ପଡ଼ା ପଦାଘାଟ ଚେମଚଟା ଲଧାସାହିର ଅଭିଯୁକ୍ତ ରାବଣ କଟୁଆଳ, ମହାଦେବ କଟୁଆଳ, ଶଙ୍କର ନାୟକ, ପକୋ କଟୁଆଳ କୁଲଡ଼ିହା ରେଞ୍ଜ୍‌ରେ ଶିକାର ଉଦ୍ଦେଶ୍ୟରେ ପଶିଥିଲେ। ଟ୍ରାପ୍ କ୍ୟାମେରାରେ ଫଟୋ ରହିଯିବା ଆଶଙ୍କାରେ ୪ଟି କ୍ୟାମେରାକୁ ଭାଙ୍ଗି ନେଇଆସିଥିଲେ। ସେଥିରୁ ୨ଟିକୁ ପୋଖରୀକୁ ଫିଙ୍ଗି ଦେଇଥିବା ବେଳେ ୨ଟି ଭଙ୍ଗା କ୍ୟାମେରାକୁ ମାଟିତଳେ ପୋତି ଲୁଚାଇ ରଖିଥିଲେ। ବନବିଭାଗର ରୁଟିନ ଚେକ୍ ସମୟରେ ଘଟଣା ଜଣାପଡ଼ିବା ପରେ ସେମାନଙ୍କ ସନ୍ଧାନରେ ଲାଗିଥିଲା। ସୋମବାର ଭୋର ୫ଟା ସମୟରେ କୁଲଡ଼ିହା ବନବିଭାଗ ଓ ବରହମପୁର ପୋଲିସ ସହଯୋଗରେ ଏହି ୪ଜଣ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଗୁଳି ଭର୍ତ୍ତି ୩ ଦେଶୀ ବନ୍ଧୁକ ସମେତ ଦୁଇଟି ଭଙ୍ଗା ଏଆଇ କ୍ୟାମେରାକୁ ଜବତ କରାଯାଇଛି।

# ଓଡ଼ିଶାରୁ ଅପରେଟ ହେଉଛି ଆନ୍ତଃରାଜ୍ୟ ବାଘଛାଲ ର୍ୟାକେଟ

## କର୍ଣ୍ଣାଟକର ବାଘଛାଲ ଭୁବନେଶ୍ୱରରେ ବିକ୍ରି ଯୋଜନା

- ୩୦ ଲକ୍ଷ ଟଙ୍କାରେ ଡିଲ୍ କରି ଧରିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍
- କଲରାପତରିଆ ଛାଲ ଜବତ, ୩ ଗିରଫ

ଭୁବନେଶ୍ୱର,୩।୧୧(ସତ୍ୟଜିତ ରାଉତ)


ଜବତ ବାଘଛାଲ ଓ ଗିରଫ ୩ ଅଭିଯୁକ୍ତ।

ଭୁବନେଶ୍ୱରରୁ ଅପରେଟ ହେଉଛି ଆନ୍ତଃରାଜ୍ୟ ବାଘଛାଲ ର୍ୟାକେଟ୍। ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ବାଘ ଶିକାର ପରେ ଛାଲ ବିକ୍ରି ପାଇଁ ଭୁବନେଶ୍ୱର ଆସୁଛି। କର୍ଣ୍ଣାଟକର ଏକ କଲରାପତରିଆ ଛାଲ ବିକ୍ରି ଯୋଜନା ହେଉଥିବାବେଳେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ତାହାକୁ ଧରିବା ସହ ସମ୍ପୃକ୍ତ ଏକ ବଡ଼ ର୍ୟାକେଟର ପର୍ଦ୍ଦାଫାଶ କରିଛି। ଏସ୍‌ସିୟୁର ଅଧିକାରୀମାନେ ଗ୍ରାହକ ବେଶରେ ରହି ଜୟଦେବ ବିହାର ଅଞ୍ଚଳରୁ ସମ୍ପୃକ୍ତ ୩ଜଣ ବାଘଛାଲ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଢୁମୁଢୁମା ପଞ୍ଚସଖାନଗରର ରୋହିତ ମହାପାତ୍ର (୨୬), ଗଣ୍ଡମୁଣ୍ଡାର ଶମ୍ଭୁ ବିଷୋଇ (୨୩) ଓ ଗଞ୍ଜାମ ଭଞ୍ଜନଗରର ମଞ୍ଜିତ୍ ସାବତ (୨୧)। ସେମାନଙ୍କ ପାଖରୁ ଏକ କଲରାପତରିଆ ବାଘଛାଲ ଓ ୫ ମୋବାଇଲ ଜବତ ହୋଇଛି। ଏ ନେଇ ଏସ୍‌ସିୟୁ ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ହାତଗୋଡ଼ ବାନ୍ଧି ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

## ଗୁରୁତର ଅବସ୍ଥାରେ ଉଦ୍ଧାର, ଅଭିଯୁକ୍ତ ଗିରଫ

ଆଗରପଡ଼ା,୩।୧୧(ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଷଗୋଠ ଅଞ୍ଚଳରେ ସୋମବାର ଜଣେ ୧୨ ବର୍ଷର ଆଦିବାସୀ ନାବାଳିକାଙ୍କୁ ହାତଗୋଡ଼ ବାନ୍ଧି ବଳାତ୍କାର ଉଦ୍ୟମ କରାଯାଇଛି। ଏଥିସହ ନାବାଳିକାଙ୍କୁ ହତ୍ୟା ଉଦ୍ୟମ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ନାବାଳିକା ଏବେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୁରୁଷଣ୍ଡ ପଞ୍ଚାୟତ ମୁଣ୍ଡଳୀ ଗ୍ରାମରୁ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଥିବା ବେଳେ ତାଙ୍କ ନାମ ଗୋପନ ରଖାଯାଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୦୫/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ସକାଳ ୬ଟା ବେଳେ ନାବାଳିକା ଜଣକ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟସ୍ଥ କେନାଲକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ଥିବା ଏକ କ୍ରଶରରେ କାମ କରୁଥିବା ଦୁଇଭାଇ କେନାଲରେ ମାଛ ଧରୁଥିଲେ। ସେମାନଙ୍କ ମଧ୍ୟରୁ ସାନଭାଇ ନାବାଳିକାଙ୍କୁ ଏକୁଟିଆ ପାଇ ଏକ ବୁଦାମୂଳକୁ ତାଙ୍କୁ ଟେକି ନେଇ ହାତଗୋଡ଼କୁ ଗାମୁଛାରେ ବାନ୍ଧି ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ନାବାଳିକା ଜୋରରେ ଚିତ୍କାର କରିବାରୁ ଏଥିରେ ଉତ୍ତକ୍ଷିପ୍ତ ହୋଇ ଯୁବକ ଜଣକ କୌଣସି ଧାରୁଆ ଅସ୍ତ୍ରରେ ତାଙ୍କ କପାଳ ଏବଂ ମୁଣ୍ଡକୁ କ୍ଷତବିକ୍ଷତ କରିଦେବା ସହ ମୁହଁକୁ କାମୁଡ଼ି ଖଣ୍ଡିଆ କରି ପକାଇଥିଲେ। ସେହି ସମୟରେ କେହି ଲୋକ ଆସିବା ଦେଖି ସେ ନାବାଳିକାଙ୍କୁ ଛାଡ଼ି ପଳାଇଥିଲେ। ପରିବାର ଲୋକେ ନାବାଳିକାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନାବାଳିକାଙ୍କ ପରିବାର ମୟୂରଭଞ୍ଜ ଜିଲାର ମହୁଲଡିହା ଥାନା ଅଞ୍ଚଳର ମୂଳ ଅଧିବାସୀ।

## ରାଜ୍ୟ ଖବର

# ପାଟଣା ରେଞ୍ଜ୍‌ରେ ବୁଲୁଛି ମହାବଳ

## ଲୋକେ ଆତଙ୍କିତ, ଖଞ୍ଜାଗଲା ୩୫ ଟ୍ରାପ୍ କ୍ୟାମେରା


ଚିହ୍ନଟ ପାଦଚିହ୍ନ।

ପାଟଣା,୩।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ସାଉଥବିଟ୍ ଗୋପୀନାଥପୁର ଗ୍ରାମାଞ୍ଚଳରେ ମହାବଳ ବାଘ ବୁଲୁଛି। ବିଲ କାଦୁଅରୁ ଶନିବାର ସନ୍ଧ୍ୟାରେ ମହାବଳ ବାଘର ପାଦଚିହ୍ନ ଲୋକେ ଦେଖିଥିଲେ। ଖବର ପ୍ରଚାର ପରେ ଲୋକେ ଭୟଭୀତ ଅବସ୍ଥାରେ ଥିବାବେଳେ ବନ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଏ ନେଇ ସୋମବାର କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ହନୁମନ୍ତ ଧାମଧେର ସୂଚନା ଦେଇଥିବା ବେଳେ ଲୋକଙ୍କୁ ଜଙ୍ଗଲକୁ ଯିବା ପାଇଁ ବାରଣ କରାଯାଇଛି।

ସୂଚନା ଅନୁଯାୟୀ, ଗୋପୀନାଥପୁର କେନ୍ଦୁଝର ଓ ମୟୂରଭଞ୍ଜ ଜିଲା କରଞ୍ଜିଆ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବା ବେଳେ ଗ୍ରାମଟି ଅଟେଇ ସଂରକ୍ଷିତ ଜଙ୍ଗଲକୁ ଲାଗିଛି। ଶନିବାର ଗ୍ରାମବାସୀ ଗ୍ରାମ ନିକଟରେ ମହାବଳ ବାଘର ପାଦଚିହ୍ନ ଦେଖିଥିଲେ। ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ପାଦଚିହ୍ନ ଯାଞ୍ଚ କରିବା ସହ ବାଘ ପାଦଚିହ୍ନର ଚିତ୍ର ଉତ୍ତୋଳନ କରିଥିଲେ। ବାଘ ମନିଟରିଂ ଦଳ ପ୍ରତିଦିନ ସେହି ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି। ବାଘଟି ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ବନ ବିଭାଗ ଅନୁମାନ କରୁଛି। ଉପସ୍ଥିତି ପ୍ରମାଣ କରିବା ପାଇଁ ୩୫ଟି ଟ୍ରାପ କ୍ୟାମେରା ଅଟେଇ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ଖଞ୍ଜାଯାଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି। ଡିଏଫ୍‌ଓ ଧନ୍‌ରାଜ କହିଛନ୍ତି, ୨ ଦିନ ପୂର୍ବେ ପାଟଣା ରେଞ୍ଜରୁ ମହାବଳ ବାଘର ପାଦଚିହ୍ନ ଟ୍ରେସ୍ ହୋଇଛି। ବାଘ ଉପରେ ମନିଟରିଂ କରାଯାଉଛି। ବାଘକୁ ଟ୍ରେସ୍ କରିବା ପାଇଁ ଟ୍ରାପ୍ କ୍ୟାମେରା ଲଗାଯାଇଛି। ବାଘର ଫଟୋ ଏ ପର୍ଯ୍ୟନ୍ତ କ୍ୟାମେରାରେ କଏଦ ହୋଇନାହିଁ। ଅଟେଇ ସଂରକ୍ଷିତ ଜଙ୍ଗଲରେ ତୃଣଭୋଜୀ ପ୍ରାଣୀ ସଂଖ୍ୟା ବୃଦ୍ଧି ପାଉଛି, ଏଣୁ ବିଶେଷ କରି ମାଂସାଶୀ ପ୍ରାଣୀଙ୍କ ଏହି ଜଙ୍ଗଲକୁ ଆଗମନ ହେଉଛି। ଏହା ଅଟେଇ ସଫାରି ପାଇଁ ଶୁଭ ସୂଚନା ବୋଲି ସେ କହିଥିଲେ। ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ବାଘଟି ଶିମିଳିପାଳରୁ ପାଟଣା ରେଞ୍ଜ ଓ ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲ ଦେଇ ଢେଙ୍କାନାଳ ପର୍ଯ୍ୟନ୍ତ ଯିବା ଆସିବା କରୁଥିବା ଅନୁମାନ କରାଯାଉଛି।

## ଠାକୁରମୁଣ୍ଡାରେ ବାଘ ଆତଙ୍କ

ଠାକୁରମୁଣ୍ଡା,୩।୧୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ମହାବଳ ବାଘ ଆତଙ୍କ ଦେଖାଦେଇଛି। ମାସେ ହେଲା ବାଘଟି ଗ୍ରାମ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲରେ ଘୂରି ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିବା କହିଛନ୍ତି। ଶିମିଳିପାଳରୁ ଏହି ବାଘଟି ଚାଲି ଆସିଥିବା ବନ ବିଭାଗ ଅନୁମାନ କରିଛି। ଅକ୍ଟୋବର ୧୦ ତାରିଖରେ ସାଲେଇବେଡ଼ା ଗ୍ରାମପଞ୍ଚାୟତ ଖପରଖାଇ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ବାଘ ବୁଲୁଥିବାବେଳେ ଏକ ଗାଈକୁ ଆକ୍ରମଣ କରି ମାରି ଦେଇଥିଲା। ପରଦିନ ଗାଈ ମାଲିକ ସନ୍ତୋଷ ମହାନ୍ତ ଖୋଜାଖୋଜି କରି ଜଙ୍ଗଲ ଭିତରେ ବାଘ ଆକ୍ରମଣରେ ଗାଈଟି ମରି ପଡ଼ିଥିବା ଠାବ କରିଥିଲେ। ଏହାର ୧୦ ଦିନ ପରେ ସେହି ଗ୍ରାମର ଯୋଗେନ୍ଦ୍ର ଗଗରାଇଙ୍କ ୨ଟି ଛେଳିକୁ ଜଙ୍ଗଲରେ ବାଘ ଆକ୍ରମଣ କରି ମାରି ଦେଇଥିଲା। ବାଘଟି ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଳିଆଜିଆଣି ଗ୍ରାମ ନିକଟ ଜଙ୍ଗଲରେ ବୁଲୁଥିବା ଲୋକେ ଦେଖିବା ସହ ତା'ର ପାଦ ଚିହ୍ନ ଦେଖିଥିଲେ। ସେହି ଜଙ୍ଗଲରେ ବାଘ କିଛିଦିନ ରହିବା ପରେ ଏବେ ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁରୁଣାପଣି ଗ୍ରାମକୁ ଲାଗିଥିବା ସଂରକ୍ଷିତ ଜଙ୍ଗଲରେ ଥିବା ଲୋକେ କହିଛନ୍ତି। ବାଘର ଗତିବିଧି ନିରୀକ୍ଷଣ କରିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଖଞ୍ଜା ଯାଇଛି। ଏଥି ସହିତ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି।

# ଶବଗୃହରେ ଜଳିଗଲା ମୃତଦେହ

ବାସୁଦେବପୁର,୩।୧୧ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)



ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବଗୃହରେ ଜଳିଯାଇଥିବା ମୃତଦେହ।

ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ସୋମବାର ନିଆଁ ଲାଗି ବ୍ୟବଚ୍ଛେଦ ପାଇଁ ରଖାଯାଇଥିବା ଏକ ମୃତଦେହ ଜଳିଯାଇଛି। ଜଳିଯାଇଥିବା ମୃତଦେହଟି ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ଗୋପବନ୍ଧୁନଗର ପଞ୍ଚାୟତ ବୁଢ଼ୀଛକ ଗ୍ରାମର କମଳାକାନ୍ତ ଡଗରାଙ୍କ ସ୍ତ୍ରୀ ଯଶୋଦା ଡଗରା(୫୯)ଙ୍କର। ଧୂପ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଯଶୋଦା ସକାଳେ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ତାଙ୍କ ମୃତଦେହ ଶବଗୃହରେ ରଖାଯାଇଥିଲା। ତାଙ୍କ ସମ୍ପର୍କୀୟମାନେ ମୃତଦେହକୁ ଧଳା କପଡ଼ାରେ ଘୋଡ଼ାଇବା ସହ ଧୂପ ଲଗାଇଥିଲେ। ଶବଗୃହର କବାଟ ବନ୍ଦ ଥିବାବେଳେ ମୃତଦେହ ରଖାଯାଇଥିବା ଗଦିରେ ଧୂପ ନିଆଁ ଲାଗି ମୃତଦେହ ଅଧା ପୋଡ଼ିଯାଇଥିଲା। ଶବଗୃହରୁ ଧୂଆଁ ବାହାରିବା ପରେ ମେଡିକାଲ କର୍ତ୍ତୃପକ୍ଷ ଓ ମୃତ ମହିଳାଙ୍କ ସମ୍ପର୍କୀୟ ନିଆଁ ଲାଗିଥିବା ଜାଣିଥିଲେ। ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଏଭଳି ଘଟଣା କେଉଁ ପରିସ୍ଥିତିରେ ଡାକ୍ତରଖାନାରେ ଘଟିଲା ତାହାର ତଦନ୍ତ ପାଇଁ ମୃତ ମହିଳାଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି।

# ହାତୀ ଆକ୍ରମଣରେ ୫ ବର୍ଷର ସାନଭାଇ ମୃତ

## ମା' ପଛେ ଦୁଇ ଭାଇ ବିଲକୁ ଯାଇଥିଲେ

ଲାଞ୍ଜିଗଡ଼,୩।୧୧(ରମେଶ ଚନ୍ଦ୍ର ନାୟକ)


ପୋଲିସ, ବନବିଭାଗ କର୍ମଚାରୀମାନେ ତଦନ୍ତ କରୁଛନ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ହରଡାଗୁଡ଼ା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ମା' ବାପା ପଛେ ପଛେ ବିଲକୁ ଯାଇଥିବା ୨ ଭାଇଙ୍କୁ ରାସ୍ତାରେ ଦନ୍ତା ହାତୀ ଆକ୍ରମଣ କରିଛି। ଏଥିରେ ୫ ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରଡାଗୁଡ଼ା ଗ୍ରାମର କାଣୁ ମାଝୀଙ୍କ ସାନପୁଅ ରବି ମାଝୀ। ବଡ଼ ପୁଅ ସାମ୍ବରୁ ମାଝୀ (୮) ଗୁରୁତର ହୋଇଛନ୍ତି। ଏ ନେଇ ବିଜେପୁର ଥାନା ପୋଲିସ ଏକ (ନଂ. ୯/୨୫) ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, କୁନାକାଡୁ ଗାଁର କାଣୁ ମାଝୀ କିଛି ବର୍ଷ ପୂର୍ବରୁ ନିକଟସ୍ଥ ହରଡାଗୁଡ଼ା ଗ୍ରାମରେ ନିଜ ସମ୍ପର୍କୀୟଙ୍କ ଜାଗାରେ ଘର ତିଆରି କରି ସ୍ତ୍ରୀ ଓ ତିନିପୁଅଙ୍କ ସହିତ ରହୁଥିଲେ। ସୋମବାର ସକାଳ ପ୍ରାୟ ୭ଟାରେ କାଣୁ ଓ ତାଙ୍କ ସ୍ତ୍ରୀ ଚାଷଜମିକୁ ଯାଉଥିବା ବେଳେ କିଛି ସମୟ ପରେ ଦୁଇପୁଅ ମଧ୍ୟ ସେମାନଙ୍କ ପଛେ ପଛେ ଯାଇଥିଲେ। ଏହି ସମୟରେ ନିକଟସ୍ଥ ଜଙ୍ଗଲରୁ ଏକ ଦନ୍ତା ହାତୀ ଆସି ଦୁଇଭାଇଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ସାନଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ବଡ଼ଭାଇ ଗୁରୁତର ହୋଇ ପାଟି କରିଥିଲେ। ପାଟି ଶୁଣି ଘଟଣାସ୍ଥଳରେ ପରିବାର ଓ ଗାଁ ଲୋକେ ପହଞ୍ଚି ହାତୀକୁ ଘଉଡ଼ାଇ ଦେଇଥିଲେ। ଖବରପାଇ ବିଶ୍ୱନାଥପୁର ଏସିଏଫ୍ ନରୋତ୍ତମ ମାଝୀ, ଲାଞ୍ଜିଗଡ ବ୍ଲକ ବିଡିଓ ଦାଇତ୍ୱ ତଥା ପ୍ରେବେଶନାରୀ ଆଇଏଏସ୍ ଅନିମେଶ ପ୍ରଧାନ, ଲାଞ୍ଜିଗଡ ବନପାଳ ଧରଣୀଧର ପଣ୍ଡାଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏଥିସହିତ ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନୀଙ୍କ ନେତୃତ୍ୱରେ ଏସ୍‌ଆଇ ଶ୍ୟାମ କୁଲସୀକାଙ୍କ ସମେତ ପୋଲିସ ଦଳ ମଧ୍ୟ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ବନପାଳ ଧରଣୀଧରଙ୍କୁ ପଚାରିବାରୁ କ୍ଷତିପୂରଣ ବାବଦକୁ ସରକାରଙ୍କ ତରଫରୁ ଯାହା ଥିବ ମୃତକଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ଦିଆଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀଙ୍କ ଉପଦ୍ରବ ହେଉଥିବା ବେଳେ ଲୋକଙ୍କ ଧନଜୀବନ ସମେତ ଚାଷବାସ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଗତ ଫେବୃଆରୀ ୧ ତାରିଖ ରାତିରେ କାଦମାଳି ଗ୍ରାମରେ ଏକ ଦନ୍ତା ହାତୀ ବୃଦ୍ଧ ମୁଗୁନା ମାଝୀ (୭୦) ଓ ସ୍ତ୍ରୀ ଗାଦ ମାଝୀ(୬୬)ଙ୍କୁ ଘର ଭିତରେ ପଶି ଦଳି ଦେଇଥିଲା। ପରେ ଉଭୟଙ୍କ ମୃତଦେହକୁ ଘୋଷାରି ଘୋଷାରି ଦଳି ଚକଟି ଶରୀରର ବିଭିନ୍ନ ଅଂଶ ଛିନ୍ନ ବିଚ୍ଛିନ୍ନ କରି ବିଭିନ୍ନ ଜାଗାରେ ପକାଇଥିବା ଦେଖିବାକୁ ମିଳିଥିଲା।

# ହାତୀ ଆକ୍ରମଣରେ ଜୀବନଗଲା: ଜଣେ ଗୁରୁତର

ମୋରଡ଼ା,୩।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ରେଞ୍ଜ ଅଞ୍ଚଳରେ ରବିବାର ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ମୁଣ୍ଡାବଣି ଗ୍ରାମର ଅଶୋକ ଟୁଡୁ(୫୩)।

ସୂଚନା ଅନୁଯାୟୀ, ବେତନଟୀ ରେଞ୍ଜ ଅଧୀନ ଗଡ଼ିଗାଁ ପଞ୍ଚାୟତର ଫୁଲବାଡ଼ିଆ ଗ୍ରାମସ୍ଥିତ ଏକ କାଜୁ ବଗିଚାରେ ରବିବାର ଅପରାହ୍ନ ୧ଟା ସମୟରେ ୬ଟି ଦନ୍ତା ହାତୀ ବିଚରଣ କରୁଥିଲେ। ଏହି ସମୟରେ ସେହି ବାଟ ଦେଇ ଆଶୋକ ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ଏକ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀଟି ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଖବରପାଇ ଫରେଷ୍ଟର ଦୀପକ ପାତ୍ର ଏବଂ ଫରେଷ୍ଟ ଗାର୍ଡ ବିଜୟ ଶଙ୍କର ଦାସ ଘଟଣାସ୍ଥଳରେ ପହଞ୍ଚି ଅଶୋକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୩ଟା୪୦ରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଅଶୋକଙ୍କ ପରିବାରକୁ ମୋଟ ୧୦ ଲକ୍ଷ ଟଙ୍କାର କ୍ଷତି ପୂରଣ ମିଳିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଏକ ଲକ୍ଷ ଟଙ୍କା ମିଳିବ ବୋଲି ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାଏକ କହିଛନ୍ତି। ସେହିପରି ଉକ୍ତ ରେଞ୍ଜ ଅଧୀନ ଶହୀଦପୁର ଗ୍ରାମରେ ରବିବାର ରାତି ୮ଟାରେ ଉପଦ୍ରବ ଚଳାଇ ଥିବା ହାତୀଙ୍କୁ ଦେଖିବା ପାଇଁ ଯାଇଥିବା ବେଳେ ଫାଲଝରୀ ଗ୍ରାମର ଯୁବକ ଭଞ୍ଜକିଶୋର ମହାନ୍ତ ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ଭଞ୍ଜକିଶୋରଙ୍କୁ ବାରମାଇଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ଉଲ୍ଲେଖଯୋଗ୍ୟ, ମୋରଡ଼ା ଅଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ବନ ବିଭାଗ ନୀରବଦ୍ରଷ୍ଟା ସାଜି ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଲାସ୍ ଭେଗାସ୍‌ର ନୂଆ ସଙ୍କେତ

ଲାସ୍ ଭେଗାସ୍ ଆମେରିକାର ନେଭେଡା ରାଜ୍ୟର ଏକ ଜନବହୁଳ ନଗର। ଜୁଆଖେଳ, ଶପିଂ, ମନୋରଞ୍ଜନ ଓ ନାଇଟ୍ ଲାଇଫ୍ ଭଳି ଅସରନ୍ତି ଆନନ୍ଦର ଏକ ଭୂଖଣ୍ଡ ଭାବେ ଏହା ପରିଚିତି ହାସଲ କରିଆସିଛି। ହେଲେ ଚଳିତବର୍ଷ ପ୍ରଥମାର୍ଦ୍ଧରୁ ସେଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ଜୁଲାଇରୁ ଏହାର ପ୍ରଭାବ ଅନୁଭୂତ ହେଲାଣି। ଲାସ୍ ଭେଗାସ୍ କନ୍‌ଭେନଶନ୍ ଆଣ୍ଡ୍ ଭିଜିଟର୍ସ ଅଥରିଟି ଅନୁଯାୟୀ ଜୁଲାଇ ଆରମ୍ଭରେ ହୋଟଲ ବୁକିଂ ୬୬.୭ ପ୍ରତିଶତ ହ୍ରାସ ପାଇଛି। କାରଣ ଗତବର୍ଷ ତୁଳନାରେ ଅନ୍ତର୍ଜାତୀୟ ପର୍ଯ୍ୟଟକ ୧୩ ପ୍ରତିଶତ କମିଛନ୍ତି। ଏପରି କି ଘରୋଇ ଆଗମନ ୬.୫ ପ୍ରତିଶତ ହ୍ରାସ ପାଇଛି। ଭୂ-ରାଜନୈତିକ ସ୍ଥିତି ସହ ମୁଦ୍ରାସ୍ଫୀତି ଓ ଆର୍ଥିକ ଅସ୍ଥିରତା ସବୁ ପ୍ରକାର ସାମଗ୍ରୀ ଓ ସେବାର ମୂଲ୍ୟକୁ ବଢ଼ାଇ ଦେଇଛି। ବିଶେଷଜ୍ଞମାନେ ଏହାକୁ ପର୍ଯ୍ୟଟନରେ ଟ୍ରମ୍ପ୍ ସ୍ଲମ୍ପ ଆଖ୍ୟା ଦେଇଛନ୍ତି। ସେମାନଙ୍କ ମତରେ ଟାରିଫ୍, ଅନ୍ତର୍ଜାତୀୟ ସମ୍ପର୍କରେ ତିକ୍ତତା ଓ ଯାତ୍ରୀଙ୍କ ପାଇଁ ବଢ଼ିଥିବା ଭିଜା ଫି’ ଯୋଗୁ ଏବେ ସେଠାରେ ସ୍ଥିତି ଅସମ୍ଭାଳ ହୋଇଛି। ସ୍ଥିତି ଏମିତି ହୋଇଛି ଯେ, ଲୋକମାନେ ଅନୁଭବ କରୁଛନ୍ତି ସେମାନେ ଠକାମିର ଶିକାର ହେଉଛନ୍ତି। କାରଣ ସେଠାରେ ଥିବା କ୍ୟାସିନୋକୁ ଧନୀ କମ୍, ମଧ୍ୟମ ବର୍ଗର ବହୁ ଅଧିକ ପର୍ଯ୍ୟଟକ ଯାଇଥାଆନ୍ତି। ତେଣୁ ଏମିତି ଏକ ସ୍ଥିତି ହେବ ଯେଉଁଠାରେ ଲାସ୍ ଭେଗାସ୍‌ର କ୍ୟାସିନୋ ମନୋରଞ୍ଜନ ପ୍ରେମୀଙ୍କୁ ଜାବୁଡ଼ି ଧରିପାରୁ ନ ଥିବ ଭାବିଲେ ଏହାର ହେତୁ ଖୋଜିବାକୁ ପଡୁଛି। ଆର୍ଥିକ ଦୃଷ୍ଟିକୋଣକୁ ତର୍ଜମା



କରି ନିରୋଳା ଅର୍ଥନୈତିକ ବ୍ୟାଖ୍ୟାନ ରଖୁଥିବା ବିଶ୍ଳେଷକଙ୍କ ଭିନ୍ନ ଆଉ କେତେକ ବିଶେଷଜ୍ଞ ଦେଉଥିବା ମତକୁ ମଧ୍ୟ ଏଠାରେ ଥୋଇବାର ଆବଶ୍ୟକତା ପଡୁଛି। କୁହାଯାଉଛି ଆଗଭଳି ନୂଆପିଢ଼ି ମଦମତ୍ତ ଓ କାମୁକ ପ୍ରବଣତାକୁ ଗୁରୁତ୍ୱ ନ ଦେଇ ବାସ୍ତବ ଜୀବନ ଜିଇବାକୁ ଚାହୁଁଛନ୍ତି। ସେଥିପାଇଁ ସେମାନଙ୍କ ଲାଗି କ୍ୟାସିନୋ, ନାଇଟ୍ ଲାଇଫ୍ ସହିତ ମଦ୍ୟପାନର ଆକର୍ଷଣ କମି ଆସିଛି। ଅନ୍ୟପକ୍ଷରେ ବୟସ୍କମାନଙ୍କ ଉପସ୍ଥିତି ଲାସ୍ ଭେଗାସ୍‌ର କିଛି ଅଞ୍ଚଳକୁ ଚଳଚଞ୍ଚଳ ରଖିଛି।

ନିକଟ ଅତୀତରେ ଆମେ ଯେଉଁ ‘ଜେନ୍ ଜି’ଙ୍କ ସ୍ୱଭାବ ନେପାଳରୁ ମାଡାଗାସ୍କର ପର୍ଯ୍ୟନ୍ତ ଦେଖିଲେ ସେମାନେ ବାସ୍ତବ ପରିସ୍ଥିତିରେ ବଞ୍ଚିବାକୁ ଚାହୁଁଛନ୍ତି। ଉପରଠାଉରିଆ ଜୀବନ ଓ ଭାଟ (ପ୍ରଶଂସାମୂଳକ) ସଂସ୍କୃତିକୁ ଘୃଣା କରିବା ସହ ଦୁର୍ନୀତି ବିରୋଧୀ ଅଭିଯାନ ମାଧ୍ୟମରେ ପରିବର୍ତ୍ତନ ଆଣିବା ସେମାନଙ୍କ ଲକ୍ଷ୍ୟ। ଗୋଟେ ପିଢ଼ି ଯେତେବେଳେ ତା’ର ଅଧିକାରରୁ ବଞ୍ଚିତ ହେବ, ସେତେବେଳେ ସେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବ। ଅବଶ୍ୟ ଏହି ପରିବର୍ତ୍ତନ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ପରିଚାଳିତ ହୋଇ ସ୍ଥଳବିଶେଷରେ ଭୁଲ୍ ପଦକ୍ଷେପ ନେଇଯାଉଥିବାରୁ ସମାଲୋଚନାର ଶିକାର ହେଉଛି। ଏକ ସକାରାତ୍ମକ ଲକ୍ଷ୍ୟ ହାସଲ ଦିଗରେ ଏକଜୁଟ ହୋଇ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରୁଥିବା ବର୍ଗ ଉପରେ ନୂଆ ପିଢ଼ି ଏକ ଚାପ ଗୋଷ୍ଠୀରେ ପରିଣତ ହେଲେ ତାହାର ସୁଫଳ ମିଳିପାରନ୍ତା। ‘ଜେନ୍ ଜି’ ଇଣ୍ଟରନେଟ୍, ସ୍ମାର୍ଟଫୋନ୍, ସୋସିଆଲ ମିଡିଆ ଏବଂ ପ୍ରଯୁକ୍ତି ସହ ତାଳ ଦେଇ ଚାଲୁଥିବାରୁ ଆଗକୁ ବଢୁଛି। ସେହିପରି ଏବର ପିଢ଼ି ଔଦ୍ୟୋଗିକ ଚିନ୍ତାଧାରାକୁ ପଥେୟ କରି କିଛି ନୂଆ କରିବାକୁ ଯାଇ ଜୀବନରେ ଆହ୍ୱାନର ସମ୍ମୁଖୀନ ହେବାକୁ ପସନ୍ଦ କରୁଛି। ଚାକିରି କିମ୍ବା ନିର୍ଦ୍ଦିଷ୍ଟ ଆୟ ଉତ୍ସକୁ ଦେଖି ପାରମ୍ପରିକ ଚିନ୍ତା ପୁରୁଣା ପିଢ଼ିରୁ ଯେଉଁଭଳି ଗଡ଼ି ଆସୁଥିଲା ସେଥିରେ ଏହି ବର୍ଗ ବ୍ୟତିକ୍ରମ ସୃଷ୍ଟି କରିବାକୁ ଚାହୁଁଛି। ନବସୃଜନ ତା’ ପାଇଁ ନୂଆ ସୁଯୋଗର ଅପେକ୍ଷା ରଖୁଛି। ଦେଖାଦେଉଥିବା ସାମାଜିକ ଓ ପରିବେଶଗତ ଅସଙ୍ଗତି ବିଷୟରେ ଏମାନେ ବେଶ୍ ସଚେତନ। ସେଥିପାଇଁ ନୂଆ ପିଢ଼ିକୁ ଦରକାର ନୈତିକ ସମର୍ଥନ। ଉଚିତ ନିଷ୍ପତ୍ତି ନେବାର ସୂକ୍ଷ୍ମ ବାଟ ପାଇଗଲା ପରେ ସେମାନଙ୍କ କାର୍ଯ୍ୟଧାରାରେ ଘଟୁଥିବା ପରିବର୍ତ୍ତନକୁ ବୁଝିହେବ। ଲାସ୍ ଭେଗାସ୍ ଏହାର ଏକ ନୂଆ ସଙ୍କେତ ଦେବା ଆରମ୍ଭ କରିଛି।

ଚାକିରି କିମ୍ବା ନିର୍ଦ୍ଦିଷ୍ଟ ଆୟ ଉତ୍ସକୁ ଦେଖି ପାରମ୍ପରିକ ଚିନ୍ତା ପୁରୁଣା ପିଢ଼ିରୁ ଯେଉଁଭଳି ଗଡ଼ି ଆସୁଥିଲା ସେଥିରେ ଏହି ବର୍ଗ ବ୍ୟତିକ୍ରମ ସୃଷ୍ଟି କରିବାକୁ ଚାହୁଁଛି। ନବସୃଜନ ତା’ ପାଇଁ ନୂଆ ସୁଯୋଗର ଅପେକ୍ଷା ରଖୁଛି। ଦେଖାଦେଉଥିବା ସାମାଜିକ ଓ ପରିବେଶଗତ ଅସଙ୍ଗତି ବିଷୟରେ ଏମାନେ ବେଶ୍ ସଚେତନ। ସେଥିପାଇଁ ନୂଆ ପିଢ଼ିକୁ ଦରକାର ନୈତିକ ସମର୍ଥନ। ଉଚିତ ନିଷ୍ପତ୍ତି ନେବାର ସୂକ୍ଷ୍ମ ବାଟ ପାଇଗଲା ପରେ ସେମାନଙ୍କ କାର୍ଯ୍ୟଧାରାରେ ଘଟୁଥିବା ପରିବର୍ତ୍ତନକୁ ବୁଝିହେବ। ଲାସ୍ ଭେଗାସ୍ ଏହାର ଏକ ନୂଆ ସଙ୍କେତ ଦେବା ଆରମ୍ଭ କରିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | | | | |
| | 7 | | 4 | | 9 | | | |
| 1 | 8 | | | | 6 | | 9 | 7 |
| | | 6 | | 3 | | | | |
| 8 | | | | | 5 | | 7 | 4 |
| | | 1 | | | 4 | 9 | 8 | |
| | | | | | | 7 | | |
| | | | 2 | | | | | |
| | 6 | | 7 | | 8 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 1 | 4 | 6 | 8 | 3 | 5 | 7 |
| 3 | 8 | 6 | 5 | 9 | 7 | 2 | 4 | 1 |
| 7 | 4 | 5 | 1 | 3 | 2 | 6 | 8 | 9 |
| 5 | 7 | 3 | 9 | 4 | 1 | 8 | 2 | 6 |
| 6 | 1 | 2 | 3 | 8 | 5 | 9 | 7 | 4 |
| 8 | 9 | 4 | 7 | 2 | 6 | 1 | 3 | 5 |
| 4 | 6 | 7 | 8 | 1 | 3 | 5 | 9 | 2 |
| 2 | 3 | 9 | 6 | 5 | 4 | 7 | 1 | 8 |
| 1 | 5 | 8 | 2 | 7 | 9 | 4 | 6 | 3 |

ଗତକାଲିର ଉତ୍ତର

# ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା



ରାଜୀବ କୁମାର ନାୟକ

୨୦୧୨ରେ ହୋଇଥିବା ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଘଟଣା ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା। ଫଳତଃ ସରକାର ବାଧ୍ୟ ହୋଇଥିଲେ ଶିଶୁଙ୍କ ସକାଶେ ଅଭିପ୍ରେତ କିଶୋର ନ୍ୟାୟ(ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୦୦ରେ ଆମୂଳଚୂଳ ପରିବର୍ତ୍ତନ ପୂର୍ବକ କିଶୋର ନ୍ୟାୟ(ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୧୫ ତଥା ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଅଧିନିୟମ ୨୦୧୨ର ପ୍ରଣୟନ କରିଥିଲେ। ଉଲ୍ଲେଖଯୋଗ୍ୟ ପ୍ରଥମ ଥର ସକାଶେ ନିର୍ଭୟା ଘଟଣାରେ ଦେଶର ସଚେତନ ନାଗରିକ ପ୍ରତିକ୍ରିୟାଶୀଳ ହୋଇ ଉଠିଲେ ଏବଂ ଏଭଳି ଦୁଇଟି ଆଇନର ପ୍ରଣୟନ ସେମାନଙ୍କ ମନରେ ଆଶ୍ୱସ୍ତି ଆଣିଦେଲା।

ଦୁଇଟି ଆଇନକୁ ଅବଲୋକନ କଲେ ଜଣାଯାଏ ଯେ ସରକାର ଅନେକ ଦିଗକୁ ବିବେଚନା କରି ଆଇନ ଦ୍ୱୟ ପ୍ରଣୟନ କରିଛନ୍ତି। କିଶୋର ନ୍ୟାୟ(ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୧୫ରେ ଜାତିସଂଘ ଦ୍ୱାରା ଅନୁଷ୍ଠିତ ଶିଶୁମାନଙ୍କ ଅଧିକାର ସମ୍ପର୍କିତ ସମ୍ମିଳନୀ ୧୯୮୯ରେ ପାରିତ ସନନ୍ଦ ପତ୍ରରେ ୧୮ ବର୍ଷରୁ କମ ବ୍ୟକ୍ତି ବିଶେଷଙ୍କୁ ଧରାଯିବାକୁ ସମ୍ମତି ପ୍ରଦାନ କରାଯାଇଛି। କିନ୍ତୁ ସମଗ୍ର ଭାରତବାସୀଙ୍କ ଚାପ କାରଣରୁ ୧୬ ବର୍ଷରୁ ଅଧିକ ଏବଂ ୧୮ ବର୍ଷରୁ କମ୍ ବର୍ଗଙ୍କ କ୍ଷେତ୍ରରେ କୌଣସି ଶିଶୁ ନାମରେ ଜଘନ୍ୟ ଅପରାଧ (ବଳାତ୍କାର, ହତ୍ୟା ଭଳି)ରେ ସମ୍ପୃକ୍ତିର ଅଭିଯୋଗ ଆସିଲେ ଏକ ପ୍ରାରମ୍ଭିକ ଆକଳନ କରାଯିବାର ବ୍ୟବସ୍ଥା ରଖାଯାଇଛି। ପ୍ରାରମ୍ଭିକ ଆକଳନ ନିମନ୍ତେ ଜଣେ ମନସ୍ତତ୍ତ୍ୱବିତଙ୍କୁ ଡକାଯିବା ସହ ତାଙ୍କ ରିପୋର୍ଟକୁ ଆଧାରକରି କିଶୋର ନ୍ୟାୟ ବୋର୍ଡ ତିନୋଟି ବିଷୟକୁ ଗୁରୁତ୍ୱର ସହ ବିଚାର କରିବ- ୧. ସମ୍ପୃକ୍ତ ଶିଶୁ ଶାରୀରିକ ସ୍ତରରେ ଘଟଣା ଘଟାଇବାକୁ ସକ୍ଷମ ତ ?୨. ସମ୍ପୃକ୍ତ ଶିଶୁ ମାନସିକ ଭାବରେ ଘଟଣା ଘଟାଇବାକୁ ସକ୍ଷମ ତ ? ଏବଂ ୩. ସେ ଯଦି ଘଟଣାରେ ସମ୍ପୃକ୍ତ ତେବେ ତା’ର ପରିଣାମ ସମ୍ବନ୍ଧରେ ସଚେତନ ତ ? ଯଦି ଉକ୍ତ ତିନୋଟି ପ୍ରଶ୍ନର ଉତ୍ତରକୁ ନେଇ ବୋର୍ଡର ହୃଦ୍‌ବୋଧ ହୁଏ ଯେ ଶିଶୁଟି ବୟସ୍କ ବ୍ୟକ୍ତି ବିଶେଷଙ୍କ ଭଳି ବ୍ୟବହାର କରୁଛି, ସତକୁ ଲୁଚାଇବାର ଅପଚେଷ୍ଟା କରୁଛି ତେବେ ବୋର୍ଡ ମାମଲାଟିକୁ ନିଜ ପାଖରେ ନ ରଖି ଚିଲଡ୍ରେନ କୋର୍ଟ ବା ପୋକ୍‌ସୋ କୋର୍ଟକୁ ପଠାଇ ଦେଇପାରେ । ଉକ୍ତ କୋର୍ଟକୁ ମାମଲାଟି ଗଲେ ଶିଶୁଟିକୁ ବୟସ୍କ ବ୍ୟକ୍ତିଙ୍କ ଭଳି ଧରାଯାଇ ତା’ ପାଇଁ କଠିନରୁ କଠିନତମ ଦଣ୍ଡ ମିଳିବାର ସମ୍ଭାବନା ରହିଛି । କିଶୋର ନ୍ୟାୟ ବୋର୍ଡରେ ଦଣ୍ଡର ମାତ୍ରା ଅତିବେଶିରେ ୩ ବର୍ଷ, ଯାହା ଦିଲ୍ଲୀ ଘଟଣାରେ ପ୍ରଦତ୍ତ ହୋଇଥିଲା।



ଅନ୍ୟ ଦିଗରେ ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଅଧିନିୟମ ୨୦୧୨କୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ଏଥିରେ ଯୌନ ନିର୍ଯାତନାକୁ ମୁଖ୍ୟତଃ ୬ ଭାଗରେ ବିଭକ୍ତ କରାଯାଇଛି- ୧. ଅନୁପ୍ରବେଶୀୟ ଯୌନ ନିର୍ଯାତନା (ପେନିଟ୍ରେଟିଭ ସେକ୍ସୁଆଲ ଏସଲ୍ଟ) ୨. ଗୁରୁତର ଅନୁପ୍ରବେଶୀୟ ଯୌନ ନିର୍ଯାତନା(ଏଗ୍ରାଭେଟେଡ ପେନିଟ୍ରେଟିଭ ସେକ୍ସୁଆଲ ଏସଲ୍ଟ) ୩. ଯୌନ ନିର୍ଯାତନା(ସେକ୍ସୁଆଲ ଏସଲ୍‌ଟ) ୪. ଗୁରୁତର ଯୌନ ନିର୍ଯାତନା (ଏଗ୍ରାଭେଟେଡ ସେକ୍ସୁଆଲ ଏସଲ୍‌ଟ) ୫. ସେକ୍ସୁଆଲ ହାରାସମେଣ୍ଟ ଏବଂ ୬. ପର୍ନୋଗ୍ରାଫି। ଅନୁପ୍ରବେଶୀୟ ଯୌନ ନିର୍ଯାତନା କହିଲେ ସାଧାରଣ ଭାବରେ ଆମେ ଯାହା ଦୁଷ୍କର୍ମ ବୋଲି ବୁଝିଥାଉ। କିନ୍ତୁ ଗୁରୁତର ଅନୁପ୍ରବେଶୀୟ ଯୌନ ନିର୍ଯାତନା କ୍ଷେତ୍ରରେ ନିର୍ଯାତନା ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ଯଥା- ଥାନାରେ ପୋଲିସ, ବିଦ୍ୟାଳୟରେ ଶିକ୍ଷକ, ଶିଶୁ ଯତ୍ନ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ଇତ୍ୟାଦି ଦାୟିତ୍ୱରେ ଥିବା ବ୍ୟକ୍ତି ଦଳଗତ ବଳାତ୍କାର, ବଳାତ୍କାର ପୂର୍ବକ ମାରିଦେବା ବା ମରଣାନ୍ତକ ଆକ୍ରମଣ, ୧୨ ବର୍ଷରୁ କମ୍ ବୟସର ଶିଶୁକୁ ବଳାତ୍କାର କରିବା ଭଳି ଅପରାଧରେ ସମ୍ପୃକ୍ତ ହୁଅନ୍ତି। ଠିକ୍ ସେହିପରି ମୋବାଇଲରେ/ଇ-ମେଲରେ ବାରମ୍ବାର ମେସେଜ ଦେବା, ପିଛା କରିବା, ଜଣେ ଗାଧୋଉଥିବା ବା ଆଉକିଛି କରୁଥିବା ସମୟରେ ଲୁଚି ଲୁଚି ଦେଖିବା ଇତ୍ୟାଦି ଯୌନ ନିର୍ଯାତନା ଶ୍ରେଣୀଭୁକ୍ତ। କୌଣସି ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରିବା, ଭାଇରାଲ କରିବା, ଦେଖାଇବା ଇତ୍ୟାଦି ପର୍ନୋଗ୍ରାଫିକ ଶ୍ରେଣୀଭୁକ୍ତ। ଉପରୋକ୍ତ ପ୍ରତ୍ୟେକ ଅପରାଧ କ୍ଷେତ୍ରରେ ନିଜେ କରିବା ବା ଅନ୍ୟଦ୍ୱାରା କରାଇବା ସକାଶେ ମଧ୍ୟ ସମାନ ଦଣ୍ଡର ପ୍ରାବଧାନତା ରହିଛି।

ସବୁଠାରୁ ଚିନ୍ତାଜନକ ବିଷୟ ବର୍ତ୍ତମାନ ସମୟରେ ଶିଶୁ ମଙ୍ଗଳ ସମିତି ଦ୍ୱାରା ହସ୍ତଗତ ହେଉଥିବା ଅଧିକାଂଶ ମାମଲାରେ ୧୫ରୁ ୧୮ ବର୍ଷ ବୟସର ପୁଅ ଏବଂ ଝିଅ ବିବାହର ପ୍ରଲୋଭନ ଦେଖାଇ ହେଉ ବା ଅନ୍ୟ କିଛି କଥା ଛଳରେ ସହମତି ପୂର୍ବକ ଶାରୀରିକ ସମ୍ପର୍କ ସ୍ଥାପନ କରୁଛନ୍ତି। ପରବର୍ତ୍ତୀ ସମୟରେ ଘଟଣା ପ୍ରଘଟ ହୋଇଗଲାପରେ/ପଳାୟନ କଲେ ବା ବାପାମାଆଙ୍କ ନଜରକୁ ଆସିଲେ ବାପାମାଆ ନିଜସ୍ୱ ଇଚ୍ଛାରେ ବା ଜାତି ସମାଜର ଚାପରେ ଥାନାର ଦ୍ୱାରସ୍ଥ ହେବା ଦ୍ୱାରା ଅଧିକାଂଶ ମାମଲାରେ ପୋକ୍‌ସୋ ଆଇନ ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏଭଳି କ୍ଷେତ୍ରରେ ପୁଅଟିକୁ ଯଦି ପୋଲିସ ଧରିବାରେ ସକ୍ଷମ ହେଉଛି ତ ତାକୁ ତା’ର ବୟସ ଅନୁସାରେ ପର୍ଯ୍ୟବେକ୍ଷଣ ଗୃହ ବା ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଉଛି। ଏପଟେ ଝିଅ କିଛି ସ୍ଥାନରେ ଡାକ୍ତରୀ ପରୀକ୍ଷାର ସାମନା କରିବାକୁ ମନା କରୁଥିବାବେଳେ ଅନେକ କ୍ଷେତ୍ରରେ ବାପାମାଆଙ୍କ ଚାପର ବଶବର୍ତ୍ତୀ ହୋଇ ତା’ର ମତ ବଦଳାଇ ଦେଉଛି। ଏଠାରେ ପୁଅଝିଅ ଉଭୟେ ଘଟଣାରେ ସମ୍ପୃକ୍ତ ଥିବାବେଳେ କେବଳ ପୁଅ ଦଣ୍ଡ ପାଉଛି। ଡାକ୍ତରୀ ପରୀକ୍ଷା ସକାଶେ ମନା କରୁଥିବା କ୍ଷେତ୍ରରେ ଅବଶ୍ୟ ପୁଅଟି ସହଜରେ ଦଣ୍ଡ ପାଉନାହିଁ ଏବଂ ବାପାମାଆ କେସ୍‌ଟିକୁ ଦଫାରଫା କରି ଦେଉଛନ୍ତି। କିଛି ସ୍ଥାନରେ ପୁଅଝିଅ ଘର ଛାଡ଼ି ଅନ୍ୟତ୍ର ରହିବା ଫଳରେ ଅଭାବ ଅନଟନରେ ଦିନ କାଟୁଛନ୍ତି ଏବଂ କେସ୍‌ଟି ଗଡ଼ି ଗଡ଼ି ଅନେକ ଦିନ ପର୍ଯ୍ୟନ୍ତ ଚାଲୁଛି ଏବଂ ବିବାହ ଯୋଗ୍ୟ ବୟସ ହେଲାପରେ ଉଭୟଙ୍କ ସହମତି ଥିବାରୁ ସେମାନେ ସ୍ୱାମୀ ସ୍ତ୍ରୀ ହୋଇ ରହୁଛନ୍ତି।

ଅସଲ କଥା ହେଲା ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଅନେକ ସମୟରେ ଅଣଦେଖା କରାଯାଇଥାଏ। କିନ୍ତୁ ବାସ୍ତବ କଥା ହେଲା ଏଥିରେ ଝିଅ ଓ ପୁଅ ଉଭୟଙ୍କ ଭବିଷ୍ୟତ ଜଡ଼ିତ। ଉଭୟଙ୍କ ସହମତିରେ ଯୌନ ସମ୍ପର୍କ ସ୍ଥାପନ ସତ୍ତ୍ୱେ ପୋକ୍‌ସୋ ଭଳି ଏକ କଠୋର ଆଇନ ମାଧ୍ୟମରେ କଠିନରୁ କଠିନତମ ଦଣ୍ଡ ମିଳିବା କେତେଦୂର ସମୀଚୀନ। ଅନେକ ସମୟରେ କଥା ଉଠୁଛି ଯେ ପୋକ୍‌ସୋ ଆଇନ ମାଧ୍ୟମରେ ଦଣ୍ଡ ପ୍ରାୟତଃ କ୍ୱଚିତ ପାଉଛନ୍ତି। ଏଭଳି ଘଟିବା ସ୍ୱାଭାବିକ, କାରଣ କିଛି ସ୍ଥାନରେ ଡାକ୍ତରୀ ପରୀକ୍ଷାକୁ ପୀଡ଼ିତା ମନା କରିବା, ବାପାମାଆ ପୀଡ଼ିତାର ବିନା ସହମତିରେ କେସ୍ ପଞ୍ଜୀକରଣ କରିବା ଫଳରେ ଦୁର୍ବଳ ସାକ୍ଷ୍ୟ କାରଣରୁ ଦଣ୍ଡ ମିଳୁନାହିଁ। ଏଭଳି ଘଟଣାରେ ଶିଶୁ ମଙ୍ଗଳ ସମିତିର ନିଷ୍ପତ୍ତି ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ । କାରଣ ଯତ୍ନ ଏବଂ ସୁରକ୍ଷା ନିମିତ୍ତ ପୀଡ଼ିତାକୁ ସମିତି ଆଗରେ ଉପସ୍ଥାପନ କରିବା ବାଧ୍ୟତାମୂଳକ। ଅନେକ ସ୍ଥଳେ ମାଆବାପା ଜାତି ସମାଜର ଚାପ, ପୁନଃ ପଳାୟନର ଭୟରେ ଝିଅକୁ ଘରକୁ ନେବାପାଇଁ ରାଜି ହେଉନାହାନ୍ତି। ଏପଟେ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ସଖୀ-ୱାନ ଷ୍ଟପ ସେଣ୍ଟରରେ ସ୍ୱଳ୍ପ ରହଣିର ବ୍ୟବସ୍ଥା ରହିଛି। ଶିଶୁଗୃହରେ ମଧ୍ୟ ଅନ୍ୟସବୁ ଅନ୍ତେବାସୀ ବିଦ୍ୟାଳୟ ଯାଉଥିବାବେଳେ ପୀଡ଼ିତାଙ୍କ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା ସମ୍ଭବ ହୋଇ ପାରୁନାହିଁ। ତେଣୁ ପରାମର୍ଶ ସେବା ପ୍ରଦାନ ପୂର୍ବକ ସମିତି ପୀଡ଼ିତାକୁ ମାଆବାପା ଦାୟିତ୍ୱରେ ଛାଡ଼ିବାକୁ ଉଚିତ ମଣୁଛି। ତେଣୁ ସରକାର ବାଳିକାବାଳକଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଏସବୁ ବିଷୟରେ ଦାୟିତ୍ୱର ସହ ଚିନ୍ତା କରିବା ଆବଶ୍ୟକ ଏବଂ ତେବେ ଯାଇ ଆମେ ଏକ ଗଠନମୂଳକ ସମାଜ ପ୍ରତିଷ୍ଠା କରିପାରିବା।

ପଦରପଡ଼ା, ବୌଦ୍ଧ
ମୋ:୯୪୩୭୫୭୧୮୩୧

# ଶାକାହାରୀ ଓ ମାଂସାହାରୀ ଦୁଗ୍ଧ



ଜ୍ୟୋତିପ୍ରକାଶ କର

ଭାରତରୁ ରପ୍ତାନି ହେଉଥିବା ଦ୍ରବ୍ୟ ଉପରେ ଆମେରିକା ୫୦%ରୁ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଧାର୍ଯ୍ୟ କରି ପ୍ରକାରାନ୍ତରେ ଭାରତରେ ତା’ର ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ଆନୁବଂଶିକ ସଂଶୋଧିତ ଫସଲ (ଜେନେଟିକ୍ ମଡିଫାଏଡ୍ କ୍ରପ୍) ଓ ମତ୍ସ୍ୟ ସାମଗ୍ରୀର ବଜାର ସୃଷ୍ଟି କରିବା ପାଇଁ ଚାପ ସୃଷ୍ଟି କରୁଛି। ଆଲୋଚ୍ୟର ବିଷୟ ହେଉଛି ଭାରତରେ ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଶାକାହାରୀ ହୋଇଥିବା ବେଳେ ଆମେରିକାରେ ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଶାକାହାରୀ କି ? ନା, ଏହା ମାଂସାହାରୀ ଦୁଗ୍ଧ। ନୂଆକରି ନୈତିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଏ ମାଂସାହାରୀ ଦୁଗ୍ଧ କ’ଣ ? ଆମେରିକାରେ ଗୋପାଳନର ଦୁଇଟି ଦିଗ, ପ୍ରଥମଟି ଗୋଖାଦ୍ୟରେ ପ୍ରାଣୀମାନଙ୍କର ଅବଶିଷ୍ଟାଂଶ ମିଶ୍ରଣରେ ପୁଷ୍ଟିସାର ପ୍ରୟୋଗ କରି ଅତ୍ୟଧିକ ପୋଷଣ ବୃଦ୍ଧି ପୂର୍ବକ ଦୁଗ୍ଧ ଉତ୍ପାଦନ ଓ ଦ୍ୱିତୀୟରେ ସେମାନଙ୍କୁ ହୃଷ୍ଟପୁଷ୍ଟ ସ୍ଥୂଳକାୟ କରି ମାଂସ ଉତ୍ପାଦନ କରିବା। ସେମାନେ ଗାଈର ଚାରା ଓ ଗୋଖାଦ୍ୟରେ ଘୁଷୁରି, ଗାଈ, କୁକୁଡ଼ା, ଘୋଡ଼ା, ବିରାଡ଼ି, କୁକୁର ଓ ମାଛଙ୍କ ଅବଶିଷ୍ଟାଂଶ, ଚର୍ବି, ରକ୍ତ ଓ ପ୍ରାଣୀ ହାଡ଼ର ପାଉଡ଼ରକୁ ସୂକ୍ଷ୍ମ ଭାବରେ ମିଶ୍ରଣ କରି ଖାଇବାକୁ ଦିଅନ୍ତି ଯାହା ଦୁଗ୍ଧ ଓ ମାଂସ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ଦିଏ। ଏହାକୁ ମାଂସାହାରୀ ଦୁଗ୍ଧ, ଆମିଷାଶୀ ଦୁଗ୍ଧ ବା ରକ୍ତ ଦୁଗ୍ଧ କୁହାଯାଇପାରିବ। ଅଧିକ ଉତ୍ପାଦନ କ୍ଷମତାପୂର୍ଣ୍ଣ ସଙ୍କର (ହାଇବ୍ରିଡ୍) ଜାତୀୟ ଗାଈର ହାରାହାରି ଦୈନିକ ଦୁଗ୍ଧ ଉତ୍ପାଦନ କ୍ଷମତା ୩୪ ଲିଟର ଥିବାବେଳେ ଶୀର୍ଷ ଅବଧି ସମୟରେ (ପିକ୍ ପିରିୟଡ୍)ରେ ୬୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାଏ। ଆଇନତଃ ଏହା ଆମେରିକାରେ ସ୍ୱୀକାର୍ଯ୍ୟ ଏବଂ ସାଧାରଣ ଭାବରେ ଦୁଗ୍ଧ ଉତ୍ପାଦନ ସଂସ୍ଥା (ଡେଏରି ଫାର୍ମ)ରେ ଦୁଗ୍ଧରେ ପ୍ରୋଟିନ୍ ଓ କ୍ୟାଲୋରୀ ବୃଦ୍ଧି ନିମନ୍ତେ ବ୍ୟବହାର କରାଯାଏ। ଆମେରିକା ସରକାର ମଧ୍ୟ ଦେଶର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାମାନଙ୍କୁ ତାଙ୍କର ବ୍ୟବସାୟିକ ସଫଳତା ଓ କର୍ମନିଯୁକ୍ତି ସୁଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଆର୍ଥିକ ସାହାଯ୍ୟ ଦେଇଥାନ୍ତି। ଆମେରିକାରେ ଗାଈ ମଧ୍ୟ ଶାକାହାରୀ କିନ୍ତୁ ବ୍ୟବସାୟିକ ଲାଭଖୋର ମନୋବୃତ୍ତି ନେଇ ସେମାନଙ୍କୁ ମାଂସାହାରୀ କରିଦିଆଯାଏ। ଭାରତରେ ଉଦ୍ଭିଦ ଆଧାରିତ ଶାକାହାରୀ ଖାଦ୍ୟ ଦିଆଯାଏ। ଭାରତୀୟ ଗୋପାଳକମାନେ ଗୋଖାଦ୍ୟରେ ସବୁଜ ଘାସ, ନଡ଼ା, ମକା, ବାଜରା, ବୋତି, ଚୋକଡ଼, ପିଡ଼ିଆ, କୁଣ୍ଡା, କୋଳଥ ଓ ବିରି ଚୂନି ଇତ୍ୟାଦି ଦେଇଥାନ୍ତି।

ଆମେରିକା ଭାରତର ଦୁଗ୍ଧଜାତ ବଜାରରେ ପ୍ରବେଶ ଅନୁମତି ପରିପ୍ରେକ୍ଷୀରେ ଭାରତର ସର୍ତ୍ତ ହେଲା, ଆମେରିକା ଏକ ସତର୍କତାମୂଳକ ସତ୍ୟ ସ୍ୱୀକୃତ ପ୍ରମାଣପତ୍ର (ସାର୍ଟିଫିକେଟ୍) ଦେଉ ଯେ, ଭାରତକୁ ଯେଉଁ ଦୁଗ୍ଧଜାତ ଦ୍ରବ୍ୟ ରପ୍ତାନି କରାଯିବ



ତାହା ସମ୍ପୂର୍ଣ୍ଣରୂପେ ନିରାମିଷ ଖାଦ୍ୟ ଖାଉଥିବା ଗାଈର ହୋଇଥିବ। ଏହାକୁ ଆମେରିକାର ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କ ଯୁକ୍ତି ହେଲା, ପ୍ରାଣୀଙ୍କର ଅବଶିଷ୍ଟାଂଶକୁ ଗାଈଙ୍କ ଖାଦ୍ୟରେ ଦିଆଯାଉଛି, ଉତ୍ପାଦିତ ଦୁଗ୍ଧରେ ଦିଆଯାଉ ନାହିଁ, ଏଣୁ ଏହା କିପରି ଆମିଷ ହେଲା। ଯଦି ଆମେରିକାରୁ ଦୁଗ୍ଧ ଆମଦାନୀ କରାଯିବ ତେବେ ଏହାକୁ ଶାକାହାରୀ ନା ମାଂସାହାରୀ କୁହାଯିବ ? ପ୍ରାୟତଃ ୩୮% ଶାକାହାରୀ ଭାରତୀୟ ଦୁଗ୍ଧର ପୂର୍ଣ୍ଣ ଶୁଦ୍ଧତାକୁ ନେଇ ସମାଧାନର କୌଣସି ମଧ୍ୟମ ପନ୍ଥାକୁ କେତେଦୂର ଗ୍ରହଣ କରିବେ ତାହା ସମୟ ନିର୍ଣ୍ଣୟ କରିବ। ଭାରତ ଦୁଗ୍ଧ ଉତ୍ପାଦନରେ ସ୍ୱୟଂସମ୍ପୂର୍ଣ୍ଣ। ଶ୍ୱେତକ୍ରାନ୍ତି ପୂର୍ବରୁ ଭାରତ ପ୍ରାୟ ବାର୍ଷିକ ୨୧ନିୟୁତ ମେଟ୍ରିକ୍ ଟନ୍ ଦୁଗ୍ଧ ଉତ୍ପାଦନ କରୁଥିଲା। ଡ. ଭର୍ଗିସ୍ କୁରିୟନ୍‌ଙ୍କ ନେତୃତ୍ୱରେ ୧୯୭୦ରେ ଆରମ୍ଭ ହୋଇଥିବା ଶ୍ୱେତକ୍ରାନ୍ତି ଫଳରେ ଉଲ୍ଲେଖନୀୟ ଅଗ୍ରଗତି ହେଲା। ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ୬୩.୫୬% ବୃଦ୍ଧି ପାଇ ୨୩୯.୩ ନିୟୁତ ମେଟ୍ରିକ୍‌ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ୨୦୨୨-୨୩ ବର୍ଷ ତୁଳନାରେ ୩.୭୮% ଅଧିକ ଉତ୍ପାଦିତ ହୋଇଛି। ବିଶ୍ୱର ମୋଟ୍ ଦୁଗ୍ଧ ଉତ୍ପାଦନରେ ଭାରତର ୨୫% ଯୋଗଦାନ ରହିଛି ଓ ୧୯୯୮ ମସିହାଠାରୁ ଭାରତ ବିଶ୍ୱର ସର୍ବୋଚ୍ଚ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର। ୧୯୫୦-୫୧ରେ ଭାରତରେ ବ୍ୟକ୍ତି ପିଛା ଦୈନିକ ୧୨୪ଗ୍ରାମ୍ ଦୁଗ୍ଧ ଉପଲବ୍ଧ ହେଉଥିବା ବେଳେ ୨୦୨୩-୨୪ବର୍ଷ ବେଳକୁ ବୃଦ୍ଧି ପାଇ ଭାରତର ଦୈନିକ ମୁଣ୍ଡ ପିଛା ୪୭୧ଗ୍ରାମ୍ ଦୁଗ୍ଧ ଉପଲବ୍ଧ ଓ ବିଶ୍ୱରେ ଏହା ୩୨୨ଗ୍ରାମ୍।

ଭାରତରେ କୃଷି ଓ କୃଷକ ସହିତ ଦୁଗ୍ଧ ଉତ୍ପାଦନ ସମ୍ପୂର୍ଣ୍ଣ ରୂପେ ଜଡ଼ିତ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ତଥ୍ୟ ଅନୁସାରେ ଯଦି ଭାରତର ଦୁଗ୍ଧ ବଜାରରେ ଆମେରିକାର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ପ୍ରବେଶ ପାଇଁ ଅନୁମତି ଦିଆଯାଏ ତେବେ ପାଖାପାଖି ବାର୍ଷିକ ୧.୦୩ ଲକ୍ଷ କୋଟି ଆର୍ଥିକ କ୍ଷତି ସହିବାକୁ ପଡ଼ିବ ଓ ଏଥିପାଇଁ ଛୋଟ ଛୋଟ ପଶୁପାଳକମାନେ କ୍ଷତିଗ୍ରସ୍ତ ହେବେ। ପ୍ରାୟ ଦୁଇଲକ୍ଷ ତିରିଶ ହଜାର ଗ୍ରାମ ଏଥିରେ ସମ୍ପୃକ୍ତ ଥିବାବେଳେ ୮କୋଟି ଲୋକଙ୍କର ଏହା ଜୀବିକାର୍ଜନର ପନ୍ଥା ଓ ଚାଳିଶକୋଟି ଲୋକଙ୍କର ଆବଶ୍ୟକତା ପୂରଣ କରେ। ଆମେରିକାରୁ ଆମଦାନୀ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ପ୍ରାୟ ୧୫% କମ୍ ମୂଲ୍ୟରେ ବଜାରରେ ଉପଲବ୍ଧ ହେବ। କମ୍ ଦାମ୍ ହେତୁ ଆମେରିକା ଦୁଗ୍ଧର ଚାହିଦା ବୃଦ୍ଧି ହେବ ଓ ଭାରତୀୟ ଦୁଗ୍ଧର ଚାହିଦା କମିଯିବ। ଗ୍ରାମ୍ୟ କୃଷି ବାଧାପ୍ରାପ୍ତ ହେବା ଆଶଙ୍କା ଥିବା ସହ ଭାରତୀୟଙ୍କର ସ୍ୱାସ୍ଥ୍ୟ, ଧର୍ମ, ସଂସ୍କୃତି, ଶାକାହାରୀ ଉପଭୋକ୍ତାଙ୍କର ଚିନ୍ତାଧାରା ପ୍ରଭାବିତ ହେବ। ଏତଦ୍‌ବ୍ୟତୀତ ଆଗାମୀ ସମୟରେ ପ୍ରଚୁର ଦୁଗ୍ଧ ଉତ୍ପାଦନ କରୁଥିବା ରାଷ୍ଟ୍ର ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ମଧ୍ୟ ଭାରତର ଦୁଗ୍ଧ ବଜାରରେ ପ୍ରବେଶ କରି ବାଣିଜ୍ୟ କରିବା ପାଇଁ ଚାପ ସୃଷ୍ଟି କରିବାକୁ ଚାହିଁବେ। ଏ ସବୁ ଦୃଷ୍ଟିରୁ ଭାରତ ଛୋଟ କୃଷକଙ୍କ ସ୍ୱାର୍ଥ ପାଇଁ ଢାଲ ହୋଇ ପ୍ରତିବନ୍ଧକ ସାଜିଛି।

ଶକ୍ତିନଗର କଟକ, ମୋ: ୯୪୩୮୫୩୨୪୫୭

## ଏଇ ଭାରତରେ

ଏକ ସୁନ୍ଦର କ୍ୟାରିୟର ଓ ଆକର୍ଷଣୀୟ ଦରମାର ମୋହ ଜନସେବା ସମ୍ମୁଖରେ ଗୌଣ ହୋଇଯାଏ, ଯାହା ଦେଖିବାକୁ ମିଳିଛି ସୌରଭ ବୋଥ୍ରାଙ୍କ ଜୀବନରେ। ସୌରଭ ଆଇଆଇଟି, ଭିଏଚ୍‌ୟୁରୁ ଡିଗ୍ରୀ ହାସଲ କରିବା ପରେ ଚାକିରି ନ କରି ଯୋଗ ଶିକ୍ଷା ଦେଉଛନ୍ତି। ସୌରଭ ପ୍ରତିଦିନ ଭର୍ଚୁଆଲ ଯୋଗ କ୍ଲାସ୍ ଚଳାଉଛନ୍ତି। ‘ଶୁଭ ସକାଳ, ଆସନ୍ତୁ ଆରମ୍ଭ କରିବା’ରୁ ତାଙ୍କ ଯୋଗ କ୍ଲାସ୍ ଆରମ୍ଭ ହେଉଛି। କୋଭିଡ୍ ଲକ୍‌ଡାଉନ ଆରମ୍ଭ ସମୟରେ ୩ଜଣ ଲୋକଙ୍କୁ ନେଇ ସେ ଅନ୍‌ଲାଇନ ଯୋଗ କ୍ଲାସ୍ ଆରମ୍ଭ କରିଥିଲେ। ଏବେ ୧୬୯ ଦେଶର ଲୋକେ ତାଙ୍କ ଯୋଗ କ୍ଲାସ୍‌ରେ ଯୋଡ଼ିହୋଇଛନ୍ତି ଏବଂ ଏମାନଙ୍କ ସଂଖ୍ୟା ୧ କୋଟି ୨୬ ଲକ୍ଷରୁ ଅଧିକରେ ପହଞ୍ଚିଲାଣି। ଏଥିପାଇଁ ସେ ଗୋଟିଏ ଦିନରେ ଅଧିକ ଭ୍ୟୁୟର, ଯୋଗ କ୍ଲାସ୍‌ରେ ଅଧିକ ଲୋକ ଭାଗନେବା, ଅଧିକ ଦେଶରୁ ଲୋକେ ଭାଗ ନେବା, ଅଧିକ ସମୟ ଯୋଗ କ୍ଲାସ୍ ଆୟୋଜନ କରିବା ଆଦିରେ ସେ ୬ଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ସୌରଭଙ୍କ ଜେଜେବାପା ଜଣେ ଡାକ୍ତର ଥିଲେ ବି ଚାକିରି ନ କରି ଦୁର୍ଗମ ଗାଁରେ ରହି ଲୋକଙ୍କ ପାଇଁ ନିଃସ୍ୱାର୍ଥପର ଭାବେ ସେବା ଯୋଗାଉଥିଲେ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଯୋଗ ଶିକ୍ଷା ଦେଇ ଲୋକଙ୍କୁ ସୁସ୍ଥ ରଖିବାର ପ୍ରୟାସ ଜାରି ରଖିଛନ୍ତି ବୋଲି କହନ୍ତି ସୌରଭ।

## ୫୦ ବର୍ଷ ତଳର ଧରିତ୍ରୀ

### ୪ ନଭେମ୍ବର ୧୯୭୬

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସଭାପତିତ୍ୱରେ ଭାରତ ସରକାର ଏକ ଜାତୀୟ ମହିଳା କମିଟି ଗଠନ କରିଛନ୍ତି।
- ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଭାରତର ୫୫ ନିୟୁତ ଟଙ୍କା ଦାନ।

## ଚିରନ୍ତନୀ

ତୁମରି ଲାଗି ଜଳଇ ମୋର ଆରତି
ପରାଣ ଦେହ ତୁମେ ମୋ’ ଯଶ କୀରତି
ଯାତନା ଶତ ମରଣ ମମ
ଲଢ଼ିଲେ ପଛେ ହେ ପ୍ରିୟତମ
ଅମର ହେବ ଜୀବନ ମମ
ଲଭିଲେ ତିଳେ ପୀରତି !

-(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲୁଟୁଛନ୍ତି ବସ୍‌ବାଲା

ମହାଶୟ,

ନବରଙ୍ଗପୁରରୁ ଭୁବନେଶ୍ୱର ଆସିବା ପାଇଁ ୨ଦିନ ଆଗରୁ ଅଗ୍ରିମ ଟିକେଟ ବୁକିଂ କାଉଣ୍ଟରରୁ ପ୍ରକାଶ ବସ୍ ସର୍ଭିସ୍ ନାମକ ବସ୍‌ରୁ ୩ଟି ଟିକେଟ କାଟିଥିଲୁ। ଟିକେଟରେ ଏସି ସ୍ଲିପର ଲେଖାଥିଲା। କାଉଣ୍ଟର ବାଲା କହିଥିଲେ, ଉମରକୋଟରୁ ଏକ ହଳଦିଆ ରଙ୍ଗର ବସ୍ ଆସିବ। ଛାଡ଼ିବା ସମୟ ସନ୍ଧ୍ୟା ୫ଟା। ବସ୍ ନମ୍ବର କଲମରେ ଲେଖାହୋଇଥିଲା। ଭଡ଼ା ଜଣକା ୯୦୦ଟଙ୍କା, ପ୍ରକୃତରେ ଭଡ଼ା ୭୦୦ଟଙ୍କା। କିଙ୍ଗଫିସର ବସ୍‌ର ଭଡ଼ା। ୫ଟା ପର୍ଯ୍ୟନ୍ତ ବସ୍ ଆସିଲା ନାହିଁ। ୬.୩୦ରେ ଏକ ସ୍ଲିପର ବସ୍ ଆସିଲା। ହଳଦିଆ ରଙ୍ଗର ଆଇଚର ବସ୍। ବସ୍‌ର ନାଁ ନାହିଁ। ଗନ୍ତବ୍ୟସ୍ଥଳ ବୋର୍ଡରେ ଲେଖା ନାହିଁ। କଣ୍ଡକ୍ଟର ଡାକ ମାରିଲେ ଭୁବନେଶ୍ୱର କିଏ ଟିକେଟ କାଟିଥିଲେ ବସନ୍ତୁ। ଆମ ଟିକେଟ ପୂରା ପଛ ୩୬, ୩୭, ୩୮ ନମ୍ବର ଥିଲା। ୧୨ ଘଣ୍ଟା ପଛ ସିଟ୍‌ରେ ବସି ଆସିବା କେତେ କଷ୍ଟକର ତାହା ଅନୁଭବ କରିଛୁ। ବସ୍‌ବାଲା ଏମିତି ଲୋକଙ୍କୁ ହଇରାଣ କରୁଥିଲେ ମଧ୍ୟ ଅଭିଯୋଗ କେହି ଶୁଣୁନାହାନ୍ତି।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ

## ଟ୍ରାକ୍ଟରରୁ ଖସିପଡ଼ି ଶିଶୁ ଶ୍ରମିକ ମୃତ

■କ୍ଷତିପୂରଣ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଲା

ଉମରକୋଟ, ୩।୧୧ (ସନ୍ତୋଷ ଶତପଥୀ)



ଗ୍ରାମବାସୀ ଓ ପରିବାର ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ଶିଶୁମାନଙ୍କୁ କାମରେ ଲଗାଇବା ଏକ ଦଣ୍ଡନୀୟ ଅପରାଧ। ଏ ଦିଗରେ ପ୍ରଶାସନ ବାରମ୍ବାର ସଚେତନ କରୁଥିଲେ ମଧ୍ୟ ଏଥିରେ ବ୍ୟତିକ୍ରମ ଦେଖାଦେଉଛି। ଲୋକେ ସଚେତନ ନ ହେବାରୁ ପିଲାମାନେ କାମ କରୁଛନ୍ତି। ବିଭିନ୍ନ ସମୟରେ ସେମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। କେତେକ କ୍ଷେତ୍ରରେ ସେମାନେ ନିଜର କୌଣସି ଅଙ୍ଗ ହରାଇ ଅକାମୀ ହେଉଥିବାବେଳେ ଆଉ କେତେବେଳେ ମୃତ୍ୟୁ ହେଉଥିବା ନଜିର ରହିଛି। ଏ ଯେମିତି ରବିବାର ଏକ ଘଟଣା ନବରଙ୍ଗପୁର ଜିଲା ଉମରକୋଟରୁ ସାମ୍ନାକୁ ଆସିଛି। ଜିନିଷ ଅନ୍‌ଲୋଡ କରିବାକୁ ଟ୍ରାକ୍ଟରରେ ଯାଉଥିବା ଜଣେ ଶିଶୁ ଶ୍ରମିକ ଗାଡ଼ିରୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ନାବାଳକ ହେଲେ ଦର୍ଗାଗୁଡ଼ାର ଉମ୍ବରୁ ପୁଜାରୀ (୧୫)। ସୋମବାର ପରିବାର ଲୋକେ ଓ ଗ୍ରାମବାସୀ ମୃତଦେହ ରଖି ରାସ୍ତାରୋକୋ କରୁଥିଲେ। ଟ୍ରାକ୍ଟର ମାଲିକ କ୍ଷତିପୂରଣ ପ୍ରତିଶ୍ରୁତି ଦେଇଥିଲେ। ୨ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନାନୁଯାୟୀ, ରବିବାର ସନ୍ଧ୍ୟାରେ ଦର୍ଗାଗୁଡ଼ାର ଜଣେ ବ୍ୟବସାୟୀ ସ୍ଥାନୀୟ ଅଞ୍ଚଳର ତପନ ଭଦ୍ରା(୨୫), ବିରେନ୍ଦ୍ର ଗଣ୍ଡ (୧୮) ଓ ଉମ୍ବରୁ ପୁଜାରୀ (୧୫)ଙ୍କୁ ଶ୍ରମିକଭାବେ ଟ୍ରାକ୍ଟରରେ ନେଉଥିଲେ। ଉକ୍ତ ଟ୍ରାକ୍ଟରରେ ଥିବା ଜିନିଷକୁ ଅନ୍‌ଲୋଡ କରିବାକୁ ଶ୍ରମିକମାନଙ୍କୁ ଲିମାଗୁଡ଼ାକୁ ନିଆଯାଉଥିଲା। ତେବେ ଲିମାଗୁଡ଼ା ଗ୍ରାମରେ ପହଞ୍ଚିବା ପୂର୍ବରୁ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ବାଟରେ ପଡୁଥିବା ଏକ ଜଙ୍ଗଲରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ବିଲକୁ ଟ୍ରାକ୍ଟରଟି ଓଲଟି ପଡିଥିଲା। ଗାଡ଼ିରୁ ଖସିପଡ଼ି ଉମ୍ବରୁ ଗୁରୁତର ହୋଇଥିଲେ। ଅନ୍ୟ ୨ ଜଣ ଶ୍ରମିକ ତାଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଉମ୍ବରୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଉମରକୋଟ ପୋଲିସ ହସ୍ପିଟାଲରେ ପହଞ୍ଚିଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ କରାଯାଇ ନ ଥିଲା। ସୋମବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଓ ଗ୍ରାମବାସୀ ମୃତଦେହକୁ ଦର୍ଗାଗୁଡ଼ା ଆଣି ଉମରକୋଟ-ରାଇଘରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମଝିରେ ରଖି ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ଆର୍ଥିକ ସାହାର୍ଯ୍ୟ, ଟ୍ରାକ୍ଟରରେ ଶିଶୁ ଶ୍ରମିକଙ୍କୁ ନିୟୋଜନ ନ କରିବା ଓ ଲାଇସେନ୍ସ ନ ଥିବା ଡ୍ରାଇଭରମାନଙ୍କୁ ଗାଡ଼ି ଚଳାଇବାକୁ ନଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦାବି କରି ରାସ୍ତା ଅବରୋଧ କରିଥିଲେ। ପରେ ଟ୍ରାକ୍ଟର ମାଲିକ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ରାସ୍ତାରୁ ହଟିଥିଲେ। ଏହାପରେ ପରିବାର ଲୋକେ ମୃତଦେହ ସତ୍କାର କରାଇଥିଲେ। ଉମରକୋଟ ପୋଲିସ ପକ୍ଷରୁ ଏସ୍ଆଇ ଶିବଜି ପଣ୍ଡା, ସୌମେନ୍ଦ୍ର ସେଠ, ସଞ୍ଜୟ ମଣ୍ଡଳ ଓ ନରେନ୍ଦ୍ର ଗୋଲାପିଙ୍କ ସମେତ ବହୁ ପୋଲିସ ମୁତୟନ ଥିଲେ।

# ତାଗିଦା ସତ୍ତ୍ୱେ ଗାଁରେ ମଦ ବିକ୍ରି ଅଭିଯୋଗ




ମହିଳାମାନେ ପୋଲିସକୁ ଏତଲା ଦେଉଛନ୍ତି।

## ବ୍ୟବସାୟୀଙ୍କ ନାମରେ ଥାନାରେ ଏତଲା ଦେଲେ ମହିଳା

ପାପଡ଼ାହାଣ୍ଡି, ୩।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିରିଶି ପଞ୍ଚାୟତ ପାଲପୁର ମୌଜା ପାଲପୁର, ନୂଆଗୁଡ଼ା, କଦମଗୁଡା ଆଦି ଅଞ୍ଚଳରେ ମଦ ବିକ୍ରି ନ କରିବା ନେଇ ତାଗିଦ ସତ୍ତ୍ୱେ ଜଣେ ବ୍ୟାବସାୟୀ ପୁଣି ଥରେ ମଦ ବିକ୍ରି କରୁଛନ୍ତି। ଏଭଳି ଅଭିଯୋଗ ଆଣି ସୋମବାର ସ୍ଥାନୀୟ ଅଞ୍ଚଳର ମହିଳାମଣ୍ଡଳ ବ୍ୟାବସାୟୀଙ୍କ ନାମରେ ଏତଲା ଦେଇଛନ୍ତି।

ଶନିବାର ସମ୍ପୃକ୍ତ ବ୍ୟବସାୟୀ ଏକ ବାଇକରେ ମଦ ନେବା ସମୟରେ ଗାଁ ଯୁବକଙ୍କ ହାତରେ ଧରାପଡ଼ିଥିଲେ। ମଦ ବିକ୍ରି ବନ୍ଦ ନେଇ ତାଗିଦ ସତ୍ତ୍ୱେ କାହିଁକି ମଦ ଆଣିଲେ ବୋଲି ଯୁବକମାନେ ପଚାରିବା ସହ ମହିଳା ମଣ୍ଡଳଙ୍କୁ ଜଣାଇଥିଲେ। ବ୍ୟାବସାୟୀ ଜଣକ ଏହା ପରେ ବାଇକ ଧରି ଘଟଣାସ୍ଥଳରୁ ପଳାଇଥିଲେ। ବାରମ୍ବାର ଲୁଚାଛପାରେ ଅଞ୍ଚଳରେ ପୁଣି ମଦ ବିକ୍ରି ହେଉଥିବା ଅଭିଯୋଗ ଆଣି ମହିଳାମାନେ ପାପଡ଼ାହାଣ୍ଡି ଥାନାର ଦ୍ୱାରସ୍ତ ହୋଇ ଏତଲା ଦେଇଛନ୍ତି। ଛଅ ମାସ ତଳେ ମୌଜାରେ ମଦ ବନ୍ଦ ନେଇ ମହିଳାମାନେ ଅଣ୍ଟା ଭିଡ଼ିଥିଲେ। ମଦ ପିଇବାକୁ ବାରଣ ସହ ବିକ୍ରି ନ କରିବା ଲାଗି ତାଗିଦ କରାଯାଇଥିଲା। ତଥାପି ମଧ୍ୟ ମଦ ବିକ୍ରି ହେଉଥିବାରୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ବ୍ୟାବସାୟୀ ଜଣଙ୍କ ୨ ମାସ ତଳେ ମହିଳାମାନଙ୍କୁ ଦୁର୍ବ୍ୟବହାର ସହ ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଛି।

# 'ଶିକ୍ଷା ହିଁ ସମସ୍ତଙ୍କ ଉତ୍ତମ ଜୀବନ ଗଢ଼ିଥାଏ'



କାର୍ଯ୍ୟକ୍ରମରେ ନାରୀ ଶକ୍ତିର ସଦସ୍ୟ ଓ ଅନ୍ୟମାନେ।

ନବରଙ୍ଗପୁର,୩।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ଅଗ୍ରଣୀ ମହିଳା ସଙ୍ଗଠନ ନାରୀଶକ୍ତି ଆନୁକୂଲ୍ୟରେ ବେହେରାଗୁଡ଼ା ଗ୍ରାମରେ ସୋମବାର ଏକ ସଚେତନତା ସଭା ଆୟୋଜନ କରାଯାଇଛି। ବାଲ୍ୟବିବାହ ଉଚ୍ଛେଦ, ନିଶାଦ୍ରବ୍ୟ ବର୍ଜନ, ସମସ୍ତଙ୍କ ପାଇଁ ଶିକ୍ଷାର ଆବଶ୍ୟକତା ସମ୍ବନ୍ଧରେ ଉପସ୍ଥିତ ମହିଳା, କିଶୋରୀଙ୍କୁ ସଚେତନ କରାଯାଇଥିଲା। ସେମାନଙ୍କୁ ବାଲ୍ୟବିବାହର ବିଭିନ୍ନ ପ୍ରତିକୂଳ ଦିଗ ସମ୍ପର୍କରେ ବୁଝାଯାଇଥିଲା। ଏଥିସହ ଆଇନ ସମ୍ମତ ବୟସରେ ପରିବାରର ଝିଅଙ୍କୁ ବାହାଦେବା ପାଇଁ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିସହ ମଦ, ତମାଖୁ ଓ ଅନ୍ୟ ନିଶାଦ୍ରବ୍ୟ ସେବନର ଅପକାରିତା ସମ୍ବନ୍ଧରେ ବୁଝାଯାଇଥିଲା। ଏଥିସହ ଘରର ମୁରବି କିମ୍ବା ଅନ୍ୟ ସଦସ୍ୟଙ୍କୁ ଏଥିରୁ ବିରତ ରହିବା ଦିଗରେ ବୁଝାଇବାକୁ ପରାମର୍ଶ ଦିଆଯାଇଥିଲା। ଶିକ୍ଷା ହିଁ ସମସ୍ତଙ୍କ ଉତ୍ତମ ଜୀବନ ଗଢ଼ିଥାଏ, ଏଥିପାଇଁ ସମସ୍ତ ଶିଶୁଙ୍କୁ ନିଶ୍ଚିତ ଭାବରେ ସ୍କୁଲ ପଠାଇ ଶିକ୍ଷିତ କରିବାକୁ କୁହାଯାଇଥିଲା। ସଙ୍ଗଠନ କୋଷାଧ୍ୟକ୍ଷା ମନୋରମା ମାଝୀ, ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପଟ୍ଟନାୟକ, ଉପାଧ୍ୟକ୍ଷା ସୋଫିଆ ବେଗମ, ଆଇନ ପରାମର୍ଶଦାତା ରାମପ୍ରସାଦ ପାତ୍ର, ଯୁଗ୍ମ ସମ୍ପାଦିକା ସାମା ଅହମ୍ମଦ, ଦୁର୍ଗାପ୍ରସାଦ ପାଢ଼ୀ, ବବିତା ସାହୁ, ସାକିଲା ବେଗମ ପ୍ରମୁଖ ସମସ୍ତଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏଥିସହ ଉପସ୍ଥିତ ମହିଳା, ଯୁବତୀ, କିଶୋରୀ ଓ ଶିଶୁଙ୍କୁ ଶୀତବସ୍ତ୍ର ଓ ପୋଷାକ ବିତରଣ କରାଯାଇଥିଲା।

# ଜନଶୁଣାଣିରେ ୧୦ ଅଭିଯୋଗ ପଞ୍ଜୀକୃତ

ନନ୍ଦପୁର/ପାଡୁଆ, ୩।୧୧ (ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପ୍ରଶାସନ ତରଫରୁ ସୋମବାର ଭେଜା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ସରପଞ୍ଚ ଭଗବତୀ ଟଙ୍ଗତ, ସମିତିସଭ୍ୟ ଡାଲିମା ଶୀସା, ସମସ୍ତ ୱାର୍ଡ ସଭ୍ୟ ଓ ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ସହଯୋଗୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ନୂଆପୁଟ ଗ୍ରାମ ଓ ଭେଜା ଷ୍ଟେଶନ ନିକଟରେ ପାନୀୟ ଜଳ ସମସ୍ୟା ଦୂରୀକରଣ ପାଇଁ ପଞ୍ଚାୟତବାସୀ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଗାୟଲପୁଟ, ବଦଲିଗୁଡ଼ା, ନୂଆପୁଟ ଓ ଟାଇନ୍ତର ଗାଁ ରାସ୍ତା, କଲଭର୍ଟ ଓ ଡ୍ରେନ୍ ନିର୍ମାଣ କରିବା ନେଇ ମୋଟ ୧୦ ଅଭିଯୋଗ ପଞ୍ଜୀକରଣ କରାଯାଇଛି। ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାକରି ପଞ୍ଚାୟତର ସମସ୍ୟାଗୁଡ଼ିକ ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି।

## ଦେଶୀ ମଦ ଚାଲାଣ, ୨ ଗିରଫ

ଜୟପୁର,୩।୧୧(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅଧୀନ ବାର୍ଲାହାଣ୍ଡି ଓ ଫାମ୍ପୁଣିରେ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଜଣେ ଅଭିଯୁକ୍ତଙ୍କ ସମେତ ୨ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ମହେଶ୍ୱର ହରିଜନ (୨୧)। ଅବକାରୀ ଥାନା ବାର୍ଲାହାଣ୍ଡି ଓ ଫାମ୍ପୁଣିରେ ଚଢାଉ କରି ୧୯ ଲିଟର ଦେଶୀ ମଦ ଜବତ କରିଛି। ୨ ଅଭିଯୁକ୍ତଙ୍କୁ ସୋମବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଓଆଇସି ସୁବ୍ରତ କିଶୋରି ହିରଣ ସୂଚନା ଦେଇଛନ୍ତି।


**कार्यपालक अभियन्ता का कार्यालय, लघु सिंचाई प्रमंडल, राँची**

कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची- 834001

ई-मेल - eemidran-cemr-jhr@nic.in, midranchi2018@gmail.com

फोन नं० — 0651–3512781

पत्रांक................../ राँची, दिनांक ......../........./2025

**शुद्धि-पत्र**

कार्यपालक अभियंता, लघु सिंचाई प्रमण्डल, राँची का पत्रांक – 616 दिनांक– 25.09.25 द्वारा आमंत्रित e-Tender Reference No. WRD/MID/RANCHI F2 -08/2025-26, PR No.362990 Minor Irrigation (25-26).D दिनांक 27.09.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of e-tender on website | 18.10.2025 up to 2:00 pm | 13.11.2025 up to 2.00 pm |
| 2 | Last date for /time for submission of e- tender BID's | 25.10.2025 up to 5:00pm | 19.11.2025 up to 3:00 pm |
| 3 | Last date for online Submission of tender fee and EMD | 25.10.2025 up to 5:00pm | 19.11.2025 up to 3:00 pm |
| 4 | Date of opening tender | 30.10.2025 at 2:00 Pm | 21.11.2025 at 4:00 pm |

निविदा की शेष सभी शर्तें पूर्वतः बनी रहेगी।

विश्वासभाजन

PR 365186 Minor Irrigation (25-26)_D

कार्यपालक अभियन्ता, लघु सिंचाई प्रमंडल, राँची



**ନାଲକୋ NALCO**

National Aluminium Company Limited (A Government of India Enterprise)

Nalco Bhawan, Nayapalli, Bhubaneswar - 751 013, Odisha

CIN : L27203OR1981GOI000920

A NAVRATNA COMPANY

**RFQ FOR INTERNAL AUDIT ASSIGNMENTS**

No. NALCO/IA/ RFP/2025 Dated: 03/11/2025

National Aluminium Company Limited (NALCO) invites applications from reputed and experienced Chartered Accountant / Cost Accountant Firms or LLPs for undertaking **Internal Audit assignments** for a period of three years at its various locations. The detailed Request for Proposal (RFP) is available on the following websites: **www.nalcoindia.co.in / www.icmai.in / www.pdicai.org**

Interested CA/CMA Firms/LLPs having their Head Offices in Odisha or Visakhapatnam(AP) are requested to submit their profiles both by email and in physical form, as specified in the RFP documents. Last date for receipt of both email and signed physical copies: **24.11.2025 (by 5:00 pm)**

**Alok Tripathy**
DGM(F)



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ** (ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

Lifeline of Odisha

**ODISHA POWER TRANSMISSION CORPORATION LIMITED** (A Government of Odisha Undertaking)

**OFFICE OF THE SENIOR GENERAL MANAGER, PROJECT- I**

## NOTIFICATION

**No. Sr.GM(TP&C)/Publication/Gaz/08/(Vol.V)/542 Dated : 30.10.2025**

In accordance with Section-164 of the Indian Electricity Act, 2003 and in exercising the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which is intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 36.05 Crores. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.General Manager(Elect.), EHT(Projects)-I, Bhubaneswar, Odisha Power Transmission Corporation Limited, Tech Tower (7th floor), OPTCL, Janpath, Saheed Nagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.),EHT (Projects) Division Angul as mentioned against the work, on any working day during office hours.

**Name of the Work:-** Construction of 220kV S/C Line from existing 220/33kV Grid Sub-station at Rengali to proposed RTSS at Khamar (line length- 25 kms. Approx.)

**Name of the Village in which the line will Pass :**

**Tahasil:** Kaniha, **R.I Circle:** Bajrakote, **Revenue Village:** Rengali, Deynali, **R.I Circle:** Sipur, **Revenue Village:** Podagarh, Susuba, Gengutia, Batibaspur, **Tahasil:** Pallahara ,**R.I Circle:** Khamara,**Revenue Village:** Besalia, Panihara, Nitiam, Sankhamur, Baidyanathapur, Sahupada, Jaitdimiria, Khamara.

**Perceived benefit that may accrue :** This will facilitate the un-interrupted power supply to the villages' covers under the Tahasil of Kaniha, Pallahara & overall development of Odisha State in general.

**ER. SUNIL KUMAR DANDSENA**
**Sr. General Manager Project- I**

FIPR-54/2025-26

/optcl.odisha /optcl_odisha



**ଭାରତ ସରକାର**

**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ**

**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ**

**ପ୍ରୋଗ୍ରାମ୍ ମନିଟରିଂ ୟୁନିଟ୍ (ପିଏମ୍‌ୟୁ) ଅଧୀନରେ ରାଜ୍ୟ ସମନ୍ୱୟକାରୀଙ୍କ ପାଇଁ ଖାଲିପଦବୀ ସମ୍ବନ୍ଧୀୟ ଘୋଷଣା**

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ତୃଣମୂଳ ସ୍ତରରେ ଯୋଜନାଗୁଡ଼ିକର ତତ୍ତ୍ୱାବଧାନ ଓ ମୂଲ୍ୟାୟନ କରିବା ତଥା ସେଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ଲାଗି ମତାମତ ଯୋଗାଇବା ଏବଂ ମଧ୍ୟବର୍ତ୍ତୀକାଳୀନ ସୁଧାର ଲାଗି ଯୁବ ବୃତ୍ତିଧାରୀଙ୍କ ସହ ଏକ ପ୍ରୋଗ୍ରାମ୍ ମନିଟରିଂ ୟୁନିଟ୍ (ପିଏମ୍‌ୟୁ) ୨୦୨୫ ଗଠନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ନୂଆଦିଲ୍ଲୀସ୍ଥିତ ପିଏମ୍‌ୟୁ ପାଇଁ **ନିଯୁକ୍ତି ତାରିଖଠାରୁ ୨ ବର୍ଷ ଲାଗି ଅଣ-ନବୀକରଣଯୋଗ୍ୟ ଚୁକ୍ତିରେ** ୪୯ ଜଣ ରାଜ୍ୟ ସମନ୍ୱୟକାରୀଙ୍କ ଚୟନ ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ପଦବୀରେ ମାସିକ ଟ.୭୫,୦୦୦/-ର ଏକତ୍ରିତ ବେତନ ରହିବା ସହ ଆବଶ୍ୟକତା ଅନୁସାରେ ପ୍ରତିମାସ ପ୍ରାୟ ୨୦-୨୫ ଦିନର ବ୍ୟାପକ ଭ୍ରମଣର ଆବଶ୍ୟକତା ରହିଛି। ଯେକୌଣସି ଶୃଙ୍ଖଳାର ସ୍ନାତକ କିମ୍ବା ଚଳିତ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହେବାକୁ ଯାଉଥିବା ସ୍ନାତକ (ଏନ୍‌ଆଇଆର୍‌ଏଫ୍ ମାନ୍ୟତା ଅଧୀନରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପାହ୍ୟାପ୍ରାପ୍ତ ହୋଇଥିବା ଅନୁଷ୍ଠାନ - ଦେଶର ୧୦୦ଟି ସାମଗ୍ରିକ ଶୀର୍ଷ ଅନୁଷ୍ଠାନ, ୧୦୦ ଶୀର୍ଷ ମହାବିଦ୍ୟାଳୟ, ୧୦୦ ଶୀର୍ଷ ବିଶ୍ୱବିଦ୍ୟାଳୟ ଏବଂ ୫୦ ଶୀର୍ଷ ଗବେଷଣା ଅନୁଷ୍ଠାନରୁ) ଏହି ପଦବୀ ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟ ହେବେ।

ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ଦାୟିତ୍ୱ ଆଦି ସମ୍ବନ୍ଧୀୟ ଅଧିକ ବିବରଣୀ ତଥା ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ୱେବସାଇଟ୍ **https://socialjustice.gov.in/** ପରିଦର୍ଶନ କରନ୍ତୁ।

ପଞ୍ଜୀକରଣ ଓ ଦରଖାସ୍ତ ଦାଖଲ ପ୍ରକ୍ରିୟା **୦୪ ନଭେମ୍ବର ୨୦୨୫ରୁ ୦୪ ଡିସେମ୍ବର ୨୦୨୫** ପର୍ଯ୍ୟନ୍ତ ଖୋଲା ରହିବ।

**cbc 38101/11/0027/2526**



**GOVERNMENT OF ODISHA**

**OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH**

E-mail : eemisundargarh@yahoo.co.in

'e' Procurement Notice

Bid Reference No. SE MID SNG 10/2025-26

**No.A-843** : Bid documents consisting name of Works, Estimated cost, Cost of tender paper, EMD, Time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil Construction work |
| 2 | No. of Works | : | 10 (Ten) Nos. |
| 3 | Estimated cost | : | Varies from Rs.4.66 lakh to Rs.16.78 lakh (Approximately) |
| 4 | Period of completion | : | 02 (Two) to 03 (Three) Calendar months |
| 5 | Date and Time of availability of bid documents in the portal | : | From **dt.05.11.2025** at 10.00 AM to **dt.14.11.2025** up to 5.30 PM |
| 6 | Last date / time of receipt of bids in the portal | : | **Dt.14.11.2025** up to 5.30 PM |
| 7 | Date of opening of Bid | : | **Dt.15.11.2025** at 11.00 AM onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

**Sd./- Superintending Engineer**
**M.I.Division, Sundargarh**

OIPR-



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସହାୟକ ବୈଦ୍ୟୁତିକ ଯନ୍ତ୍ରୀ (ସିଓଏନ୍), ଦ.ପୂ. ରେଳପଥ, ରାଞ୍ଚି ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in**ରେ ଅପ୍‌ଲୋଡ୍ ହୋଇଛି। ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.:** ଇଏଲ୍-ସିଓଏନ୍-ଆର୍‌ଏନ୍‌ସି-ଆଇଏଲ୍‌ଓ-ଏସ୍‌ଏଲ୍‌ଏଫ୍-୨୫-୨୬; **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** "ଦ.ପୂ. ରେଳପଥର ରାଞ୍ଚି ମଣ୍ଡଳରେ ମୁରିକୁ ଏଡ଼ାଉଥିବା ଇଲୁ-ସିଲ୍ଲି ବାଇପାସ୍ ଲାଇନ୍‌ର କାର୍ଯ୍ୟ ସଂକ୍ରାନ୍ତରେ ଆର୍‌ସି ଏବଂ ପିଏସ୍‌ଆଇ କାର୍ଯ୍ୟ ଏବଂ ଏଟି ସମ୍ବନ୍ଧିତ କାର୍ଯ୍ୟ ସମେତ ୨୫ କେଭି ଓଏଚ୍‌ଇ ବିଦ୍ୟୁତୀକରଣ ଏବଂ ପରିବର୍ତ୍ତନ କାର୍ଯ୍ୟର ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଏବଂ କମିଶନିଂ।" **କାର୍ଯ୍ୟର ମୂଲ୍ୟ:** ₹୧୧,୪୨,୬୪,୫୨୧.୬୦ ଏବଂ **ବିଡ୍ ଅମାନତ:** ₹୭,୨୧,୩୦୦.୦୦; **ସମାପ୍ତି ଅବଧି:** ୨୪ ମାସ; **ବନ୍ଦ ହେବା ତାରିଖ:** ୨୬।୧୧।୨୦୨୫; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ଏବଂ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି [ଇ-ଟେଣ୍ଡର କାର୍ଯ୍ୟ (ଫୋନ୍ ନଂ. ସହିତ ଲଗ୍‌ଇନ୍ କରନ୍ତୁ) ଏବଂ ଉପରଦର୍ଶିତ ଟେଣ୍ଡର ନଂ. ସହ ସନ୍ଧାନ କରନ୍ତୁ]। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିଦ୍ର: "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି।" **(PR-795)**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ନଂ.:** ବିଆର୍-ଏଚ୍‌କ୍ୟୁ-କେଜିପି-୨୫-୨୬-୦୮; **କାର୍ଯ୍ୟର ବର୍ଣ୍ଣନା:** "ଏଏକ୍ସଇଏନ୍ (ସେତୁ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ ଅବଧିରେ ଏସ୍‌ଏସ୍‌ଇ/ବିଆର୍/କେଜିପି-ଆଇ କ୍ଷେତ୍ରାଧିକାରର ସେତୁ କୋନାଲ କାର୍ଯ୍ୟ।" **ଟେଣ୍ଡର ମୂଲ୍ୟ:** ₹୨,୯୬,୧୧,୦୭୭.୩୯; **ଅମାନତ ରାଶି:** ₹୨,୯୮,୧୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ; **ଟେଣ୍ଡରର ବନ୍ଦ ହେବାର ତାରିଖ ଓ ସମୟ:** ତା୨୭।୧୧।୨୦୨୫ରିଖ ୧୧.୩୦ ଘଟିକା; **ସମାପ୍ତି ଅବଧି:** ୨୪ (ଚବିଶ) ମାସ; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା ପାଇଁ ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ଲାଗି ଏହି ଟେଣ୍ଡରର ସ୍ଥିତି ଜାଣିବା ନିମନ୍ତେ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **(PR-790)**



**केनरा बैंक Canara Bank** A Government of India Undertaking | सिंडिकेट Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**

ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | ଜଗତ୍‌ସିଂହପୁର ଶାଖା (୧୮୦୨୭)/ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ / ବନ୍ଧକମୁକ୍ତ ନୋଟିସ୍ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତା/ବନ୍ଧକଦାତା: **ଶ୍ରୀ ସୁଶିଲ କୁମାର ଦାଶ,** ପିତା: ରବୀନ୍ଦ୍ର କୁମାର ଦାସ, ସା: ଜାହାନପୁର, ପୋ: ମଣ୍ଡାସାହି, ଗ୍ରାମ: ଜାହାନପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା – ୭୫୪୧୧୪ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୩୨, ଖାତା ନଂ.: ୬୯, ମୌଜା: ଚାଟରା, ଗ୍ରାମ: ଜାହାନପୁର, କ୍ଷେତ୍ର: ଏକର ୦.୦୪ ଡିସିମିଲି, କିସମ: ଘରବାରୀ, ପଞ୍ଜିକୃତ ସବ୍‌ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର ଅଧିନସ୍ଥ ଏବଂ ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ନିତ୍ୟାନନ୍ଦ ମହାନ୍ତି, ପୂର୍ବ: ରାଧା ଚରଣ ମହାନ୍ତି, ପଶ୍ଚିମ: ଗୋପିନାଥ ମହାନ୍ତି | ୨୫.୦୮.୨୦୨୫ / ୩୧.୧୦.୨୦୨୫ / ୦୩.୧୧.୨୦୨୫ / ୦୩.୧୧.୨୦୨୫ ସୁଦ୍ଧା ଟ.୧୪,୭୯,୮୪୬.୩୭ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ସମ୍ପତ୍ତି ବିକ୍ରୟ।**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ ଫାଇନାନ୍‌ସିଆଲ ଅସେଟ୍ସ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି। ଏତଦ୍‌ଦ୍ୱାରା ଆପଣଙ୍କୁ **୩୦ ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮) ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ ପ୍ରାପ୍ତିର **୩୦ ଦିନ** (ନିଲାମ ନୋଟିସ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ।

ସ୍ଥାନ : କଟକ
ତାରିଖ : ୦୩.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank** (Together for the better) Oriental United

**ଡିମାଣ୍ଡ ନୋଟିସ୍**

ମଣ୍ଡଳ କାର୍ଯ୍ୟାଳୟ : ସମ୍ବଲପୁର, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪, ଇ-ମେଲ୍: cs8310@pnb.co.in

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ) ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଏବଂ ଧାରା ୧୩(୨) ଓ ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ଧାରା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ରାଶି ସହିତ ସୁଧ ଓ ଚୁକ୍ତି ଅନୁଯାୟୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନୋଟିସ୍ ପ୍ରକାଶିତ ହେବାର **୬୦ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। କଥିତ ଡ଼ିମାଣ୍ଡ ନୋଟିସ୍‌କୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ପାଖକୁ ପଠାଯାଇଥିଲା କିନ୍ତୁ ତାହା ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି। ତେଣୁ ପୁନଶ୍ଚ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ କୁହାଯାଉଅଛି ଯେ ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟ ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବ୍ୟାଙ୍କକୁ ପଇଠ କରନ୍ତୁ। ଯଦି ସେମାନେ ଉକ୍ତ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ କଥିତ ଆଇନର ବ୍ୟବସ୍ଥା ଅନୁସାରେ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ।

| ଶାଖା/ ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ/ଋଣ ପରିମାଣ | ବକେୟା ଦେୟ | ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ନୂଆପଡା ଶାଖା (୬୭୭୫୦୦) / ଋଣଗ୍ରହୀତା/ବନ୍ଧକାଦାତ: **ଶ୍ରୀ ସନ୍ତୋଷ କୁମାର ଗୁପ୍ତା,** ପିତା: ଶ୍ରୀ ମୁସାଫିର ଗୁପ୍ତା, ସା/ପୋ: ପଡୋରା, ଜିଲ୍ଲା: ନୂଆପଡା (ଓଡିଶା), ପିନ୍-୭୬୬୧୦୫ | ୨୪.୦୭.୨୦୨୫ / ଟ.୨୬,୦୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୨୮,୫୩,୯୮୯.୩୫ + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | **ଶ୍ରୀ ସନ୍ତୋଷ କୁମାର ଗୁପ୍ତା,** ପିତା: ଶ୍ରୀ ମୁସାଫିର ଗୁପ୍ତାଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୧୫୦/ ୧୨୫, ପ୍ଲଟ୍ ନଂ.: ୩୮୭/ ୯୨୪, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ମୌଜା: ପଡୋରା, ତହସିଲ/ଜିଲ୍ଲା: ନୂଆପଡା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ସୁଧିର ଚନ୍ଦ୍ର ମହାନ୍ତି, ଉତ୍ତର: ନିଜସ୍ୱ, ଦକ୍ଷିଣ: କେନାଲ |
| ଝିରିପାଣି ଶାଖା (୦୭୯୬୨୦) / ଋଣଗ୍ରହୀତାମାନେ: ୧) ନିଶିକାନ୍ତ ବେହେରା, ପିତା: ସୁରେନ୍ଦ୍ରନାଥ ବେହେରା, ୨) **ସନ୍ଧ୍ୟାରାଣୀ ବେହେରା (ବନ୍ଧକଦାତା),** ସ୍ୱାମୀ: ଶ୍ରୀ ନିଶିକାନ୍ତ ବେହେରା, ଉଭୟଙ୍କ ଠିକଣା- ସା: କ୍ୱାର୍ଟର ନଂ.: ସି/ ୧୯୮, ସେକ୍ଟର-୬, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୦୨ | ୨୮.୦୭.୨୦୨୫ / ଟ.୮,୦୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୮,୦୦,୯୪୩/- + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | **ଶ୍ରୀମତୀ ସନ୍ଧ୍ୟାରାଣୀ ବେହେରା,** ସ୍ୱାମୀ: ଶ୍ରୀ ନିଶିକାନ୍ତ ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୭୯/ ୪୦୨, ପ୍ଲଟ୍ ନଂ.; ୨୪୯/୧୩୮୯, ମୌଜା: ରାଉରକେଲା ଟାଉନ୍ ୟୁନିଟ୍ ନଂ.: ୪୮ (ବଡ ସୁନାପର୍ବତ), ତହସିଲ: ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ଓଡିଶା, କ୍ଷେତ୍ର: ଏକର୦.୦୪୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୪୯/୧୦୬୩, ପଶ୍ଚିମ: ପ୍ଲଟ୍ ନଂ.: ୨୪୯/ ୧୦୬୩, ଉତ୍ତର: ପ୍ଲଟ୍ ନଂ.: ୨୪୯/୧୦୬୩, ଦକ୍ଷିଣ: ପ୍ଲଟ୍ ନଂ.: ୨୪୯/୧୦୬୩ |
| ଝାରସୁଗୁଡା ଶାଖା (୧୪୦୩୨୦) / ଋଣଗ୍ରହୀତା: **ଶ୍ରୀ ମୀନକେତନ ନାୟକ (ବନ୍ଧକଦାତା),** ପିତା: ସାରଙ୍ଗଧର ନାୟକ, ସା: କଲ୍ଯ କଲୋନୀ, ବେହେରାମାଳ, ପୋ: ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ କଲୋନୀ, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୦୩ | ୨୦.୦୮.୨୦୨୫ / ଟ.୫୧,୨୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୨୩,୪୮,୮୩୧.୨୩ + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | **ଶ୍ରୀ ମୀନକେତନ ନାୟକ,** ପିତା: ସାରଙ୍ଗଧର ନାୟକଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୭୪୭/୭୪୩୧, ପ୍ଲଟ୍ ନଂ.: ୬୧୩/୯୨୮୦, କ୍ଷେତ୍ର: ଏକର୦.୦୬୪ ଡିସିମିଲି, ମୌଜା: ଝାରସୁଗୁଡା ୟୁନିଟ୍ ନଂ.: ୨, ବାଲିଯୋରି, ତହସିଲ/ଜିଲ୍ଲା: ଝାରସୁଗୁଡା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୦୩, ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୬୧୩ (ଅଂଶ) |


ସ୍ଥାନ : ସମ୍ବଲପୁର, ତାରିଖ : ୦୩.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

# ନେଟ୍‌ୱର୍କ ନାହିଁ, ଜରୁରୀ ସେବାରୁ ବଞ୍ଚିତ ୫ ଗ୍ରାମର ଲୋକେ

■ ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ
■ ଦାବି ପୂରଣ ନହେଲେ ରାସ୍ତାରୋକୋ ଚେତାବନୀ

ରାୟଗଡ଼ା,୩।୧୧ (ଆଶିଷ ରଞ୍ଜନ ପଣ୍ଡା)


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଗାଁକୁ ମୋବାଇଲ ନେଟ୍‌ୱର୍କ ନାହିଁ । ଫଳରେ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭକରି ଆଜିକା ଦିନରେ ପିଲାଙ୍କ ଅନ୍‌ଲାଇନ ପାଠପଢ଼ାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି । ଏଭଳିକି ଜରୁରିକାଳୀନ ସମୟରେ ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଓ ପୋଲିସକୁ ଡାକିବାକୁ ହେଲେ ବହୁ ଦୂରକୁ ଆସି ମୋବାଇଲରେ ଫୋନ କରିବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ପୂର୍ବରୁ ବହୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଲେ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେଣୁ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପୁନର୍ବାର ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିକଟରେ ମୋବାଇଲ ଟାୱାର ସ୍ଥାପନ ପାଇଁ ଦାବି କରିଛନ୍ତି କାଶୀପୁର ବ୍ଲକ ଶଙ୍କରଡ଼ା ପଞ୍ଚାୟତ ପାଞ୍ଚାଲି ସମେତ ଅନ୍ୟ ୪ ଗ୍ରାମର ଗ୍ରାମବାସୀ । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କାଶୀପୁର ବ୍ଲକର ପ୍ରାୟ ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ରହୁଛି । ହେଲେ ପାଞ୍ଚାଲି ସମେତ କପାଡାଙ୍ଗ, ପଣସପଦର, ପୁଞ୍ଜିଗୁମା ଏବଂ କଂସାରିଗୁଡ଼ା ଗ୍ରାମରେ ମୋବାଇଲ ନେଟ୍‌ୱର୍କ ସୁବିଧା ନାହିଁ । ବର୍ତ୍ତମାନ ଡିଜିଟାଲ ଯୁଗରେ ଦେଶ ଆଗେଇଥିବା ବେଳେ ଏହି ୫ଟି ଗ୍ରାମର ଗ୍ରାମବାସୀଙ୍କ ପାଇଁ ମୋବାଇଲ ସେବା ସ୍ୱପ୍ନ ପାଲଟିଛି । ସମସ୍ତଙ୍କ ନିକଟରେ ମୋବାଇଲ ଅଛି, ହେଲେ ନେଟ୍‌ୱର୍କ ନ ଥିବା କାରଣରୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜରୁରିକାଳୀନ ସେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଯଥାଶୀଘ୍ର ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ସେବା ଆରମ୍ଭ କରିବାକୁ ଦାବି କରିଛନ୍ତି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାସ୍ତାରୋକୋ କରିବାକୁ ବାଧ୍ୟ ହେବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

## ଫ୍ଲାଏଓଭର ତଳେ ଥିବା ବଜାର ସ୍ଥାନାନ୍ତର ହେବ


ରାୟଗଡ଼ା ଫ୍ଲାଏଓଭର ତଳେଥିବା ବିଭିନ୍ନ ଦୋକାନ।

ରାୟଗଡ଼ା, ୩।୧୧ (ଆଶିଷ ରଞ୍ଜନ ପଣ୍ଡା)

ଦୀର୍ଘ ୫ବର୍ଷ ପରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ ନମ୍ବର ଏନ୍‌ଏଚ୍ ଉପରେ ଥିବା ଫ୍ଲାଏଓଭର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ସେଥିପାଇଁ ଫ୍ଲାଏଓଭର ତଳେ କୌଣସି ପ୍ରକାର ବ୍ୟବସାୟ ନ କରିବା ପାଇଁ ପୌର ପରିଷଦ ତରଫରୁ ବ୍ୟବସାୟୀଙ୍କୁ ଅନୁରୋଧ କରାଯାଇଛି। ଫ୍ଲାଏଓଭର ତଳେ ରହିଥିବା ସମସ୍ତ ଦୋକାନ ସ୍ଥାନାନ୍ତର କରିବାକୁ ରାୟଗଡା ପୌର ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପୌର ପରିଷଦ ଦ୍ୱାରା ନିର୍ଦ୍ଧାରିତ ଦୈନିକ ବଜାରରେ ବ୍ୟବସାୟ କରିବାକୁ ଅନୁରୋଧ ହୋଇଛି। ପର୍ଯ୍ୟାୟକ୍ରମେ ପୌର ପରିଷଦ ତରଫରୁ ରାମକୃଷ୍ଣନଗର ଏବଂ କସ୍ତୁରୀନଗରଠାରେ ପରିବା ବଜାର ଖୋଲାଯାଇଥିଲା ଏବଂ ବ୍ୟବସାୟ ଆରମ୍ଭ ହେଇଥିଲା । ଦଶହରା ଓ ଦୀପାବଳିକୁ ନଜରରେ ରଖି ପରିବା ଏବଂ ଫଳ ବ୍ୟବସାୟୀ ଫ୍ଲାଏଓଭର ତଳକୁ ଫେରିଥିଲେ। ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଅତି ଜରୁରୀ ଏବଂ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବ୍ରିଜ୍ ତଳେ ବ୍ୟବସାୟ ନ କରିବା ପାଇଁ ନିବେଦନ କରାଯାଇଛି । ସମସ୍ତ ବ୍ୟବସାୟୀ ରାମକୃଷ୍ଣନଗରଠାରେ ଥିବା ଅସ୍ଥାୟୀ ଦୈନିକ ବଜାର ଏବଂ କସ୍ତୁରୀନଗରରେ ଥିବା ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସକୁ ସ୍ଥାନାନ୍ତର ହେବା ପାଇଁ ଅନୁରୋଧ କରାଯାଇଛି। ସମସ୍ତ ବ୍ୟବସାୟୀ ନିଜର ସୁବିଧା ଅନୁଯାୟୀ ପୌର ପରିଷଦ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଜାଗାରେ ବ୍ୟବସାୟ କରନ୍ତୁ ବୋଲି ନିର୍ଦ୍ଦେଶ ରହିଛି। ଫ୍ଲାଏ ଓଭର ଦୁଇ ପାର୍ଶ୍ୱରେ ବ୍ୟବସାୟ କରିବା ପାଇଁ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି ହୋଇଛି ବୋଲି ନିର୍ବାହୀ ଅଧିକାରୀ କୁଳଦୀପ କୁମାର କହିଛନ୍ତି।

## ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣେ 'ସୁରଭି'


ବିଡିଓ ସୁଚିସ୍ମିତା ବେହେରା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଗୁଡାରି,୩।୧୧ (ପ୍ରମୋଦ କୁମାର ପତି)

ଗୁଡ଼ାରି ସରକାରୀ ହାଇସ୍କୁଲ ପଡିଆରେ ସୋମବାର ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଡ଼ାରି ବିଡିଓ ସୁଚିସ୍ମିତା ବେହେରା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୁଡାରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ରାମନାଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୃଜନ ମଲିକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୁଡା ରୂପ ମାଝୀ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ନିମନ୍ତେ ସୁରଭି ଏକ ମାଧ୍ୟମ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇପାରିବ ବୋଲି ବିଡିଓ ବେହେରା ନିଜ ଅଭିଭାଷଣରେ କହିଥିଲେ। ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଏଫ୍‌ଏଲ୍‌ଏନ୍ ମଡେଲ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଏହାର ଗୁରୁତ୍ୱ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବ୍ଲକର ସମସ୍ତ କ୍ଲଷ୍ଟରରୁ ପୂର୍ବରୁ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆର୍‌ସିସି, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ଚୌଧୁରୀ, ପ୍ରମୋଦ ତ୍ରିପାଠୀ ଏବଂ କର୍ମଚାରୀ ଷ୍ଟିଫେନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ୬୬ ଅଭିଯୋଗ ଶୁଣିଲେ ଜିଲାପାଳ

ରାୟଗଡ଼ା,୩।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ସଦର ମହକୁମାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ସ୍ୱାତୀ ଏସ୍. କୁମାର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲାପାଳ ରମେଶ କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜିନୀ ଦେବୀ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୬୬ ଟି ଅଭିଯୋଗ ଜିଲାପାଳଙ୍କ ପାଖକୁ ଆସିଥିଲା। ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ଅଭିଯୋଗ ରହିଥିଲା। ୧୦ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା। ଜିଲା ରେଡ୍‌କ୍ରସ୍ ଫଣ୍ଡରୁ ସେମାନଙ୍କୁ ଜିଲାପାଳ ୯୫ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଅଭିଯୋଗଗୁଡ଼ିକୁ ପାଇବା ପରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।


ଜିଲାପାଳ, ଏସ୍‌ପି ଏବଂ ଅନ୍ୟମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

## ପ୍ରଶାସନ ପ୍ରତିଶ୍ରୁତି ପରେ ବି ଦିବ୍ୟାଙ୍ଗ ଦମ୍ପତିଙ୍କୁ ମିଳିଲାନି ସହାୟତା

ପ୍ରେମ ବିବାହକୁ ବିରୋଧ କରି ଝିଅ ସମ୍ପର୍କୀୟଙ୍କ ସାମୂହିକ ମୁଣ୍ଡନ ଘଟଣା

ରାୟଗଡା,୩।୧୧ (ଆଶିଷ ରଞ୍ଜନ ପଣ୍ଡା)


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଦିବ୍ୟାଙ୍ଗ ଦମ୍ପତି।

ରାୟଗଡା ଜିଲା କାଶୀପୁର ବ୍ଲକର ଜଣେ ଦିବ୍ୟାଙ୍ଗ ଦମ୍ପତି ଗତ ମେ ମାସରେ ପ୍ରେମ ବିବାହ କରିଥିବାରୁ ଝିଅର ସମ୍ପର୍କୀୟମାନେ ଏହାକୁ ବିରୋଧ କରି ସାମୂହିକ ଭାବରେ ମୁଣ୍ଡନ ହେବା ସହ ପ୍ରେମିଯୁଗଳଙ୍କୁ ସାମାଜିକ ବାସନ୍ଦ କରିଥିଲେ । ଏହି ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ରାୟଗଡା ଉପଜିଲାପାଳ ରମେଶ ଚନ୍ଦ୍ର ଜେନା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉକ୍ତ ଗ୍ରାମରେ ପହଞ୍ଚି ପ୍ରେମୀଯୁଗଳଙ୍କୁ ଗ୍ରାମରେ ରହିବା ପାଇଁ କହିବା ସହ ସେମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇ ଆସିଥିଲେ। ଦିବ୍ୟାଙ୍ଗ ରମେଶ ନାୟକଙ୍କ ଅଭିଯୋଗ ଅନୁଯାୟୀ, ଆମେ ସ୍ୱାମୀସ୍ତ୍ରୀ ଦିବ୍ୟାଙ୍ଗ ହୋଇଥିବାରୁ ଆମ ପାଇଁ ଗୋଟିଏ ଇ-ରିକ୍ସା, ସରକାରୀ ଯୋଜନାରେ ଦୋକାନ, ତାଙ୍କ ଗ୍ରାମକୁ ସିସି ରୋଡ ଏବଂ ସେମାନଙ୍କୁ ରାସନ କାର୍ଡ କରେଇ ଦେବା ପାଇଁ ପ୍ରଶାସନିକ ଅଧିକାରୀମାନେ ସେତେବେଳେ ଗ୍ରାମକୁ ଆସି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଘଟଣାର ୭ମାସ ବିତିଯାଇଥିଲେ ସୁଦ୍ଧା କୌଣସି ପ୍ରତିଶ୍ରୁତି ପାଳନ କରାଯାଇନାହିଁ ବୋଲି ସୋମବାର ଗଣମାଧ୍ୟମ ଆଗରେ କ୍ଷୋଭର ସହ ପ୍ରକାଶ କରିଛନ୍ତି ଦିବ୍ୟାଙ୍ଗ ଦମ୍ପତି। ତେବେ ସେମାନେ ରାୟଗଡା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ହେଉଥିବା ମିଳିତ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ। କିନ୍ତୁ ପ୍ରଶାସନିକ ଅଧିକାରୀମାନେ ଜିଲାପାଳଙ୍କୁ ଭେଟିବାକୁ ଦେଇ ନ ଥିବା ଦିବ୍ୟାଙ୍ଗ ଦମ୍ପତି ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କୁ ପଚାରିବାରୁ ଦିବ୍ୟାଙ୍ଗ ପୁଅଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି ଏବଂ ଅନ୍ୟ ସମସ୍ତ ସୁବିଧା ପାଇଁ କାର୍ଯ୍ୟ ଚାଲିଛି। ଖୁବଶୀଘ୍ର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଜଗନ୍ନାଥ ମନ୍ଦିରରେ ସରିଲା ୨୪ ପ୍ରହର ନାମ ସଙ୍କୀର୍ତ୍ତନ

ଗୁଣପୁର,୩।୧୧ ( ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଜଗନ୍ନାଥ ମନ୍ଦିରରେ ୩ ଦିନ ଧରି ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଓ ଅନ୍ନଯଜ୍ଞ ସୋମବାର ସମାପ୍ତ ହୋଇଛି। ମନ୍ଦିରର ସୁଆର ପପି ପଣ୍ଡା ଦଧିହାଣ୍ଡି ମୁଣ୍ଡରେ ଧରି ନଗର ପରିକ୍ରମାକରିବା ପରେ ଦଧିହାଣ୍ଡି ଭଙ୍ଗା ନୀତି ସମାପନ ହୋଇଥିଲା। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିବା ବେଳେ ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା । ବିଶେଷକରି କଳାହାଣ୍ଡି ଜିଲା ନର୍ଲାରୁ ଆସିଥିବା କୀର୍ତ୍ତନ ଦଳଙ୍କ ମୃଦଙ୍ଗ ବାହକ ସନ୍ତୋଷ ସମସ୍ତଙ୍କ ମୁଖ୍ୟ ଆକର୍ଷଣ ଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ପୌରାଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରଶାଦ ଗୌଡ, ଉପ ଜିଲାପାଳ ଦୁଧାଲ ଅଭିଷେକ ଦିଲୀପ, ଏସ୍‌ଡିପିଓ ବାବୁଲି ନାୟକ, ବିଡିଓ ସ୍ୱସ୍ତିକ ଜମାଦାର, ଅତିରିକ୍ତ ତହସିଲଦାର ଗୟା ଡମ୍ବୁରୁଧର ବେହେରା, ଆଇଆଇସି କେକେବିକେ କୁଁଅର, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଜିଆଇଇଟି ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମନ୍ଦିର ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ସମ୍ପାଦକ ନିରଞ୍ଜନ ପାଢି, ବରିଷ୍ଠ ସଦସ୍ୟ ତିରୁପତି ମହାନ୍ତିଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। କାଉନସିଲର ଭାଗିରଥି ବିଶ୍ୱୋୟୀ, ପୂର୍ବତନ କାଉନସିଲର ଜିତେନ୍ଦ୍ର ନାୟକ, ମିଲି ପାଢି, ଉମା ଦାସ, ଡ. ପ୍ରଶାନ୍ତ ହୋତା, ରାମ ପଣ୍ଡା, ଫକିର ନାୟକ, ସନ୍ତୋଷ ପଣ୍ଡା, ରବି ପଣ୍ଡା, ପିଣ୍ଟୁ ପଣ୍ଡା, ଜୁଗୁନୁ ପାଢି, ଗୌରୀ ପଣ୍ଡାଙ୍କ ସମେତ ଜଗନ୍ନାଥ ସେନାର ଶତାଧିକ କାର୍ଯ୍ୟକର୍ତ୍ତା ସେବା ଯୋଗାଇଥିଲେ। ପୁରୀରୁ ଆସିଥିବା ଉଦ୍ଧବ ଦାସ ମହାରାଜ ଓ ସାଥିଗଣ ପୂଜା କାର୍ଯ୍ୟରେ ରହିଥିଲେ ।

## ନ୍ୟାୟ ପାଇଁ ଜିଲାପାଳ, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

ଯୁବତୀଙ୍କୁ ବଳାତ୍କାର ଅଭିଯୋଗ ପରେ ବି ପୋଲିସ ନୀରବ

ରାୟଗଡ଼ା,୩।୧୧ (ଆଶିଷ ରଞ୍ଜନ ପଣ୍ଡା)

ଜଣେ ୨୧ ବର୍ଷୀୟା ଆଦିବାସୀ ଯୁବତୀଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଏତଲା ମଧ୍ୟ ହୋଇଛି । ହେଲେ ପୋଲିସ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏ ନେଇ ପୀଡ଼ିତା ସୋମବାର ରାୟଗଡ଼ାଠାରେ ଆୟୋଜିତ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିକୁ ଆସି ଅଭିଯୋଗ କରିଛନ୍ତି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଏସ୍‌ପି ସ୍ୱାଥୀ ଏସ୍.କୁମାରଙ୍କ ନିକଟରେ ଅଭିଯୋଗକରି ନ୍ୟାୟ ଭିକ୍ଷା କରିଛନ୍ତି ।

ଘଟଣାରୁ ପ୍ରକାଶ, ସେପଟ୍ଟେମ୍ବର ୨ ତାରିଖରେ କୋଲନରା ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଜି.ସିକାବାଡି ଗ୍ରାମରେ ପୀଡ଼ିତା ଛେଳି ଚରାଇବାକୁ ଯାଇଥିଲେ। ସେତେବେଳେ ଉକ୍ତ ଗ୍ରାମର ଜଣେ ଯୁବକ ଜୋର ଜବରଦସ୍ତି ତାଙ୍କୁ ଏକ କୁଡ଼ିଆ ଘରକୁ ନେଇ ବଳାତ୍କାର କରିଥିବା ପୀଡିତା ଅଭିଯୋଗ କରିଛନ୍ତି। ଏନେଇ ପୀଡ଼ିତା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ସମ୍ପୃକ୍ତ ଯୁବକ ପୀଡିତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ପୀଡିତା ଗତ ୩ ତାରିଖରେ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ତାଙ୍କର ଡାକ୍ତରୀ ମାଇନା ହୋଇଥିଲା। ତେବେ ବଳାତ୍କାର ଘଟଣାର ୨ ମାସ ବିତି ଯାଇଥିଲେ ସୁଦ୍ଧା ଚାନ୍ଦିଲି ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗାଁ ଲୋକେ ପୀଡିତାଙ୍କୁ ଗାଁ ଭିତରେ ବଳାତ୍କାର ଘଟଣାକୁ ନେଇ ଟାହିଟାପରା କରୁଥିବା ପୀଡ଼ିତାଙ୍କ ସମ୍ପର୍କୀୟ ଭାଉଜ କହିଛନ୍ତି। ପୀଡିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ଜିଲାପାଳ କୁଲକର୍ଣ୍ଣି ଘଟଣାକୁ ଗୁରୁତର ସହ ଗ୍ରହଣ କରି ପଦକ୍ଷେପ ଗ୍ରହଣ କରାଯିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏ ନେଇ ଚାନ୍ଦିଲି ଆଇଆଇସି ଉତ୍ତମ କୁମାର ସାହୁଙ୍କୁ ପଚାରିବାରୁ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ପରେ ବଳାତ୍କାର ହୋଇଥିବା କୌଣସି ଲକ୍ଷଣ ବାହାରିନି ଏବଂ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି ।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

କଲ୍ୟାଣସିଂହପୁର,୩।୧୧ (ଦିପକ କୁମାର ପରିଡା )

ରାୟଗଡ଼ା ଜିଲା କଲ୍ୟାଣସିଂପୁର ବ୍ଲକ୍ ଅନ୍ତର୍ଗତ ପୂଜାରୀଗୁଡ଼ା ବୁଲାଣିଠାରେ ସୋମବାର ସକାଳେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନାଖଣ୍ଡି ପଞ୍ଚାୟତ ଜଗନ୍ନାଥପୁର ଗାଁର ମାଧବ ନାଲାଙ୍କ ପୁଅ ରାଜା ନାଲା (୧୮) ।

କାର୍ତ୍ତିକ ଶେଷ ସୋମବାର ଯୋଗୁ ରାଜା ସକାଳୁ ଦେବଗିରି ମନ୍ଦିର ଯାଇ ମହାଦେବଙ୍କୁ ଦର୍ଶନକରି ଘରକୁ ଫେରିଥିଲେ। ଏହାର କିଛି ସମୟ ପରେ ସ୍ଥାନୀୟ କପାବାଡ଼କୁ ଯାଇଥିଲେ। ସେଠାରୁ ତେଲ ଆଣିବାକୁ ଏକ ବାଇକ୍ (ଏସ୍‌୦୭ ଏଫ୍‌ୟୁ ୬୦୪୫) ଯୋଗେ ବିନିସିପୁର ପେଟ୍ରୋଲ ପମ୍ପକୁ ଯିବା ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର ରାଜାଙ୍କ ବାଇକ୍‌କୁ ଧକ୍କାଦେବାରୁ ରାଜା ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିବା ସହ ଦୁର୍ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହାଇଥିବା ସୂଚନା ଦେଇଥିଲେ। ପରିବାର ଲୋକେ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିବାକୁ ସଜବାଜ ହେଉଥିବାବେଳେ ଖବରପାଇ କଲ୍ୟାଣସିଂହପୁର ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ମାଲିକ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜିହେବା ପରେ ମୃତକଙ୍କ ପରିବାର ଲୋକେ ଶାନ୍ତ ପଡ଼ିଥିଲେ। ଏସ୍‌ଆଇ ଦିଲ୍ଲୀପ ମାଝୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି କେସ୍ ନମ୍ବର ୯୧/୨୫ରେ ମାମଲା ରୁଜୁ କରିଛନ୍ତି।

## ତାଲିମ ନେଇ ସ୍ୱାବଲମ୍ବୀ ହେଲେ ୩୦ ମହିଳା

ଟିକିରି,୩।୧୧ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଅଧୀନ ଗୋକୁଳମୁଣ୍ଡା ଗ୍ରାମରେ ମିଲେଟ ଆଧାରିତ ଖାଦ୍ୟ ପଦାର୍ଥପ୍ରସ୍ତୁତୀକରଣ ଓ ବିପଣନୀକରଣ ବିଷୟରେ ମହିଳାଙ୍କୁ ସଚେତନ କରିବା ସହ ପ୍ରାୟୋଗିକ ପ୍ରଶିକ୍ଷଣ ଦେବା ଉଦ୍ଦେଶ୍ୟରେ ୧୮ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଏବଂ ଇଡିଆଇଆଇ ଦ୍ୱାରା ପରିଚାଳିତ ପ୍ରକଳ୍ପ ରାଇଜର ଅଂଶ ଭାବେ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରକଳ୍ପ ରାଇଜର ସଂଯୋଜକ ଅଶ୍ୱିନୀ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଜଗନ୍ନାଥ ଚିନରୀ ଯୋଗଦେଇଥିଲେ। ତାଲିମ ସମୟରେ ଉଦ୍ୟୋଗୀ ମହିଳାଙ୍କୁ ମିଲେଟରେ ତିଆରି ହେଉଥିବା ବିଭିନ୍ନ ପ୍ରକାର ଖାଦ୍ୟ ଯଥା ଲଡ୍ଡୁ, ବିସ୍କୁଟ, ପିଠା, ମିକ୍ସଚର, ଚକୋଲେଟ ପ୍ରସ୍ତୁତି ବିଷୟରେ ତାଲିମ ଦିଆଯାଇଥିଲା। ତାଲିମ ମାଧ୍ୟମରେ ଗୋକୁଳ ମୁଣ୍ଡା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ମହିଳା ବିଭିନ୍ନ ଖାଦ୍ୟପଦାର୍ଥ ପ୍ରସ୍ତୁତି ଶିଖିଥିଲେ। ତାଲିମର ଶେଷ ଦିନରେ ଅଂଶଗ୍ରହଣକାରୀମାନେ ନିଜେ ତିଆରି କରିଥିବା ବିଭିନ୍ନ ମିଲେଟ ଖାଦ୍ୟ ପ୍ରଦର୍ଶନ କରିଥିଲେ। ଯାହାକୁ ସମସ୍ତ ଅତିଥି ଓ ଅନ୍ୟ ଉଦ୍ୟୋଗୀମାନେ ବହୁତ ପ୍ରଶଂସା କରିଥିଲେ। ଏହି ପ୍ରକାର ତାଲିମ ମାଧ୍ୟମରେ ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବା ସହ ସମାଜରେ ଅନ୍ୟମାନଙ୍କୁ ପ୍ରେରଣା ଦେଇପାରିବେ ବୋଲି ପ୍ରକଳ୍ପ ରାଇଜର ସଂଯୋଜକ ଅଶ୍ୱିନୀ କହିଥିଲେ।


ଅତିଥିଙ୍କ ସହ ତାଲିମ ନେଇଥିବା ମହିଳାମାନେ।

## ଉପଖଣ୍ଡ ଚିକିତ୍ସାଳୟ ନିର୍ମାଣାଧୀନ କୋଠାରୁ ଖସି ଶ୍ରମିକ ଆହତ

ଗୁଣପୁର,୩।୧୧
(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ନିର୍ମାଣାଧୀନ ୫ ମହଲା କୋଠାରୁ ସୋମବାର ରାତି ୯ଟାରେ ଜଣେ ଶ୍ରମିକ ଖସି ପଡ଼ି ଆହତ ହୋଇଥିବା ଜଣାପଡ଼ିଛି। ଶ୍ରମିକ ଜଣକ କାର୍ଯ୍ୟରେ ନିୟୋଜିତ ଥିବାବେଳେ ଖସି ପଡ଼ିଥିଲେ। ୪ ମହଲା କୋଠା ନିକଟରେ ଚାରିପଟ ଜାଲ ରହିଥିବାରୁ ଶ୍ରମିକଙ୍କ କୌଣସି କ୍ଷତି ହୋଇ ନାହିଁ। ଖବରପାଇ ଦମକଳ ବାହିନୀ ପହଞ୍ଚିଥିବାବେଳେ ଶ୍ରମିକ ଜଣକ ନିଜ ଉଦ୍ୟମରେ ଉଠି ପଡ଼ିଥିଲେ। ପରେ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ହେଲେ କୌଣସି ବଡ଼ ଧରଣର ଅଘଟଣ ହୋଇ ନ ଥିବା ଜଣାପଡ଼ିଛି।

## କାର୍ତ୍ତିକ ଶେଷ ସୋମବାର, ଶୈବପୀଠରେ ଭକ୍ତଙ୍କ ଭିଡ଼

ଗୁଣପୁର/ପଦ୍ମପୁର, ୩।୧୧ (ପ୍ରଦୀପ କୁମାର ପାଢ଼ୀ/ପ୍ରଶାନ୍ତ କୁମାର କର)


ଡୁର୍କାନିଗୁଡା ମନ୍ଦିରରେ ମହାଦେବଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବାଲାଇନ୍।

ରାୟଗଡ଼ା ଜିଲା ଗୁଣପୁର ଓ ପଦ୍ମପୁର ବ୍ଲକ୍ ଅଧୀନ ବିଭିନ୍ନ ଶୈବପୀଠ କାର୍ତ୍ତିକ ଶେଷ ସୋମବାର ଉପଲକ୍ଷେ ଚଳଚଞ୍ଚଳ ହୋଇଉଠିଥିଲା। ବିଭିନ୍ନ ମନ୍ଦିରରେ ସୋମବାର ସକାଳୁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଗୁଣପୁର ସହରର ଶେଫାଳୀ ପାହାଡ, ବିକ୍ରମପୁରସ୍ଥିତ ଅଦ୍ୱୈତ ବେଦାନ୍ତ ଆଶ୍ରମର ଶ୍ରୀ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର, ଗୁଣପୁର କଲେଜ ନିକଟ କାଶୀ ବିଶ୍ୱନାଥ ମନ୍ଦିର, ଭୀମପୁରସ୍ଥିତ ଭୀମ ଶଙ୍କର, ଡୁରୁକାନିଗୁଡ଼ାର ନୀଳକଣ୍ଠେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସହର ସାରା ହରେ କୃଷ୍ଣ ହରେ ରାମ ନାମରେ ପ୍ରକମ୍ପିତ ହୋଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଶେଷ ସୋମବାରେ ଶେଫାଳୀ ପାହାଡ ଉପରେ ଥିବା ଶ୍ରୀଶ୍ରୀ ରାମେଶ୍ୱର ମନ୍ଦିରକୁ ହଜାର ହଜାର ଶ୍ରଦ୍ଧାଳୁ ଯାଇ ପୂଜାପାଠ କରିବା ସହ ଭଜନ ସଂକୀର୍ତ୍ତନରେ ସାମିଲ ହେଉଥିବା ଦେଖିବାକୁ ମିଳିଥିଲା। ହଜାର ହଜାର ଶ୍ରଦ୍ଧାଳୁ ଶାନ୍ତିଶୃଙ୍ଖଳାର ସହ ଠାକୁରଙ୍କ ଦର୍ଶନ ଓ ପୂଜା ପାଇଁ ମନ୍ଦିର କମିଟି ତରଫରୁ ବ୍ୟବସ୍ଥା କରାଯାଇଥିଲା । ଉମା ରାମଲିଙ୍ଗେଶ୍ୱର ମନ୍ଦିର, ମହାମୃତ୍ୟୁଞ୍ଜୟ, ନୀଳକଣ୍ଠେଶ୍ୱର, ନୂଆଗାଁର ନାଗେଶ୍ୱର, ଭୂତେଶ୍ୱର ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

ସେହିପରି ପଦ୍ମପୁର ସନ୍ନିକଟ ଜଗମଣ୍ଡା ପାହାଡ଼ରେ ଥିବା ୭ଟି ବିରାଟକାୟ ପ୍ରସ୍ତର ଦ୍ୱାରା ନିର୍ମିତ ନୀଳକଣ୍ଠେଶ୍ୱର ମନ୍ଦିର, ପଦ୍ମପୁରର ମଲ୍ଲୀକେଶ୍ୱର ମନ୍ଦିର, ଧବଳେଶ୍ୱର, ପୁଡୁଗେଶ୍ୱର, ରାମ ଲିଙ୍ଗେଶ୍ୱର ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ଭୋଳାବାବାଙ୍କ ଆଶିଷ ପାଇବା ନିମନ୍ତେ ଭକ୍ତମାନେ ହାତରେ ବେଲପତ୍ର, ପୁଷ୍ପ, ନଡ଼ିଆ, କ୍ଷୀର ଆଦି ଧରି ଲମ୍ବାଲାଇନରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଏଥିସହ ଜାଡିଲି, ଇନ୍ଦୁପୁର, ବିଚିକୋଟ, କେନ୍ଦୁଗୁଡା, କାରେଣି, ନାଇରା, କର୍ଣ୍ଣପାଡୁ ଇତ୍ୟାଦି ଗ୍ରାମରେ ଥିବା ଶୈବପୀଠରେ ଜନସମାଗମ ହୋଇଥିଲା।

## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ

କୁନ୍ଦୁରା,୩।୧୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ପୁପୁଗାଁ ପଞ୍ଚାୟତ ଯୁକପାପୁଟ ଗ୍ରାମର ରଘୁନାଥ ମନ୍ଦିରରେ ଚାଲିଥିବା ଦୁଇଦିନିଆ ଅଷ୍ଟପ୍ରହର ନାମଯଜ୍ଞ ସୋମବାର ସମ୍ପନ୍ନ ହୋଇଛି। ଅଧିବାସ, ନାମ ଓ ସୋମବାର ପ୍ରସାଦ ସେବନ ହୋଇଥିଲା। ୧୦ବର୍ଷରୁ ଊର୍ଦ୍ଧ୍ୱ ଦିନରୁ କାର୍ତ୍ତିକ ମାସ ଅଁଳା ନବମୀଠାରୁ ତିଥି ଅନୁସାରେ ଦଶମୀ ଦିନ ଅଧିବାସ ଏକାଦଶୀ ଦିନ ନାମ ଏବଂ ଦ୍ୱାଦଶୀ ତିଥିରେ ପ୍ରସାଦ ସେବନ ହୋଇଥାଏ। ଅଧିବାସ ଦିନରେ ଗ୍ରାମର ମହିଳା ପୁରୁଷ ନିକଟ କୋଲାବ ନଦୀରୁ ନାମ ସଂକୀର୍ତ୍ତନ କରି କଳସ ମୁଣ୍ଡରେ ଧରି ଜଳ ସଂଗ୍ରହ କରିଥାନ୍ତି। ଏହି ନାମ ଯଜ୍ଞ କାର୍ଯ୍ୟକ୍ରମରେ ପ୍ରାୟ ୪୦ ଦଳ ନାମ ସଂକୀର୍ତ୍ତନ କରିଥିଲେ। ଏହିଅଷ୍ଟପ୍ରହର ପୂଜା ପାଇଁ ପୁରୀରୁ ପୂଜକ ଆସିଥିଲେ।

### ଶିବିରରେ ଗ୍ରାମବାସୀଙ୍କ ରାସ୍ତା ମରାମତି ଦାବି

ଜୟପୁର,୩।୧୧(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅଧୀନ ଙ୍କାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ମନୋଜ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ,ସହକାରୀ ଯନ୍ତ୍ରୀ ରଶ୍ମିତାରାଣୀ ପଣ୍ଡା,ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସସ୍ମିତା ପରିଡ଼ା ଓ ଅନ୍ୟ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମର ଗ୍ରାମବାସୀ ରାସ୍ତା, ଅଙ୍ଗନୱାଡ଼ି ମରାମତି ଆଦି ଅଭିଯୋଗ କରିଥିଲେ। ଏଥିସହ ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବା ନେଇ ସଚେତନ କରିଥିଲେ।

### ଜଙ୍ଗଲଜାତ ଦ୍ରବ୍ୟ ପ୍ରକ୍ରିୟାକରଣ ନେଇ ଆଲୋଚନା

କୁନ୍ଦୁରା,୩।୧୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ସଦର ମହିଳା ମହାସଂଘ ସଭାଗୃହରେ ଆସନା ବନଧନ ବିକାଶ କେନ୍ଦ୍ରର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ସଭାନେତ୍ରୀ ପଦ୍ମା ସାନ୍ତାଙ୍କ ଅଧ୍ୟକ୍ଷତାରେ ଜୟପୁର ପିଏ ଆଇଟିଡିଏ ତୃପ୍ତି ବୋରାଲ, ଏଡିଉବ୍ଲ୍ୟୁ ଯୋଜନା ବେହେରା, ସବଜେଟ ମ୍ୟାଟେରିଆଲ ସ୍ପେସିଆଲ ଧନୁର୍ଜୟ ସାହୁ, ବିକାଶ କେନ୍ଦ୍ର ଗଠନ ଓ ପରିଚାଳନାରେ ସହାୟତାକାରୀ ଅନୁଷ୍ଠାନ ସିଆଇଏସ୍‌ଡି ପ୍ରୟାସ ପ୍ରକଳ୍ପର କାର୍ଯ୍ୟକ୍ରମ ସଂଯୋଜକ ଅଜିତ ବିଶୋୟୀ,ଏଣ୍ଟରପ୍ରାଇସ ଏକ୍ସପୋର୍ଟ ରାକେଶ କୁମାର ସାହୁ, ବ୍ଲକ ଜିବିକା ବିଶାରଦ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜଙ୍ଗଲ ଜାତ ଦ୍ରବ୍ୟ ଗୋଲ,ତେନ୍ତୁଳି ଗୋଷ୍ଠୀଗତ ବ୍ୟବସାୟ,ଶାଳ ଓ ଶିଆଳି ପତ୍ରରେ ଖଲି ପ୍ରସ୍ତୁତ କରି ବ୍ୟବସାୟ କରିବା ଆଦି ଆଲୋଚନା ହୋଇଥିଲା। ତେନ୍ତୁଳି ପ୍ରକ୍ରିୟାକରଣ,ଟୋଳାରେ ତେଲ ପ୍ରସ୍ତୁତ କରିବା ଓ ଖଲି ପ୍ରସ୍ତୁତ ପାଇଁ ସରକାରଙ୍କ ପକ୍ଷରୁ କଳ ଯୋଗାଇ ଦିଆଗଲେ ଏହି ସମସ୍ତ ଦ୍ରବ୍ୟ ସରକାରୀ ଦରରେ କିଣି ପ୍ରକ୍ରିୟାକରଣ କରାଯାଇପାରିବ ବୋଲି କୁହାଯାଇଛି। ଏହାଦ୍ୱାରା ଅଞ୍ଚଳବାସୀ ଜଙ୍ଗଲ ଦ୍ରବ୍ୟର ସରକାରୀ ଦର ପାଇପାରିବେ ଓ ବନଧନ ବିକାଶ କେନ୍ଦ୍ର ମଧ୍ୟ ଲାଭବାନ ହୋଇପାରିବ ବୋଲି ଆଲୋଚନା ହୋଇଥିଲା। ପିଏ ଆଇଟିଡିଏ ବୋରାଲ କଳ ସୁରକ୍ଷିତ ରଖି ସୁପରିଚାଳନା ପାଇଁ ଗୃହ ଓ ବିଦ୍ୟୁତ୍ ସୁବିଧା କରାଗଲେ ସରକାରଙ୍କ ପକ୍ଷରୁ କଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ରହିଛି। କେନ୍ଦ୍ରରେ ୧୨ ଗାଁର ୨୭ ଏସଏଚଜିରୁ ୨୭୦ ମହିଳାଙ୍କ ଜୀବନଜୀବିକା ଦୀର୍ଘ ସ୍ଥାୟୀ ହୋଇପାରିବ ବୋଲି କୁହାଯାଇଛି। ଏଥିରେ କେନ୍ଦ୍ରର ସମସ୍ତ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଆଲୋଚନା ପୂର୍ବରୁ ସଭାଗୃହ ଛାଡ଼ିଲେ ସରପଞ୍ଚ

**ପରବ ପାଳନ ନେଇ ପ୍ରସ୍ତୁତି ବୈଠକ**

ନନ୍ଦପୁର,୩।୧୧(ତୁଷାର କାନ୍ତ ମହାନ୍ତି)



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ପରବ ୨୦୨୫ ପାଳନ ପାଇଁ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ବୈଠକ ଗୃହରେ ଏକ ବ୍ଲକ୍‌ସ୍ତରୀୟ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚମାନେ ଅସନ୍ତୋଷ ପ୍ରକାଶକରି ସଭାଗୃହ ଛାଡ଼ି ଚାଲିଯାଇଥିଲେ। ଫଳରେ ବିନା ଆଲୋଚନାରେ ବୈଠକ ସରିଥିଲା। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲଙ୍କ ଅଧ୍ୟକ୍ଷତାରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା, ଭାରପ୍ରାପ୍ତ ଜିପିଡିଓ ଦିବାକର ପୁରୋହିତ, ସିଡିପିଓ ମିନତି ବାଳା ପଟ୍ଟନାୟକ, ଥାନାଧିକାରୀ ମମତା ପଣ୍ଡା, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ବିଧାୟକ ପ୍ରତିନିଧି କାମେଶ କାମୁଡ଼ି, ୨୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ ଅଞ୍ଚଳର କଳା ଓ ସଂସ୍କୃତିରେ ରୁଚି ରଖିଥିବା ଗୋପାଳକୃଷ୍ଣ ବେବର୍ତ୍ତା, ଶେଖ୍ ଗଫୁର, ଜଗନ୍ନାଥ ପାଙ୍ଗୀ, କାର୍ତ୍ତିକ ଖେମୁଣ୍ଡୁ, କାଶୀନାଥ ଗୋଲରି ଓ ଲକ୍ଷ୍ମୀ ହନ୍ତାଳଙ୍କ ସମେତ ବ୍ଲକରେ କାର୍ଯ୍ୟରତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପରବ ପାଇଁ ଜିଲାସ୍ତରୀୟ ଶୁଭାରମ୍ଭ ଉତ୍ସବ କାକିରିଗୁମା କୁଟୁଣିପଦରସ୍ଥିତ କୋଟିଲିଙ୍ଗେଶ୍ୱର ପୀଠରୁ ମଶାଲ ଆଣିବା ନେଇ ଆଲୋଚନା ଆରମ୍ଭ ହେବା ବେଳେ ସରପଞ୍ଚମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ଲକ୍ ପ୍ରଶାସନ କୌଣସି କାର୍ଯ୍ୟରେ ସରପଞ୍ଚମାନଙ୍କୁ ସହଯୋଗ କରୁ ନ ଥିବାରୁ ସେମାନେ ମଧ୍ୟ ପରବରେ ଅସହଯୋଗ କରିବେ ବୋଲି ସରପଞ୍ଚ ସଂଘ ସଭାପତି ଜଗବନ୍ଧୁ ଚେଟି କହିଥିଲେ। ଅନ୍ୟ ସରପଞ୍ଚ ତାଙ୍କୁ ସମର୍ଥନକରି ସଭାଗୃହ ଛାଡ଼ି ଚାଲିଯାଇଥିଲେ। ପ୍ରଥମେ ସରପଞ୍ଚ ସମିତିସଭ୍ୟ ପିଇଓ ଯନ୍ତ୍ରୀଙ୍କୁ ନେଇ ଏକ ଆଲୋଚନା ବୈଠକ କରିବାକୁ କେତେକ ମତ ରଖିଥିଲେ। ନିଷ୍କର୍ଷ ଆସିବା ପରେ ପୁନଃ ସର୍ବସାଧାରଣ ବୈଠକ ଡାକି ଆଲୋଚନା କରିବା ବୋଲି ସ୍ଥିର ହୋଇଥିଲା। ଜିଲାସ୍ତରୀୟ ପ୍ରତିଯୋଗିତାରେ ନନ୍ଦପୁର ବ୍ଲକ ୭ ଥର ଚାମ୍ପିୟନ ହୋଇ କଳା ଓ ସଂସ୍କୃତି ପ୍ରଦର୍ଶନରେ ଆଗୁଆ ରହିଛି।

# ହୀରାଖଣ୍ଡ ଏକ୍ସପ୍ରେସ୍‌ରୁ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

କୋରାପୁଟ,୩।୧୧ (ଅମିତାଭ ବେହେରା)



ଜବତ ହୋଇଥିବା ଗଞ୍ଜେଇ।

ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନରୁ କୋରାପୁଟ ଆରପିଏଫ୍ ଓ ଜିଆରପି ପୋଲିସ ୯ କିଲୋ ଗଞ୍ଜେଇ ଜବତ କରି ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଯାଜପୁର ଅଞ୍ଚଳର ବିନୋଦ କୁମାର ସାମଲ। ସୂଚନା ଅନୁଯାୟୀ, ବିନୋଦ ହୀରାଖଣ୍ଡ ଏକ୍ସପ୍ରେସରେ ଜୟପୁରଠାରୁ ଗଞ୍ଜେଇ ନେଇ ଭୁବନେଶ୍ୱର ଯାଉଥିବା ଜିଆରପି ଏବଂ ଆରପିଏଫ ପୋଲିସ ଖବର ପାଇଥିଲା। ଟିମ କୋରାପୁଟ ଷ୍ଟେଶନରେ ସଜାଗ ରହି ଟ୍ରେନ ପହଞ୍ଚିବା ପରେ ଯାଞ୍ଚ କରିଥିଲେ। ବିନୋଦଙ୍କ ହାବଭାବ ଦେଖି ପୋଲିସ ତାଙ୍କୁ ସନ୍ଦେହ କରି ବ୍ୟାଗ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଜିଆରପି ଥାନାରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭବାନୀ ଶଙ୍କର ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ତାହା ୯ କିଲୋ ବୋଲି ଜଣାପଡିଥିଲା। ଏ ନେଇ ପୋଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଆରପି ଥାନାଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି।

# ୪୨ ଅଭିଯୋଗ ଶୁଣିଲେ ଜିଲାପାଳ

**ଜିଲାସ୍ତରୀୟ ମିଳିତ ଜନଶୁଣାଣି**

ବୋରିଗୁମ୍ମା,୩।୧୧(ବିଜୟ ସାହୁ)



ଶିବିରରେ ଉପସ୍ଥିତ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀମାନେ।

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ ସଭାଗୃହରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲା ଏସ୍‌ପି ରୋହିତ ବର୍ମା ଯୋଗଦେଇଥିଲେ। ଶିବିରରେ ମୋଟ ୪୨ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରୁ ୨୭ ବ୍ୟକ୍ତିଗତ ଓ ୧୫ ସାମୂହିକ ଅଭିଯୋଗ ଥିଲା। ମୁରାମ ଡ୍ୟାମ୍‌ରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡମାନେ ୭ ମାସର ଦରମା ପାଇ ନ ଥିବା ଅଭିଯୋଗ ହୋଇଥିଲା। ବୋରିଗୁମ୍ମା ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନ ଥିବାରୁ ଯାତ୍ରୀ ହଇରାଣ ହେଉଛନ୍ତି। ବୋରିଗୁମ୍ମା ଛକ ନିକଟରେ ଏକ ଶୌଚାଳୟ ନିର୍ମାଣ କରିବାକୁ ସ୍ଥାନୀୟ ଯୁବଗୋଷ୍ଠୀ ଜିଲାପାଳଙ୍କୁ ଦାବି କରିଥିଲେ। ଜିଲାପାଳ ମହାଜନ ଅଭିଯୋଗ ଶୁଣାଣି ପରେ ୨ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରିବା ସହ ୨୯ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ କୋଟି ୫୯ ଲକ୍ଷ ଟଙ୍କା ଋଣ ଆକାରରେ ପ୍ରଦାନ କରିଥିଲେ। ଶିବିରରେ ସିଡିଓ ବେଣୁଧର ଶବର, ଡିପିଓ ଯୁଗଳ କିଶୋର ନାୟକ, ଡିଡବ୍ଲୁଓ ସୁନୀଲ ତାଣ୍ଡି, ବୋରିଗୁମ୍ମା ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ, ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ବିଭିନ୍ନ ବିଭାଗର ଜିଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଚୋରି ବଢ଼ିଥିବାରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି

ଜୟପୁର,୩।୧୧(ପବନ ପାଣିଗ୍ରାହୀ)

ଜୟପୁର ସହରରେ ଚୋରି ବଢୁଥିବା ବେଳେ ପାଟ୍ରୋଲିଂକୁ କଡାକଡ଼ି କରିବାକୁ ସହରବାସୀ ଦାବି କରିଛନ୍ତି । ଶନିବାର ରାତିରେ ଜୟପୁର ଏଚ.କେ କଲୋନୀର ରବିନ୍ଦ୍ର ନାଥ ଦାଶ ଓ ତାଙ୍କ ପରିବାର ଘରେ ତାଲା ଦେଇ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ ଓ ୫ ଆଲମିରା ଭାଙ୍ଗି ପ୍ରାୟ ଲକ୍ଷାଧିକ ଟଙ୍କାର ୯ତୋଳାର ସୁନା ଓ କିଛି ରୁପା ଅଳଙ୍କାର ସମେତ ୨୫ ହଜାର ଟଙ୍କା ନେଇଯାଇଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଟାଉନ ପୋଲିସ ଏକ ମାମଲା ରୁଜୁ କରି ଅଞ୍ଚଳର ସିସି କ୍ୟାମେରା ଯାଞ୍ଚ ସହ ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ମୁହଁ ଢାଙ୍କିଥିବା ସିସିଟିଭିରେ କଏଦ ହୋଇଛି। ସେହିପରି ଏହି ଅଞ୍ଚଳର ସୌମ୍ୟରଞ୍ଜନ ଦାସଙ୍କ ଘରୁ ୫୦ ହଜାର ଠାକୁର ହୁଣ୍ଡି ଟଙ୍କା ସହ ଲକ୍ଷାଧିକ ଟଙ୍କାର ଇଲୋକ୍ଟ୍ରୋନିକ୍ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଅନ୍ୟ ୩ ଘରେ ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ରବିବାର ରାତିରେ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଜୈନିକ ବ୍ୟକ୍ତିଙ୍କ ଘରେ ପଶି ସୁନା ଅଳଙ୍କାର ଚୋରି କରିଥିବା ଅଭିଯୋଗ ହୋଇଛି। ଚୋରିର ପରିମାଣ ଜଣାପଡ଼ିନାହିଁ।

# ବରଗଡ଼, ସମ୍ବଲପୁର ଟିମ୍ ବିଜୟୀ

**ବାର୍ ଆସୋସିଏଶନର ଟି-୨୦ କ୍ରିକେଟ ମ୍ୟାଚ୍**

କୋରାପୁଟ,୩।୧୧(ଅମିତାଭ ବେହେରା)

କୋରାପୁଟ ବାର୍ ଆସୋସିଏଶନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ମ୍ୟାଚର ଦ୍ୱିତୀୟ ଦିନରେ ବରଗଡ଼ ଓ ସମ୍ବଲପୁର ଟିମ୍ ବିଜୟୀ ହୋଇଥିବା ଜଣାପଡ଼ିଛି। ପ୍ରଥମ ମ୍ୟାଚରେ ବରଗଡ଼ ଟିମ୍ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୪୪ ରନ୍ ସଂଗ୍ରହ କରିଥିଲା। ଉତ୍ତରରେ କୋରାପୁଟ ବି ଟିମ୍ ୨୦ ଓଭରରେ ୧୧୪ ରନ୍ କରିଥିଲା। ବରଗଡ଼ ୧୩୦ ରନରେ ଜିତିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସମ୍ବଲପୁର ବାର୍ ଆସୋସିଏଶନ ନିର୍ଦ୍ଧାରିତ ୧୬ ଓଭରରେ ୩ ଉଇକେଟ୍ ହରାଇ ୧୫୧ ରନ୍ ସଂଗ୍ରହ କରିଥିଲା। ଜବାବରେ ବୋର୍ଡ ଅଫ ରେଭେନ୍ୟୁ କଟକ ନିର୍ଦ୍ଧାରିତ ୧୬ ଓଭରରେ ୫ ଉଇକେଟ ହରାଇ ମୋଟ ୧୨୨ ରନ୍ ସଂଗ୍ରହ କରିଥିଲା। ସମ୍ବଲପୁର ବାର୍ ଆସୋସିଏଶନ ୨୯ ରନ୍‌ରେ ମ୍ୟାଚ୍ ଜିତିଥିଲା। କାର୍ଯ୍ୟକ୍ରମରେ କୋରାପୁଟ ଓକିଲ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଓସିଏ ପାନଲ ଆମ୍ପାୟରିଂ ଅସିତ୍ ପଟ୍ଟନାୟକ ଓ ରମେଶ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ବାର୍ ଆସୋସିଏଶନ ସଭାପତି ପ୍ରଭାତ ମହାପାତ୍ର, ସମ୍ପାଦକ ସୁନୀଲ କୁମାର ଜେନା,ଉପସଭାପତି କୃଷ୍ଣ ସିଂ, ମିଡିଆ ପରାମର୍ଶଦାତା ଅଶୋକ କୁମାର ଷଡ଼ଙ୍ଗୀ, ବରିଷ୍ଠ ଓକିଲ ଟି.ଏନ୍. ମୂର୍ତ୍ତି, ଜୟନ୍ତ ମିଶ୍ର, ନିହାର ରଞ୍ଜନ ପଟ୍ଟନାୟକ, ଶରତ ଆଚାର୍ଯ୍ୟ, ନୃପେନ୍ଦ୍ର ନାରାୟଣ ବାଘ,ପ୍ରଶାନ୍ତ ପାତ୍ର, ଗୁପ୍ତେଶ୍ୱର ପାଣିଗ୍ରାହୀ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥି ବିଜେତା ଟିମ୍‌କୁ ପୁରସ୍କୃତ କରୁଛନ୍ତି।

# ୧୪ ଅଭିଯୋଗର ସମାଧାନ ନିର୍ଦ୍ଦେଶ

ସୁନାବେଡ଼ା/ସେମିଳିଗୁଡ଼ା,୩।୧୦ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ପାକଖୋଲା ପଞ୍ଚାୟତରେ ସଚେତନତା ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ(ଡବ୍ଲୁଇଓ) ହରପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ମୋଟ ୧୪ ଅଭିଯୋଗର ଶୁଣାଣି ହୋଇଥିଲା। ଜଣେ ହିତାଧିକାରୀ ରାଶନ କାର୍ଡ ପାଇବା, ପଞ୍ଚାୟତର ରାସ୍ତାଘାଟ, ଡ୍ରେନ୍ ଆଦି ୯ଟି ବିଭିନ୍ନ ଉନ୍ନୟନ ସମ୍ପର୍କିତ ସମସ୍ୟା ଅଭିଯୋଗ ଥିଲା। ଏଥିସହ ୨ ଶିକ୍ଷା ସମ୍ବନ୍ଧୀୟ ତଥା ପିଲାଙ୍କ ପାଠପଢ଼ାରେ ଶିକ୍ଷାନୁଷ୍ଠାନ ଦୂରତା ନେଇ ଉପୁଜିଥିବା ସମସ୍ୟାର ସମାଧାନ ପାଇଁ ପଞ୍ଚାୟତ ନିକଟ ଆଲି ଗାଁରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସ୍କୁଲ ଖୋଲିବାକୁ ଅନୁରୋଧ କରିଥିଲେ। ଆଲି ଗାଁରେ ବନ୍ଦ ପଡ଼ିଥିବା ରେଡ୍‌କ୍ରସ୍ ମେଡିକାଲକୁ ପୁନର୍ବାର ଖୋଲିବା, ନୁଆଁପୁଟର ପୂର୍ଣ୍ଣ ପୂଜାରୀ ସରକାର ଦେଉଥିବା ଆଳୁ ବିହନ ପାଇବା ଆଦି ଅଭିଯୋଗ ହୋଇଥିଲା। ସମସ୍ତ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ସରପଞ୍ଚ ପଦ୍ମିନୀ ଅଲତିଆ, ବିପିସି ପେଶା ପ୍ରମୋଦ ଖିଲ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତ ବିଭାଗୀୟ ଅଧିକାରୀ ବିଭାଗରେ ଥିବା ସରକାରୀ ଯୋଜନା ସମ୍ପର୍କରେ ସଚେତନକରି ହିତାଧିକାରୀ ଲାଭ ପାଇପାରିବା ନେଇ ଲୋକଙ୍କୁ ବୁଝାଇଥିଲେ।



ଶିବିରରେ ଅଧିକାରୀମାନେ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି।

# ଆଇଏଏସ୍ ପ୍ରୋବେଶନରଙ୍କୁ ନାରାୟଣପାଟଣା ବିଡିଓ ଦାୟିତ୍ୱ



କୋରାପୁଟ,୩।୧୧(ଅମିତାଭ ବେହେରା)

କୋରାପୁଟ ଆଇଏଏସ ପ୍ରୋବେଶନର ସନ୍ତୋଷ କୁମାର ପାତ୍ର ନାରାୟଣପାଟଣା ବ୍ଲକର ବିଡିଓ ସୋମବାର ଦାୟିତ୍ୱ ନେଇଛନ୍ତି। କିଛି ମାସ ବିଡିଓ ଭାବେ ବ୍ଲକର ବିଭିନ୍ନ କାର୍ଯ୍ୟର ଅଗ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବେ ବୋଲି ସେ କହିଛନ୍ତି। ଏହି ସମୟରେ ନାରାୟଣପାଟଣା ବିଡିଓ, ତହସିଲଦାର ଓ ବ୍ଲକର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

# ପାରମ୍ପରିକ ଢାମ୍ପ ବାଦ୍ୟ ଗୁରୁଙ୍କୁ ଝୁରୁଛି ଅଞ୍ଚଳ

ପଟ୍ଟାଙ୍ଗି,୩।୧୧(ଶରତ କୁମାର ଧଳ)



ମୋହନ ହିଆଲ

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପର୍ବପର୍ବାଣିରେ ପାରମ୍ପରିକ ବାଦ୍ୟ ବଜାଇବା, ଢାମ୍ପ ବାଦ୍ୟ ତିଆରି କରି ପରିଚୟ ସୃଷ୍ଟି କରିଥିବା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମାର ମୋହନ ହିଆଲଙ୍କୁ ଅଞ୍ଚଳବାସୀ ଶୁଭ ସମୟରେ ଖୋଜନ୍ତି। ତାଙ୍କ ଦେହାନ୍ତ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୋହନ ନିଜ ହାତରେ ଢାମ୍ପ ବାଦ୍ୟ ତିଆରି କରି ଏହାର ଶବ୍ଦ ଢେମସା ନାଚ ପାଇଁ ତାଳ ମିଶାଇ ହେବା ନେଇ ଅଞ୍ଚଳର ବାଦ୍ୟ କଳାକାରଙ୍କୁ ତାଲିମ୍ ଦେଇଥିଲେ। ନିଜ ଜନ୍ମମାଟି ଲକ୍ଷ୍ମୀପୁର ବ୍ଲକ୍ କାକିରିଗୁମାରୁ ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମାସ୍ଥିତ ହାଇସ୍କୁଲ ପାର୍ଶ୍ୱ କୁମ୍ଭାର ସାହିରେ ପରିବାର ସହ ରହୁଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗ୍ରାମରେ ହାତତିଆରି ଢାମ୍ପ ପହଞ୍ଚାଇ ଲୋକ ପ୍ରିୟତା ହାସଲ କରିଥିଲେ। ୨୦୦୬ରୁ ୨୦୨୨ ଯାଏ ଜିଲାସ୍ତରୀୟ ପରବ ଉତ୍ସବରେ ଢାମ୍ପ ବଜାଇ ପ୍ରତିଭା ଦେଖାଇଥିଲେ। ଏଥିପାଇଁ ଜିଲାପାଳଙ୍କଠାରୁ ସମ୍ମାନିତ ମଧ୍ୟ ହୋଇଛନ୍ତି। ବ୍ଲକ୍ ଓ ଜିଲାର ପରିଚୟ ରାଜ୍ୟ ସ୍ତରରେ ପହଞ୍ଚାଇ ନିଜର ପରିଚୟ ସୃଷ୍ଟି କରିଥିଲେ। ସୂଚନାନୁଯାୟୀ, ମୋହନ କିଛି ମାସ ହେବ ଅସୁସ୍ଥ ଥିବା ବେଳେ ଶନିବାର ତାଙ୍କର ବିୟୋଗ ହୋଇଛି।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

କୋରାପୁଟ,୩।୧୧(ଅମିତାଭ ବେହେରା)

କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦଳଗତ ନୃତ୍ୟରେ କୋରାପୁଟ ବ୍ଲକ୍‌ର ମନ୍ତ୍ରିପୁଟ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ହାସଲ କରିଛି। ମୋଟ ୧୬ କ୍ଲଷ୍ଟରରୁ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରତି ବର୍ଗ ଏବଂ ବିଭାଗରୁ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଚଳିତମାସ ୬ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭିରେ ଭାଗନେବେ। ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରାଙ୍କ ସଭାପତିତ୍ୱରେ ଜିଲା ପରିଷଦ ସଭାପତି ସସ୍ମିତା ମେଲେକା, ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ,ବ୍ଲକ୍ ଅଧ୍ୟକ୍ଷା ନମିତା ମାଝୀ,ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଯୋଗଦେଇଥିଲେ। ଉଦ୍‌ଘାଟନୀରେ ସ୍ଥାନୀୟ ବିଡିଓ ଡ. ଦେବାଶିଷ ଗୌଡ଼,ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ ଓ ଲକ୍ଷ୍ମୀପୁର ବିଇଓ ରୀତା ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଏବିଇଓ ସଂଯୁକ୍ତା କଅଁର,ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ସେଠୀ,ଶିବଶଙ୍କର ପଟ୍ଟନାୟକ,ନଗେନ୍ଦ୍ର ଜେନା,ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର, ହର ମିଶ୍ର,ସୁବୋଧ ମାଝୀ, ତ୍ରିଲୋକେଶ ପଣ୍ଡା,ଜ୍ୟୋତି ପାଢ଼ୀ,ସୂର୍ଯ୍ୟ ବେହେରା, ଶିକ୍ଷକ ସୁଜିତ୍ ଜେନା, ଗଜନି ଚନ୍ଦ୍ରଶେଖର ଓ ମନୋଜ ଦାସ ପରିଚାଳନାରେ ସହାୟତା କରିଥିଲେ। ପୁଷ୍ପାଞ୍ଜଳି ଖେମଣ୍ଡୁ ଓ କବିତାଞ୍ଜଳି ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# ପିଲାଙ୍କ ଅନ୍ତର୍ନିହିତ ଗୁଣକୁ ରାଜ୍ୟ ସ୍ତରରେ ପହଞ୍ଚାଉଛି ସୁରଭି

**ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ**

ନନ୍ଦପୁର,୩।୧୧(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବ୍ଲକସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଛି। ଅତିଥି ଭାବେ ବିଡିଓ ଦୁର୍ଗାପ୍ରସାଦ ଦୋରା ମହୋତ୍ସବ ଶୁଭାରମ୍ଭ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦେଇଥିଲେ। ବଣ ମଲ୍ଲି ଖୋଜି ସହର ସୁଗନ୍ଧିତ କରିବା ଭଳି ବିଦ୍ୟାଳୟସ୍ତରରୁ ଛାତ୍ରୀଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣ ଖୋଜି ଜିଲା ଓ ରାଜ୍ୟସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ସୁରଭି ମହୋତ୍ସବ ପାଳନ କରାଯାଉଥିବା ଶିକ୍ଷାଧିକାରୀ ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ୧୩ କ୍ଲଷ୍ଟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ରଚନା, ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସହକାରୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗ ସୂଚନା ଦେଇଛନ୍ତି। ବ୍ଲକ ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ୧୧ ସିଆରସିସି ମଞ୍ଚ ପରିଚାଳନା କରିଥିଲେ। ସିଡିପିଓ ମିନତି ବାଳା ପଟ୍ଟନାୟକ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ନନ୍ଦ ଖରା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।



ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରସ୍ତୁତ ଡିପିଆରଓ ନେଇ ଆଲୋଚନା

**୩ ମାସ ମଧ୍ୟରେ ଆରମ୍ଭ ହେବ ନିର୍ମାଣ କାର୍ଯ୍ୟ**

କୋରାପୁଟ,୩।୧୧(ଅମିତାଭ ବେହେରା)



ବୈଠକରେ ଉପସ୍ଥିତ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ଅନ୍ୟ ଅଧିକାରୀମାନେ।

କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରସ୍ତୁତ ହୋଇଥିବା ଡିପି ଆରଓ ଆଲୋଚନା ଉପରେ ସୋମବାର ବୈଠକ ହୋଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ କୋରାପୁଟର ନୂତନ ବସଷ୍ଟାଣ୍ଡ ତୁରନ୍ତ ନିର୍ମାଣ କାର୍ଯ୍ୟ ହେବା ନେଇ ଆଲୋଚନା କରାଯାଇଥିଲା। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରସ୍ତୁତ ଡିପି ଆରଓ ଉପରେ ଉପସ୍ଥିତ କମିଟି ସଦସ୍ୟଙ୍କ ମତ ଲୋଡ଼ାଯାଇଥିଲା। ଏଥିପାଇଁ ସ୍ଥାନ ହସ୍ତାନ୍ତର କରିବାକୁ ସମସ୍ତ ବ୍ୟବସାୟୀମାନଙ୍କୁ ଜଣାଇବା ସହ ସ୍ଥାନାନ୍ତର କରିବାକୁ ଗୁରୁତ୍ୱ ଦେଇଥିଲେ। ତୁରନ୍ତ ବୃତ୍ତାନ୍ତ ଡିପିଆରଓ ପ୍ରସ୍ତୁତ କରି ଏହା ପରେ ଟେଣ୍ଡର ପ୍ରକ୍ରିୟା କରାଯିବ। ଆସନ୍ତା ୩ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ପ୍ରକାଶ କରିଛନ୍ତି। ଆଲୋଚନାରେ କୋରାପୁଟ ବିଧାୟକ ଅନୁପସ୍ଥିତ ଥିବାରୁ ପୁନର୍ବାର ବୈଠକ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବୈଠକରେ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ତହସିଲଦାର ଏସ.ସବିର ଶାହାଙ୍କ ସହ ପୋଲିସ ହାଉସିଂ ବୋର୍ଡର ଯୁଗ୍ମ ମ୍ୟାନେଜର, ପରିବହନ ନିଗମ ଡିଟିଏମ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରତିଭା ପରିପ୍ରକାଶ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ

**ନନ୍ଦାହାଣ୍ଡି, ୩।୧୧ (ପ୍ରତୀପ କୁମାର ଦାଶ)**



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

- ନନ୍ଦାହାଣ୍ଡି ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି
- ଉଦ୍‌ଘାଟନ କଲେ ପଞ୍ଚମ ଶ୍ରେଣୀ ଛାତ୍ରୀ

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ନନ୍ଦାହାଣ୍ଡି ବରିଷ୍ଠ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଧନୁର୍ଜୟ ମାଝୀ, ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ସୁନାନୀ ଅତିଥିଭାବେ ଯୋଗଦେଇଥିଲେ। ସାଗରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଞ୍ଚମ ଶ୍ରେଣୀ ଛାତ୍ରୀ କୁମାରୀ ସାଲୋମି ସେରନ ଟାକରି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ନନ୍ଦାହାଣ୍ଡି ବ୍ଲକର ସମସ୍ତ ୮ କ୍ଲଷ୍ଟରରୁ ୨୧୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବକ୍ତୃତା,ବିତର୍କ, ରଚନା, ସଙ୍ଗୀତ, ନୃତ୍ୟ, ଶ୍ରୁତ ଲିଖନ, କୁଇଜ୍, ପିଏମ ପୋଷଣ ଚିତ୍ରକଳା ଏବଂ ଶିଳ୍ପକଳା ପ୍ରତିଯୋଗିତାରେ ସେମାନେ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ୭ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ।

ଉଦ୍‌ଯାପନୀ ଉତ୍ସବରେ ନବରଙ୍ଗପୁର ଏଡିଇଓ କେଶବ ମେହେର ମୁଖ୍ୟ ଅତିଥି, ନନ୍ଦାହାଣ୍ଡି ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଧନୁର୍ଯ୍ୟୟ ମାଝୀ, ଉତ୍ତମା ହରିଜନ, ଦହଣା ସଦାଶିବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅମିୟ ପ୍ରସାଦ ସ୍ୱାଇଁ, ଡଙ୍ଗରଭେଜା ହାଇସ୍କୁଲ ପ୍ରଧାନଶିକ୍ଷକ ସୁଶାନ୍ତ ସାହୁ, ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଜୟ ସାହୁ, କାର୍ଯ୍ୟକାରୀ ସମ୍ପାଦକ ଭାବେ ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ସୁନାନୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ମହାନ୍ତି ଯୋଗଦେଇଥିଲେ। ନନ୍ଦାହାଣ୍ଡି ବରିଷ୍ଠ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ନିଜ ପ୍ରତିଭାକୁ ଚିହ୍ନି ତାହାକୁ ପରିପ୍ରକାଶ ଦିଗରେ କାର୍ଯ୍ୟ କରିବାକୁ ଅତିଥିମାନେ ମତ ଦେଇଥିଲେ। ସମସ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସରୁଗୁଡ଼ାର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ ନାଗେଶ୍ୱରୀ ପଟ୍ଟନାୟକ ଏବଂ ଶିକ୍ଷକ ବିକ୍ରମ ଦାସ ମଞ୍ଚ ପରିଚାଳନା କରିଥିଲେ। ନନ୍ଦାହାଣ୍ଡି ବ୍ଲକର ସମସ୍ତ ସିଆରସିସି ଓ ବିଭିନ୍ନ ସ୍କୁଲର ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ କରିଥିଲେ।

# ରାଧାକୃଷ୍ଣ ମନ୍ଦିରରେ ୨୪ ପ୍ରହର ନାମଯଜ୍ଞ



ରାଧାକୃଷ୍ଣ ମନ୍ଦିର ପରିସରରେ ଚାଲିଥିବା ନାମ ସଂକୀର୍ତ୍ତନ।

**କୋରୁକୋଣ୍ଡା,୩।୧୧ (ଶିବଦତ୍ତ ସାହୁ)**

ପଞ୍ଚକ ଅବସରରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦରରେ ଥିବା ରାଧାକୃଷ୍ଣ ମନ୍ଦିରରେ ସୋମବାରଠାରୁ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ୩ ଦିନ ଧରି ଏହି ସଂକୀର୍ତ୍ତନ ଚାଲିବାକୁ ଥିବାବେଳେ ରବିବାର ସନ୍ଧ୍ୟାରେ କଳସ ସ୍ଥାପନା କରାଯାଇ ସହିତ ଅଧିବାସ କରାଯାଇଥିଲା। ସୋମବାର ସକାଳ ୬ରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ଆସନ୍ତା ଗୁରୁବାର ସକାଳ ପର୍ଯ୍ୟନ୍ତ ଏହି ନାମ ସଂକୀର୍ତ୍ତନ ଚାଲିବାକୁ ଥିବାବେଳେ ଶେଷରେ ଠାକୁରଙ୍କୁ ନଗର କୀର୍ତ୍ତନରେ ଗ୍ରାମ ଭ୍ରମଣ କରାଇବା ପରେ ଏହା ସମ୍ପନ୍ନ ହେବ। ଏହିଅବସରରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୭ରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଅଂଶଗ୍ରହଣ ଗ୍ରହଣ କରିଥିବା ଏହାକୁ ନେଇ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ବିଗତ ବର୍ଷମାନଙ୍କରେ ଗ୍ରାମବାସୀଙ୍କ ତରଫରୁ ଅଷ୍ଟମ ପ୍ରହର ସଂକୀର୍ତ୍ତନ କରାଯାଉଥିବା ବେଳେ ଚଳିତ ବର୍ଷ ଏହାକୁ ୨୪ ପ୍ରହର କରାଯାଇଛି। ଏହି ଅବସରରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଆସି ନାମ ସଂକୀର୍ତ୍ତନରେ ଅଂଶ ଗ୍ରହଣ କରୁଛନ୍ତି । ଭକ୍ତମାନଙ୍କ ନିମନ୍ତେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।

# ଭବିଷ୍ୟତ ନେତା ତିଆରି ଲକ୍ଷ୍ୟରେ ଛାୟା ବିଧାନସଭା



ସ୍କୁଲରେ ଚାଲିଥିବା ଛାୟା ବିଧାନସଭା।

**ଉମରକୋଟ, ୩।୧୧ (ସନ୍ତୋଷ ଶତପଥୀ)**

ଉମରକୋଟ ବ୍ଲକ ବକୋଦାସ୍ଥିତ ପିଏମ୍ ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଛାୟା ବିଧାନସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଭବିଷ୍ୟତ ନେତାଙ୍କୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ରାଜ୍ୟପାଳଙ୍କ ଅଭିଭାଷଣ, ଦିବଂଗତ ବିଧାୟକଙ୍କ ନିମନ୍ତେ ଶୋକ ପ୍ରସ୍ତାବ ପାରିତ, ନୂତନ ବିଧାୟକଙ୍କ ଶପଥ ପାଠ ଓ ପରେ ନୂତନ ଶିକ୍ଷା ନୀତି ୨୦୨୫ ସର୍ବସମ୍ମତିକ୍ରମେ ଛାୟା ବିଧାନସଭାରେ ପାରିତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଏହି ଛାୟା ବିଧାନସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅନ୍ୟ ଶିକ୍ଷକ ନରେନ୍ଦ୍ର ହରିଜନ, ସଚ୍ଚିଦାନନ୍ଦ ମହାପାତ୍ର, କରୁଣାକର ମାଝୀ, ନିଖିଳ ଚନ୍ଦ୍ର ବିଶ୍ୱାସ, ସୁଧାଂଶୁଶେଖର ସାହୁ, ଶିବଶଙ୍କର ପତି, ଉତ୍ତମ ଦାସ, ଦେବକୁମାର ଦେ, ଏମ୍‌ଡି ସରଫରାଜ, ନୀଳମ୍ବର ଯାନୀ, ପ୍ରଦୀପ ରାଉତ, ଜନ୍ମେଜୟ ପ୍ରସାଦ ସାହୁ, ଦୈମନ ଭତ୍ରା, ସଞ୍ଜିତ ସ୍ୱାଇଁ, କୋଲିନ ଦାସ, ସାଗରୀକା ବୈଦ୍ୟ, ଅପର୍ଣ୍ଣା ଗୁରୁ ଏଥିରେ ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘାସିଆ ପୂଜାରୀ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୈଷ୍ଣବ ଚରଣ ସେଠୀ, କମିଟି ସଦସ୍ୟାସଦସ୍ୟ ଛାୟା ବିଧାନସଭାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନରେ ଥିବା ବିଧି ବ୍ୟବସ୍ଥା, ଏହାର ଅଙ୍ଗ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ସମ୍ପର୍କରେ ଅବଗତ କରାଇଥିଲେ।

# ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସମ୍ପର୍କିତ ଆଲୋଚନା

- କଟୁରିଛାପର ବିଦ୍ୟାଳୟରେ ଆଇନ ସଚେତନତା ଶିବିର

**ଝରିଗାଁ,୩।୧୧ (କିଶୋର ଚନ୍ଦ୍ର ମଣ୍ଡଳ)**




ମାଜିଷ୍ଟ୍ରେଟ୍ ଆଇନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଉଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଅଧୀନ କଟୁରିଛାପର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲୁକାସ୍ତରୀୟ ଆଇନ କମିଟି ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଝରିଗାଁ ଜେଏମ୍‌ଏଫ୍‌ସି କୋର୍ଟ ମାଜିଷ୍ଟ୍ରେଟ ସଂଘମିତ୍ରା ଦ୍ୱିବେଦୀ ଓ ବରିଷ୍ଠ ଆଇନଜୀବୀ ସୁବାସ ପଟ୍ଟନାୟକ ସାଇବର କ୍ରାଇମ, ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ, ପୋକ୍‌ସୋ ଆକ୍ଟ ଏବଂ ତାଲୁକ ଆଇନ ସେବା କମିଟିର ମୁକ୍ତ ଆଇନ ସହାୟତା ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦିନୀ ନାୟକ, ସ୍ଥାନୀୟ ଜେଏମ୍‌ଏଫ୍‌ସି ମୁଖ୍ୟ କିରାଣି ବୈକୁଣ୍ଠ ମାଝି, ଲକ୍ଷ୍ମିତା ବରାଳ, ଚିନ୍ମୟୀ ନାୟକଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# କାର୍ତ୍ତିକ ପୂର୍ଣ୍ଣମୀ ସମୀକ୍ଷା ବୈଠକ

**ଜୟପୁର,୩।୧୧ (ପବନ ପାଣିଗ୍ରାହୀ)**

କାର୍ତ୍ତିକ ପୂର୍ଣ୍ଣମୀ ପାଇଁ କୋରାପୁଟ ଜିଲାପାଳ ଭିଡିଓ କନଫ୍ରେନ୍ସ ମାଧ୍ୟମରେ ଏକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ପୂର୍ଣ୍ଣମୀରେ ନଦୀ, କେନାଲ, ପୋଖରୀରେ ଶ୍ରଦ୍ଧାଳୁ ସ୍ନାନ କରି ଡଙ୍ଗା ଭସାଇବେ। ଏଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ସଜାଗ ରହିବା ନେଇ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଫାୟାର ଅଫିସର, ବିଡିଓ ଏବଂ ତହସିଲଦାରମାନେ ବୈଠକରେ ଉପସ୍ଥିତ ଥିଲେ। କାର୍ତ୍ତିକ ପୂର୍ଣ୍ଣମୀରେ ଅଘଟଣ ନ ହେବା ପ୍ରତି ସମସ୍ତ ଅଧିକାରୀ ସଜାଗ ହୋଇ ରହିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଦମକଳ ବିଭାଗ ନଦୀ ଓ କେନାଲ ଗୁଡ଼ିକରେ ଡଙ୍ଗା ଭସାଇବା ସମୟରେ ସତର୍କତା ଅବଲମ୍ବନ କରିବାକୁ ଗୁରୁତ୍ୱାରୋପ କରାଯାଇଛି।


**GOVERNMENT OF ODISHA** Email:eekrcbdbasudevpur@gmail.com

**OFFICE OF THE SUPERINTENDING ENGINEER, KANUPUR REHABILITATION, CAMPS & BUILDING DIVISION**
At/PO- Basudevpur, Dist-Keonjhar, PIN-758047
**e-PROCUREMENT NOTICE**
No.A- Bid Identification No.SE,KRC & BD-17/2025-26

| Sl. No. | Name of Work | Approx. value of work (Rs. in lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of basic amenities in the premises of UGME School at R&R colony Birikala for the DPs of village Birikala & Gobindapur of KIP" | 44.80 | 44850.00 | 6,000.00 | 08 (Eight) Calendar Months | "B" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 02 | Construction of kitchen & store room of U.G.M.E. school Dadun at Dhobalabeda R&R Colony (Daduan) for the DPs of village Daduan of K.I.P" | 17.10 | 17100.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 03 | "Construction of Kothi Ghara (Thakurani) at Dhobalabeda (Daduan) R&R Colony for the DPs of village Daduan of K.I.P." | 11.30 | 11300.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 04 | "Construction of Kirtan Mandali house at Dhobalabeda (Daduan) R&R Colony for the DPs of village Daduan of K.I.P. | 10.35 | 10350.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & Time of opening of tender | | Place of Opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C&B Division, Basudevpur, Dist-Keonjhar | SE, KRC & BD-17/ 2025-26 | 04.11.25 From 10.00 Hours | 14.11.25 Upto 17.00 Hours | 15.11.25 | 11.00 Hours | O/o the Superintending Engineer, Kanupur Reh. C&B Division. Basudevpur, Dist-Keonjhar |

OIPR-
Sd./- Superintending Engineer
Kanupur Reh. C & B Division, Basudevpur



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

No.CAD-2153: **E-PROCUREMENT NOTICE**

| Sl. No. | NIT No. | Job Description | Availability of Tender Document | Bid Due Date |
|---|---|---|---|---|
| 1 | OMC/ E- PROC/C&P/ 025/ 2025-26, Dtd.30/10/2025 | Providing BLS (Basic Life Support) Ambulance Service alongwith drivers and paramedics on monthly hiring basis across various locations of OMC Ltd. | 31.10.2025 | 29.11.2025 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.
OIPR- Sd./- Head (C&P)



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION-I, BHADRAK**
E-mail: ee_rwbdk@yahoo.com
"e" Procurement Notice for Road Works
Bid Identification No. Online Tender 10 of 2025-26

**No.O-1277:**1.Name of the Work : Roads, 2. Total No. of Works : 10 Nos., 3. Estimated Cost: Rs.5.08 Lakh to Rs.38.05 Lakh. 4. Class of Contractor: 'C', 'D' & 'B' Class, 5. Period of Completion: As per Annexure. 6. Type of Tender: Single Cover. 7. Other Details:

| Procurement Officer | Bid Identification No. | Availability of tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Bhadrak | Online-10 of 2025-26 | 04.11.2025 At-11.00 A.M. | 13.11.25 At- 4.00 P.M. | 13.11.25 At-2.00 P.M. | 14.11.25 At-11.00 A.M. |

Further details can be seen from the e-procurement portal "https://tendersorissa.gov.in". N.B.:- Transparency Lottery date will be intimated later. Signed Scan Copy of Schedule "A", "E" & "F" Sheet is mandatory. Non submission of the sheet may cause rejection of the bid.
OIPR-
Sd./- Er. Ganesh Chandra Hembram
Executive Engineer, R.W.Division, Bhadrak



**OFFICE OF THE SUPERINTENDING ENGINEER, RURAL WORKS DIVISION NO-I, KEONJHAR**
e-mail: eerw1_kjr@yahoo.com
1st Corrigendum to e-Procurement Notice for Building Works
Identification No. Online NCB-07 of 2025-26

**O-1297:** 1.The availability of tender online for bidding in column No.-3 & 4, Last date & Time of Seeking Tender Clarification in Column No-7 and Date & Time of Opening of Tender Column No-8 may be read as follows.
**e-Procurement Notice No.07 of 2025-26**

| Procurement Officer | Bid Identification No. | Availability of Tender on-Online for bidding as per Tender Notice | | As per Corrigendum the Availability of tender on-Online for bidding as per Corrigendum | | Last date & Time of seeking tender clarification | Date, Time & Place of Opening of Tender |
|---|---|---|---|---|---|---|---|
| | | From | To | From | To | | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, R.W. Division, No-I, Keonjhar | Road Works of NCB-07/ 2025-26 | 31.10.2025 at 11.00 A.M. | 11.11.2025 upto 5.00 P.M. | 03.11.2025 at 11.00 A.M. | 13.11.2025 upto 5.00 P.M. | 12.11.2025 at 11.00 A.M | 14.11.2025 at 11 A.M. Office of the Superintending Engineer, R.W.Division, No-I, Keonjhar |

All other terms and conditions to the original e-procurement no-07 of 2025-26 will remain unchanged.
OIPR- Sd./- Superintending Engineer, R.W.Division-I, Keonjhar



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION: RAYAGADA**
e-mail ID: rw_rayagada@yahoo.co.in
Letter No.3491, Date:30.10.2025
**CANCELLATION OF TENDER**
**No.O-1295:** The tender for the work invited vide this office bid identification No.EERWRGD-Online-08/2025-26 invited vide this office letter No.3368, dated 24.10.2025 is hereby cancelled due to unavoidable circumstances.
Sd./- Executive Engineer
OIPR- Rural Works Division, Rayagada



**ODISHA LIFT IRRIGATION CORPORATION LTD.**
(A GOVT. OF ODISHA UNDERTAKING)
PLOT NO. 17/2, NAYAPALLI, BHUBANESWAR - 12
Phone No. : (0674)2390195, Fax No. : (0674)2395844,
e-Mail ID : olicltd123@bsnl.in, olicltd@ymail.com
Order No. IT-25/2025-8759/OLIC Date : 30.10.2025
**No.CAD-2158**: The Request for Proposal No.IT-25/2025-8359 dt.09.10.2025 towards selection of recruitment agency to conduct Computer Based Test (CBT) for recruitment to different posts for and on behalf of OLIC is hereby cancelled due to administrative reasons.
By order of Managing Director
Sd./- Executive Director (Tech)
OIPR- OLIC Ltd, Bhubaneswar



**Odisha State Museum**
Kalpana Square, Bhubaneswar-751014
Tel-0674-2431597
Email-supdt.museum@hotmail.com, Website: www.odishamuseum.nic.in
**TENDER CALL NOTICE**
No.1599/OSM, dated 30.10.2025
No.RR-26:Sealed Tenders in confirmity with the terms, conditions and specifications in the tender documents are invited from reputed firms/agencies for: Supply and Installation of G.I. Creeper Shed made of G.I. Square Pipe 65x40mm (heavy) with G.I. flat bracing 25mmx6m top roof carving and covering with plastic jalli as per requiring size including painting installation with supply of all missionary work materials and transportation as per detailed specification.

| Sl. | Name of Work | Bid Security | Cost of Document | Period of Completion |
|---|---|---|---|---|
| 1 | Supply and Installation of G.I. Creeper Shed made of G.I. Square Pipe 65x40mm (heavy) with G.I. flat bracing 25mmx6m top roof carving and covering with plastic jalli as per requiring size including painting installation with supply of all missionary work materials and transportation as per detailed specification | EMD Rs.10000/- | Rs.2000.00 | 01 (One) Calendar Month |

* Availability of Tender in Odisha State Museum website: From 31.10.2025, 10.00 A.M. to 14.11.2025, 4.00 P.M. * Submission of Bid: From 31.10.2025, 10.00 A.M. to 14.11.2025, 4.30 P.M. * Date and Time of Opening of the Bid: 15.11.2025, at 11.30 A.M. Further details can be seen from the website www.odishamuseum.nic.in regularly for any amendment, corrigendum/cancellation of the tender)
OIPR-
Sd./- Superintendent of Museum
Odisha, Bhubaneswar



**OFFICE OF THE CHIEF CONSTRUCTION ENGINEER**
**BALANGIR (R&B) CIRCLE, BALANGIR**
E-mail ID: sepwdbalangir@gmail.com
**CANCELLATION OF TENDER**
In Bid Identification No.CCE(R&B) BGR/02/2024-25
Letter No.2142, Date:28.10.2025
No.B-660: The tender for the work: Construction of RCC Drain at different location inside Balangir town such as P.R.High School to Railway Station Road (From 0/500 Km to 1/500). Collector Res. to Railway Station Road via Mahalaxmi Nagar (from 0/0 Km to 0/470 Km). Approach Road to Circuit House (Bhagirathi Chowk to Circuit House from 0/450 Km to 1/350 Km) Ring Road from NH Office to Jail Back site from 6/615 to 7/115 Km). Balangir TTG NH to Bijakhaman to Rajib Nagar from 0/0 Km to 0.700 Km) in Bid Identification No.CCE (R&B) BGR/02/2024-25 is here by cancelled under technical and Administrative ground.
Sd./- Chief Construction Engineer
OIPR- Balangir (R&B) Circle, Balangir



**RAYAGADA AUTONOMOUS COLLEGE**
PO/Dist- RAYAGADA, 765001 (ODISHA)
NAAC ACCREDITED
Email: rayagadacollege@gmail.com,
Ph:06856-222130, Fax:06856-222130
Ref.No.2512/RAC/25 Date:29.10.25
**RAYAGADA AUTONOMOUS COLLEGE, RAYAGADA**
**TENDER NOTICE**
Advertisement No:02/OHEPEE/RAC/2025 Date:1.11.2025
No.CAD-2154: Sealed tenders are invited from registered supplier/ reputed firms/ dealers/ distributors having valid GST and PAN to provide or supply Air Conditioners and Security Guards.
The Sealed tender papers alongwith DD for Rs.500/- as tender fee and respective EMDs should reach the undersigned by 5.00 P.M. on 21.11.2025 by Regd. Post/ Speed Post/ Courier only. For details and tender document visit our website www.rayagadacollege.edu.in/tenders. All the terms and conditions of government shall be strictly adhered to for finalizing the tender and placing of orders.
Sd./- Principal
OIPR- Rayagada Auto College, Rayagada



**Government of Odisha**
**OFFICE OF THE CHIEF CONSTRUCTION ENGINEER**
**CUTTACK (R&B) CIRCLE, CUTTACK**
E-mail ID- sectcrb_2006@yahoo.co.in
Tel/Fax- 0671-2301751/2302751
('e'-PROCUREMENT NOTICE)
Bid Identification No.CCE.Ctc.(R&B) 8/2025-26
**No.B-624:**1) The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on percentage rate basis bid in double cover system in ONLINE MODE from eligible contractors for Road Works as mentioned below.
2. No. of Work : 07 Nos. 3. Nature of Work : Road Works. 4. Class of Contractor: **'B', 'A' & Special Class**. 5. Tender Paper Cost: Rs.10000 **(Online)** 6. Available of bid document in the website: **From 04.11.2025 to 17.30 Hours of 18.11.2025**. 7. Date of Opening of Bid: **Dt.19.11.2025 at 11.00 Hours**. 8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.
Sd./- Chief Construction Engineer
OIPR- Cuttack (R&B) Circle



**Brahmapur Municipal Corporation**
RFP No.15945 Date:31.10.2025
**REQUEST FOR PROPOSAL (RFP)**
FOR CONSTRUCTION AND SETTING UP OF ANIMAL CARCASS INCINERATION PLANT IN BRAHMAPUR FOR SMALL ANIMALS INCLUDING SUPPLY, INSTALLATION, OPERATION, MAINTENANCE AND MANAGEMENT FOR 5 YEARS
No.C-1368: Commissioner, Brahmapur Municipal Corporation, invites proposals from reputed Agencies for Setting Up of Animal Carcass Incineration Plant in Brahmapur for Small Animals including Supply, Installation, Operation, Maintenance and Management for 5 years. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BeMC website: www.berhampur.gov.in and www.tendersodisha.gov.in from 11.30 AM of 04.11.2025 till 05.00 PM of 20.11.2025. The last date of receipt of hard copy for technical and financial bids is 24.11.2025 till 03.30 P.M. and the same would be opened on 24.11.2025 at 04.30 P.M. The Pre-Bid Meeting is scheduled on 10.11.2025 at 11.30 A.M. in the OSWAN Hall, Brahmapur Municipal Corporation. Near Ramalingam Tank Rd. Gandhi Nagar, Brahmapur, Odisha-760001. Further details can be seen from the e-Procurement portal https://www.tendersodisha.gov.in. Any addendum/ Corrigendum/Cancellation of tender can also be seen in the said website. BeMC reserves the right to cancel this invitation and / or invite fresh Bid/ RFP with or without amendments to this invitation without liability or any obligation for such invitation and without assigning any reason, BeMC reserves the right to accept or reject any or all proposals without assigning any reason whatsoever.
Sd./- Commissioner
OIPR- Brahmapur Municipal Corporation



GOVERNMENT OF ODISHA
DEPARTMENT OF WATER RESOURCES,
**OFFICE OF THE ADDITIONAL CHIEF ENGINEER**
**BALANGIR MINOR IRRIGATION CIRCLE, BALANGIR**
e-Procurement Notice
e-Procurement Notice No.-BMIC-BLGR/01/2025-26
**No.A-827** : The Additional Chief Engineer, Balangir M.I Circle, Balangir on behalf of Hon'ble Governor of Odisha invites **percentage rate bids in Double cover in ONLINE mode only** for the Construction of works detailed in the table from **"B & A"** Class Contractors registered with the State Government and contractors of equivalent Grade/Class registered with Central Government / M.E.S / Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

| | | | |
|---|---|---|---|
| 1. | Name of the works | : | Construction of Check Dams under M.I. Divisin, Balangir for the year 2025-26 |
| 2. | Total No. of works | : | 02 (Two) |
| 3. | Estimated Cost | : | Varies from Rs.100.23 lakh to 112.43 lakh (Approximately) |
| 4. | Class of Contractor | : | Class "B & A" |
| 5. | Period of completion | : | Refer DTCN |
| 6. | Date & time of Availability of Bid Document in the Portal for online bidding | : | From 04.11.2025 at 10.00 A.M. to 13.11.2025 up to 5.00 P.M. |
| 7. | Last date/Time for receipt of Bid only in ONLINE | : | 13.11.2025 up to 5.00 P.M. |
| 8. | Date and place of Opening of Technical Bid | : | 14.11.2025 at 11.00 A.M. at Office of the Additional Chief Engineer, Balangir M.I, Circle, Balangir |
| 9. | Date/Time of Opening of Financial Bid | : | 18.11.2025 |
| 10. | Date of Transparent Lottery (if cases arise) | : | 25.11.2025 |
| 11. | Name & Address of the officer Inviting the Bid | : | Office of the Additional Chief Engineer, Balangir M.I Circle, balangir, Near Sub-Collector Office, Women's College Chowk, Dist.-Balangir, Pin-767001 E-mail ID : acemicbalangir2023@gmail.com |

Further details can be seen from the "e" Procurement Portal https://tendersodisha.gov.in
Sd./- Additional Chief Engineer,
OIPR- Balangir M.I. Circle, Balangir



**GOVT. OF ODISHA** No.A-794:
**OFFICE OF THE SUPERINTENDING ENGINEER**
**BALASORE IRRIGATION DIVISION, BALASORE**
e-Mail Id: eebid1234@gmail.com
'e'-Procurement Notice No.SEBID 01 of 2025-26

| | | | |
|---|---|---|---|
| 1. | Procurement Officer | : | Superintending Engineer, Balasore Irrigation Division, Balasore |
| 2. | Total No. of Works | : | 14 (Fourteen) No. of Works |
| 3. | Estimated Cost | : | Varies from Rs.33.75 Lakhs to Rs.83.28 Lakhs approximately (details can be seen in the DTCN of Bid documents of the respective works) |
| 4. | Class of Contractor | : | (Details can be seen in the DTCN of bid documents of the respective works) |
| 5. | Bid Security | : | Details can be seen in the DTCN of bid documents of the respective works |
| 6. | Period of Completion | : | Details can be seen in the DTCN of bid documents respective works |
| 7. | Date & Time of availability of Bid: documents in the portal for Online bidding | : | From dt.03.11.2025, 10.00 hours to 18.11.2025, upto 17.00 hours. |
| 8. | Last date/time for receipt of Bid only in online | : | 18.11.2025 upto 17.00 hours |
| 9. | Date/Time of Opening Technical Bid (Cover-I) | : | 19.11.2025 at 11.00 hours onwards at Office of the Superintending Engineer, Balasore Irrigation Division, Balasore |
| 10. | Date/Time of Opening Financial Bid for double Cover (Cover-II) | : | To be intimated after Evaluation of Technical Bid |
| 11. | e-mail Id | : | eebid1234@gmail.com |

Further details can be seen from the "e" Procurement Portal http://tendersodisha.gov.in.
Sd./- Superintending Engineer
OIPR- Balasore Irrigation Division, Balasore

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଣ୍ୟ ବୋଝେଇ: ଶୀର୍ଷରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ

ଭୁବନେଶ୍ୱର,୩।୧୧(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଏହାର ସର୍ବୋତ୍ତମ ପଣ୍ୟ ବୋଝେଇ ପ୍ରଦର୍ଶନ ହାସଲ କରିଛି। ଖୋର୍ଦ୍ଧା ରୋଡ ରେଳମଣ୍ଡଳ ପୁଣି ଥରେ ସାମଗ୍ରିକ ଟ୍ରାଫିକ ପରିଚାଳନାରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରେଳମଣ୍ଡଳ ଭାବରେ ଉଭା ହୋଇଛି। ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ୧୮୩ ନିୟୁତ ଟନ୍ ପଣ୍ୟ କାରବାର କରିଛି । ଯେଉଁଥିରେ ୧୦୧ ନିୟୁତ ଟନ୍ ପଣ୍ୟ ବୋଝେଇ ଏବଂ ୮୨ ନିୟୁତ ଟନ୍ ପଣ୍ୟ ଅପସାରଣ କରାଯାଇଛି। ବିଳାସପୁର ରେଳମଣ୍ଡଳ ୧୪୮ ନିୟୁତ ଟନ୍ ସହିତ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଧାନବାଦ ରେଳମଣ୍ଡଳ ୧୩୨ ନିୟୁତ ଟନ୍ ଏବଂ ଚକ୍ରଧରପୁର ରେଳମଣ୍ଡଳ ୧୨୭ ନିୟୁତ ଟନ୍ ପଣ୍ୟ କାରବାର ହାସଲ କରିଛି। ଭାରତୀୟ ରେଳପଥ ଇତିହାସରେ ପ୍ରଥମ ଥର ପାଇଁ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମାତ୍ର ୨୧୩ ଦିନରେ ୧୦୦ ନିୟୁତ ଟନ୍ ପଣ୍ୟ ବୋଝେଇ ରେକର୍ଡ ହାସଲ କରିଛି । ପୂର୍ବ ସର୍ବୋତ୍ତମ ୨୦୨୪-୨୫ ସମୟରେ ୨୩୪ ଦିନରେ ଏହି ଦକ୍ଷତା ହାସଲ କରାଯାଇଥିଲା । ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ୨୦୨୫ ଅକ୍ଟୋବରରେ ସର୍ବକାଳୀନ ସର୍ବାଧିକ ୧୪.୫୨ ନିୟୁତ ଟନ୍ ପଣ୍ୟ ବୋଝେଇ ରେକର୍ଡ କରିଛି, ଯାହା ପୂର୍ବ ସମସ୍ତ ଅକ୍ଟୋବର ରେକର୍ଡକୁ ଅତିକ୍ରମ କରିଛି। ୨୦୨୩ ଅକ୍ଟୋବରରେ ଏହି ରେଳମଣ୍ଡଳ ୧୩.୩୯୦ ନିୟୁତ ଟନ୍, ୨୦୨୨ ଅକ୍ଟୋବରରେ ୧୩.୨୦୦ ନିୟୁତ ଟନ୍ ଏବଂ ୨୦୨୧ରେ ୧୩.୦୮୦ ନିୟୁତ ଟନ୍ ପଣ୍ୟ କାରବାର କରିଥିଲା। ଏହା ପ୍ରଥମ ଥର ଯେ ଅକ୍ଟୋବରରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମାସିକ ପଣ୍ୟ ବୋଝେଇ ୧୪ ନିୟୁତ ଟନ୍ ସୀମା ଅତିକ୍ରମ କରିଛି। ବାତ୍ୟା ମୋନ୍ଥା ଓ ପ୍ରବଳ ବର୍ଷା ଦ୍ୱାରା ଉପୁଜିଥିବା ବାଧା ଏବଂ ଅନ୍ୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ନିରବଚ୍ଛିନ୍ନ ପଣ୍ୟ ପରିବହନ ବଜାୟ ରଖି ଅନେକ ଟର୍ମିନାଲ ରେକର୍ଡ ଭାଙ୍ଗିବା ସଫଳତା ହାସଲ କରିଛି। ନିରନ୍ତର ତଦାରଖ, ଦକ୍ଷ ରେଳ ପରିଚାଳନା ଏବଂ ଗ୍ରାହକମୁଖୀ ଲଜିଷ୍ଟିକ ସମର୍ଥନ ସଫଳତା ମିଳିଥିବା ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ କୁହାଯାଇଛି।


## ବ୍ୟାଙ୍କ ଅଫ୍ ବରୋଦାର ୪,୮୦୯ କୋଟିର ନେଟ୍ ଲାଭ

ଭୁବନେଶ୍ୱର,୩।୧୧

ବ୍ୟାଙ୍କ ଅଫ୍ ବରୋଦାର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ଏହି ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳରେ ବ୍ୟାଙ୍କ ୪,୮୦୯ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି। ସେହିପରି ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୭,୫୭୬ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଘରୋଇ ଜମା ଶତକଡା ୯.୭ ପ୍ରତିଶତ ବୃଦ୍ଧି ହାରରେ ୧୨,୭୧,୯୯୨ କୋଟି ଟଙ୍କାରେ ପହଞ୍ଚି ପାରିଥିବା ବେଳେ ଦେଶ ମଧ୍ୟରେ ଅଗ୍ରୀମ ୧୦,୪୬,୫୦୬ କୋଟି ଟଙ୍କା ବୃଦ୍ଧି ପାଇଛି। ସେହିପରି ଆନ୍ତର୍ଜାତୀୟ ଜମା ମଧ୍ୟ ବୃଦ୍ଧି ପାଇ ୧୫,୦୦,୦୧୨ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଅଣ ସୁଧ ଆୟ ୫,୧୬୬ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ନେଟ୍ ସୁଧ ଆୟ ୧୧,୬୩୭ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ଏବଂ ନେଟ୍ ଏନ୍‌ପିଏରେ ମଧ୍ୟ ଉଲ୍ଲେଖନୀୟ ହ୍ରାସ ପାଇଥିବା ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଛି।

## 'ବାଲିଯାତ୍ରା'କୁ ଆଲୋକିତ କଲା ଟିପିସିଓଡିଏଲ୍

ଭୁବନେଶ୍ୱର,୩।୧୧



କଟକରେ ଐତିହାସିକ ବାଲିଯାତ୍ରା ମହୋତ୍ସବରେ ଭରସାଯୋଗ୍ୟ ଏବଂ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ପାଇଁ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ଟିପିସିଓଡିଏଲ୍ ସମ୍ପୂର୍ଣ୍ଣ ୧୩୦ ଏକର ବାଲିଯାତ୍ରା ମେଳା ପଡିଆକୁ ବିଦ୍ୟୁତୀକରଣ କରିବା ସହିତ ମେଳା ସମୟରେ ୨୪ ଘଣ୍ଟିଆ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଇ ଦେବାକୁ ଲକ୍ଷ୍ୟ ରହିଛି । ଷ୍ଟଲ୍ ମାଲିକମାନଙ୍କ ପାଇଁ ପ୍ରାୟ ୧୦୦୦ ଅସ୍ଥାୟୀ ସଂଯୋଗ ଯୋଗାଇ ଦିଆଯାଇଛି । ଏହାସହ ପ୍ରାୟ ୩ ମେଗାୱାଟର ଆନୁମାନିକ ଲୋଡ୍ ପୂରଣ କରିବା ପାଇଁ ୧୦,୦୦୦ କେଭିଏରୁ ଅଧିକ କ୍ଷମତାର ବିଦ୍ୟୁତ ଭିତ୍ତିଭୂମି ସ୍ଥାପନ କରାଯାଇଛି। ସବ୍‌ଷ୍ଟେଶନ ଚାରିପାଖେ ଉପଯୁକ୍ତ ବାଡ଼ ତିଆରି କରାଯାଇ ବିଭିନ୍ନ କଣ୍ଡକ୍ଟରକୁ ଏଲ୍‌ଟିଏବି କେବୁଲ ସହିତ ସଂଯୋଗ କରାଯାଇଛି। ବିଦ୍ୟୁତ ସେବା ପ୍ରଦାନ ପାଇଁ ଟିପିସିଓଡିଏଲ୍‌ର ପ୍ରାୟ ୨୦୦ କର୍ମଚାରୀ ନିୟୋଜିତ ହୋଇଛନ୍ତି। ପଡ଼ିଆରେ ପ୍ରାୟ ୬୦୦ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଛି । ଯେକୌଣସି ଅଭିଯୋଗ କିମ୍ବା ବୈଷୟିକ ସମସ୍ୟାର ସମାଧାନ ପାଇଁ ୧୦ଟି ଫ୍ୟୁଜ୍ କଲ୍ ସେଣ୍ଟର ସ୍ଥାପନ କରାଯାଇଛି। ବାଲିଯାତ୍ରାରେ ପ୍ରାୟ ୧ କୋଟି ଲୋକ ଯୋଗଦେବେ ବୋଲି ଅନୁମାନ କରାଯାଉଛି। ପ୍ରସ୍ତୁତି ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି ଯେ, ମେଳା ସମୟରେ ଯେପରି ବିଦ୍ୟୁତ ଆବଶ୍ୟକତାକୁ ଦକ୍ଷତାର ସହିତ ଏବଂ ସୁରକ୍ଷିତ ଭାବରେ ପୂରଣ କରାଯାଇପାରିବ ସେନେଇ ଚେଷ୍ଟା କରାଯାଉଛି।

## ଜାତୀୟସ୍ତରରେ ଓଡ଼ିଶା ଡିଫେନ୍ସ ଟେକ୍ନୋଲୋଜି ଷ୍ଟାର୍ଟଅପର ସଫଳତା

ଭୁବନେଶ୍ୱର,୩।୧୧

ଓଡିଶା ଭିତ୍ତିକ ଏରୋସ୍ପେଶ ଓ ଡିଫେନ୍ସ ଟେକ୍ନୋଲୋଜି ଷ୍ଟାର୍ଟଅପ, ବନ୍‌ଭି ଏରୋ ଏସଆଇଡିଏମ ଚାମ୍ପିଅନ ଆୱାର୍ଡ (ସ୍ପେଶାଲ ଜୁରୀ) ହାସଲ କରି ଜାତୀୟସ୍ତରୀୟ ସଫଳତା ହାସଲ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବନ୍‌ଭି ଏରୋର ସହ-ପ୍ରତିଷ୍ଠାତା ତଥା ସିଇଓ ସତ୍ୟବ୍ରତ ଶତପଥୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଶତପଥୀ ଏହି ଆୱାର୍ଡକୁ ଦେଶ ଓ ସଶସ୍ତ୍ର ବାହିନୀ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସୋସାଇଟି ଅଫ ଇଣ୍ଡିଆନ ଡିଫେନ୍ସ ମାନୁଫ୍ୟାକ୍ଚରର୍ସ (ଏସଆଇଡିଏମ) ଦ୍ୱାରା ସ୍ୱଦେଶୀ ପ୍ରପଲ୍‌ସନ ସିଷ୍ଟମ, ରଗ୍‌ଡ ଏୟାରଫ୍ରେମ ଓ ସେଲ୍ଫ-ଫ୍ଲାଇଙ୍ଗ ଟେକ୍ନୋଲୋଜିଗୁଡିକ ଅନ୍‌ମ୍ୟାନ୍‌ଡ ଏରିଏଲ ସିଷ୍ଟମ (ୟୁଏଏସ)ଗୁଡିକର ପରିଭାଷାକୁ ସମ୍ପ୍ରସାରିତ କରିଛି । ଏରୋସ୍ପେଶ ଓ ପ୍ରତିରକ୍ଷା ନିର୍ମାଣ କ୍ଷେତ୍ରରେ କମ୍ପାନୀର ଉଦ୍ଭାବନଗୁଡିକ ଡିଜାଇନ ସଠିକତାକୁ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତା ସହ ଏକତ୍ରିତ କରିଥାଏ ଯାହା ପ୍ରତିରକ୍ଷା ବାହିନୀର ଉଭୟ ପରିବହନ ଓ ରଣନୈତିକ ଆବଶ୍ୟକତାକୁ ପୂରଣ କରୁଥିବା ସମାଧାନ ସୃଷ୍ଟି କରିଥାଏ। ଡିଆରଡିଓର ପୂର୍ବତନ ଅଧ୍ୟକ୍ଷ ଓ ରକ୍ଷାମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା, ଡ ସତିଶ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏହି ଆୱାର୍ଡର ଜୁରୀଙ୍କ ମଧ୍ୟରେ ଡ. ପ୍ରହ୍ଲାଦ ରାମାରାଓ, ଏୟାର ମାର୍ଶଲ ଅନୀଲ ଚୋପ୍ରା(ଅବସରପ୍ରାପ୍ତ), ଭାଇସ ଆଡ୍‌ମିରାଲ ଏସ.କେ.ଏନ. ଘୋରମଡେ (ଅବସରପ୍ରାପ୍ତ) ଓ ମେଜର ଜେନେରାଲ ପି.କେ. ସାଇନି (ଅବସରପ୍ରାପ୍ତ) ପ୍ରମୁଖ ସାମିଲ ଥିଲେ।

## ୬୦୦ ଛାତ୍ରୀଛାତ୍ରଙ୍କୁ ଶୈକ୍ଷିକ ସମ୍ବଳ ପ୍ରଦାନ

### ବେଦାନ୍ତର ପ୍ରୋଜେକ୍ଟ ବିଦ୍ୟା



ଭୁବନେଶ୍ୱର,୩।୧୧ ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ଗ୍ରାମୀଣ ଓଡ଼ିଶାରେ ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୋଜେକ୍ଟ ବିଦ୍ୟା ଜାରି ରଖିଛି। ଏହି ପ୍ରୟାସର ଏକ ଅଂଶ ଭାବରେ କମ୍ପାନୀ ଝାରସୁଗୁଡ଼ାର ଲଖନପୁର ବ୍ଲକର ସରକାରୀ ସ୍କୁଲଗୁଡ଼ିକରେ ୯ମ ଏବଂ ୧୦ମ ଶ୍ରେଣୀର ୬୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ (ଓଷ୍ଟା) ଦ୍ୱାରା ପ୍ରକାଶିତ ସନ୍ଦର୍ଭ ପୁସ୍ତକ ବଣ୍ଟନ କରି ଶୈକ୍ଷିକ ସହାୟତା ପ୍ରଦାନ କରିଛି। ଏହି ସନ୍ଦର୍ଭ ମାର୍ଗଦର୍ଶିକା, ଯେଉଁଥିରେ ବ୍ୟକ୍ତିଗତ ଏବଂ ବସ୍ତୁଗତ ଉଭୟ ସାମଗ୍ରୀ ଅନ୍ତର୍ଭୁକ୍ତ, ଛାତ୍ରୀଛାତ୍ରମାନଙ୍କର ଧାରଣାଗତ ବୁଝାମଣାକୁ ସୁଦୃଢ଼ କରିବା ଏବଂ ସେମାନଙ୍କର ସମସ୍ୟା ସମାଧାନ ଦକ୍ଷତା ବୃଦ୍ଧି କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଆଗାମୀ ବୋର୍ଡ ପରୀକ୍ଷା ପାଇଁ ପ୍ରଭାବଶାଳୀ ଭାବରେ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଏହି ପଦକ୍ଷେପ ବଞ୍ଜାରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟ, ପିପଲିମାଲ ଉଚ୍ଚ ବିଦ୍ୟାଳୟ, ଖୈରକୁନି ଉଚ୍ଚ ବିଦ୍ୟାଳୟ, କୁରାଲୋଇ ଏବଂ ଲୁଆବାହାଲ ଉଚ୍ଚ ବିଦ୍ୟାଳୟ, ୟୁଜିଏଚ୍‌ଏସ୍ ଝାରପାଲମ ଏବଂ ସରକାରୀ ୟୁଜିଏଚ୍‌ଏସ୍ ଛତାବର ଛାତ୍ରୀଛାତ୍ରମାନେ ଏହା ଦ୍ୱାରା ଉପକୃତ ହେବେ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଶିକ୍ଷା ହେଉଛି ପ୍ରଗତି ପାଇଁ ମୂଳଦୁଆ, କାରଣ ଏହା ବ୍ୟକ୍ତିବିଶେଷଙ୍କୁ ଚିନ୍ତା କରିବା, ନବସୃଜନ କରିବା ଏବଂ ସେମାନଙ୍କର ଭବିଷ୍ୟତ ଗଠନ କରିବାରେ ସଶକ୍ତ କରିଥାଏ। ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଠିକ୍ ଶିକ୍ଷଣ ଉପକରଣ ପ୍ରଦାନ ଦ୍ୱାରା ସେମାନଙ୍କ ଭବିଷ୍ୟତ ପାଇଁ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବାରେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି। ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ କହିଛନ୍ତି, ପ୍ରୋଜେକ୍ଟ ବିଦ୍ୟା ଅଧୀନରେ ବେଦାନ୍ତ ଆଲୁମିନିୟମର ପଦକ୍ଷେପ ଗ୍ରାମୀଣ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଗତ ଭାବରେ ଉତ୍କର୍ଷ ହାସଲ କରିବାରେ ଯଥେଷ୍ଟ ସକ୍ଷମ କରିବ। ଏହି ସନ୍ଦର୍ଭ ପୁସ୍ତକଗୁଡ଼ିକ ବୋର୍ଡ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତିକୁ ଉନ୍ନତ କରିବାରେ ଏବଂ ସେମାନଙ୍କର ଶୈକ୍ଷିକ ଆତ୍ମବିଶ୍ୱାସକୁ ବୃଦ୍ଧି କରିବାରେ ସହାୟକ ହେବ।

## ମାସକରେ ୨୭.୨୮ ଲକ୍ଷ କୋଟିର ୟୁପିଆଇ କାରବାର

ଭୁବନେଶ୍ୱର,୩।୧୧

ଭାରତରେ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) କାରବାର ଲୋକପ୍ରିୟ ହେବାରେ ଲାଗିଛି। ନ୍ୟାଶନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ)ର ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ୟୁପିଆଇ ମାଧ୍ୟମରେ ୨୦୨୫ ଅକ୍ଟୋବର ଏବେ ପର୍ଯ୍ୟନ୍ତର ସର୍ବାଧିକ କାରବାର ହୋଇଛି। ଏନପିସିଆଇ ଅନୁଯାୟୀ, ଏହି ମାସରେ ମୋଟ ୨୦.୭ ବିଲିୟନ କାରବାର ହୋଇଛି, ଯାହାର ମୋଟ ମୂଲ୍ୟ ୨୭.୨୮ ଲକ୍ଷ କୋଟି ଟଙ୍କା। ଏହା ମୂଲ୍ୟ ଆଧାରରେ ଏବେ ସୁଦ୍ଧା ସର୍ବୋଚ୍ଚ କାରବାର। ୨୦୨୫ ମେରେ ୨୫.୧୪ ଲକ୍ଷ କୋଟି ଟଙ୍କାର ୟୁପିଆଇ କାରବାର ରେକର୍ଡ ହୋଇଥିଲା। ତାହାର ୨ ମାସ ପରେ ଅଗଷ୍ଟରେ ପ୍ରାୟ ୨୦ ବିଲିୟନ କାରବାର କରାଯାଇଥିଲା। ୨୦୨୪ ଅକ୍ଟୋବର ତୁଳନାରେ ଚଳିତବର୍ଷର କାରବାର ମୂଲ୍ୟ ୧୬% ବୃଦ୍ଧି ପାଇଛି। ସେହପରି ୨୦୨୫ ସେପ୍ଟେମ୍ବର ତୁଳନାରେ ୯.୫%ର ବୃଦ୍ଧି ରେକର୍ଡ ହୋଇଛି। ପାର୍ବଣ ସମୟରେ ଅନଲାଇନ କାରବାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ସ୍ୱାଇସ ମନିର ସିଇଓ ଦିଲୀପ ମୋଦୀ କହିଛନ୍ତି, ଡିଜିଟାଲ ପେମେଣ୍ଟ ଏବେ ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସମସ୍ତେ ଗ୍ରହଣ କରୁଛନ୍ତି। ଭାରତରେ ଡିଜିଟାଲ ୟୁପିଆଇର ଅଂଶ ୮୫% ରହିଥିବାବେଳେ ବିଶ୍ୱବ୍ୟାପୀ ରିୟଲ-ଟାଇମ ଡିଜିଟାଲ ପେମେଣ୍ଟର ଅଂଶ ପ୍ରାୟ ୫୦% ରହିଛି। ବର୍ତ୍ତମାନ ୟୁଏଇ, ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଓ ମରିଶସ ଆଦି ୭ଟି ଦେଶରେ ୟୁପିଆଇ ପ୍ରଚଳିତ ରହିଛି।

## ଓପିଜିସି ପାଳିଲା ସତର୍କତା ସଚେତନତା ସପ୍ତାହ



ଭୁବନେଶ୍ୱର,୩।୧୧(ଅନୁରାଧା ମହାରଣା)

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଟ ଲିମିଟେଡ (ଓପିଜିସି) ଭୁବନେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟ ଏବଂ ଝାରସୁଗୁଡ଼ା ସ୍ଥିତ ଆଇବି ଥର୍ମାଲ ପାୱାର ଷ୍ଟେଶନ ସମେତ ଏହାର ସମସ୍ତ ସ୍ଥାନରେ ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳନ କରିଛି। 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁକୁ ନେଇ ସପ୍ତାହବ୍ୟାପୀ କୁଇଜ୍, ସ୍ଲୋଗାନ୍, ଭାଷଣ, କଳା ଏବଂ ରଙ୍ଗୋଲି ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହା କର୍ମଚାରୀମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହୋଇଥିଲା। ଓପିଜିସିର ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ ଭୁବନେଶ୍ୱର କର୍ପୋରେଟ କାର୍ଯ୍ୟାଳୟରେ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏବଂ ନିର୍ଦ୍ଦେଶକ (ଅପରେଶନ) ଏ. ଆର୍. ଦାଶ ଏବଂ ସିନିୟର ଭିପି (ଅପରେଶନ) ସୁକାନ୍ତ ମହାପାତ୍ର ଲେଡିଜ କ୍ଲବର ସଭାପତି ଏବଂ ଓପିଜିସିର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆଇବି ଥର୍ମାଲ ପାୱାର ଷ୍ଟେଶନରେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲେଡିଜ କ୍ଲବର ସଦସ୍ୟ ଏବଂ ଆଇବି ଥର୍ମାଲ ପାୱାର ଷ୍ଟେଶନରେ ଅବସ୍ଥିତ ଡିଏଭି ହାଇସ୍କୁଲ ଓ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ବିପୁଳ ପରିମାଣରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରର କର୍ପୋରେଟ ମୁଖ୍ୟାଳୟରେ 'ସାର୍ବଜନୀନ କ୍ରୟରେ ଦକ୍ଷତା ଏବଂ ସ୍ୱଚ୍ଛତା ବୃଦ୍ଧି' ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ପୂର୍ବତଟ ରେଳପଥର ପ୍ରମୁଖ ସାମଗ୍ରୀ ପରିଚାଳକ ପ୍ରେମ ନାରାୟଣ ଅତିଥି ବକ୍ତା ଭାବରେ ଯୋଗ ଦେଇଥିଲେ ।

## କୋଲ ଇଣ୍ଡିଆର ୫୧ ତମ ସ୍ଥାପନା ଦିବସ




ଭୁବନେଶ୍ୱର,୩।୧୧

ରାଞ୍ଚିସ୍ଥିତ ସିଏମପିଡିଆଇ ମୁଖ୍ୟାଳୟରେ କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ)ର ୫୧ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ସିଏମପିଡିଆଇର ନିର୍ଦ୍ଦେଶକ (ଟେକ୍ନିକାଲ/ସିଆରଡି) ଶଙ୍କର ନାଗାଚାରୀ ସିଆଇଏଲ ଧ୍ୱଜା ଉତ୍ତୋଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ (ଟେକ୍ନିକାଲ/ପିଆଣ୍ଡଡି/ଆର୍ଡିଆଣ୍ଡଟି) ଅଜୟ କୁମାର, ନିର୍ଦ୍ଦେଶକ (ଟେକ୍ନିକାଲ) ରାଜୀବ କୁମାର ସିଂହା, ନିର୍ଦ୍ଦେଶକ (ଟେକ୍ନିକାଲ) ନୃପେନ୍ଦ୍ର ନାଥ, କ୍ଷେତ୍ରୀୟ ସଂସ୍ଥାନ-୩-ରାଞ୍ଚିର କ୍ଷେତ୍ରୀୟ ନିର୍ଦ୍ଦେଶକ କାଞ୍ଚନ ସିଂହା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନାଗାଚାରୀ କହିଥିଲେ ଯେ, ଏହି ବର୍ଷ ଝାଡ଼ଖଣ୍ଡରେ ଗୋଟିଏ ବେସ ମେଟାଲ ବ୍ଲକ ଓ ଗୋଟିଏ ବକ୍ସାଇଟ ବ୍ଲକରେ ଅନୁସନ୍ଧାନ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି। ଏହା ସହିତ ଝାଡ଼ଖଣ୍ଡର ଗୋଟିଏ ବ୍ଲକରେ ମ୍ୟାଗ୍ନେଟାଇଟ ଓ ମଧ୍ୟପ୍ରଦେଶର ଗୋଟିଏ ବ୍ଲକ୍ରେ କପର୍ ଓ ଗ୍ରାଫାଇଟ୍ର ଅନୁସନ୍ଧାନ କାର୍ଯ୍ୟ ପ୍ରଗତିରେ ରହିଛି। ସିଆଇଏଲ ସ୍ତରରେ ସିଏମପିଡିଆଇ ୬ଟି ପୁରସ୍କାର ଜିତିଛି। କର୍ପୋରେଟ ପୁରସ୍କାର ବର୍ଗରେ କ୍ଷେତ୍ରୀୟ ସଂସ୍ଥାନ-୫-ବିଳାସପୁର ଅଧୀନସ୍ଥ କୁସମୁଣ୍ଡା କ୍ୟାମ୍ପକୁ ସର୍ବୋତ୍ତମ ଡ୍ରିଲିଂ କ୍ୟାମ୍ପ ପୁରସ୍କାର ଓ କ୍ଷେତ୍ରୀୟ ସଂସ୍ଥାନ-୪, ସିଏମପିଡିଆଇର ନାଗପୁର କଲୋନୀ କ୍ୟାମ୍ପସକୁ କର୍ମଚାରୀ କଲ୍ୟାଣ ଓ ସ୍ୱଚ୍ଛ କଲୋନୀ ବର୍ଗରେ ପ୍ରଥମ ପୁରସ୍କାର ମିଳିଛି। ବ୍ୟକ୍ତିଗତ ତଥା ଗ୍ରୁପ ପୁରସ୍କାର ବର୍ଗରେ କ୍ଷେତ୍ରୀୟ ସଂସ୍ଥାନ-୫, ବିଳାସପୁରର କ୍ଷେତ୍ରୀୟ ନିର୍ଦ୍ଦେଶକ ମନୋଜ କୁମାରଙ୍କୁ 'ସିଏମପିଡିଆଇର ସର୍ବୋତ୍ତମ କ୍ଷେତ୍ରୀୟ ନିର୍ଦ୍ଦେଶକ', ମୁଖ୍ୟାଳୟ-ରାଞ୍ଚିର ମହାପ୍ରବନ୍ଧକ (ପରିବେଶ) ବିନୋଦ କୁମାର ପାଣ୍ଡେଙ୍କୁ 'ସିଏମପିଡିଆଇର ସର୍ବୋତ୍ତମ ବିଭାଗାଧ୍ୟକ୍ଷ', ସିଏମପିଡିଆଇ ମୁଖ୍ୟାଳୟର ମହାପ୍ରବନ୍ଧକ ରଣଦୀପ ସିଂହଙ୍କୁ 'ବ୍ୟକ୍ତିଗତ ଉତ୍କର୍ଷତା ପୁରସ୍କାର' ଓ ପ୍ରତିଷ୍ଠିତ ଏନ. କୁମାର ଇନୋଭେସନ ପୁରସ୍କାର ମୁଖ୍ୟାଳୟ-ରାଞ୍ଚିର ମହାପ୍ରବନ୍ଧକ (ଖନନ/ବ୍ଲାଷ୍ଟିଂ) ଡା. କୁଣାଲ ଦାସଙ୍କୁ ମିଳିଛି।


# Classified Everyday

0674-2580101, 9692975378



REAL ESTATE
SALE

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2473

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ N.H.-16 ପାଖରେ Litigation free 30ft. Road, ଇଲେକ୍ଟ୍ରି, Possession ଥାଇ ଉପଲବ୍ଧ। 6372526344. D-04

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07

Own GHARABARI Residential plot 3100sqft. with compound wall & electricity at Brahmanjharilo, 7 km. from Phulanakhara Cuttack & 12 km. from Bhubaneswar Toal Rs.41 lakhs (Including Registration charges) 7809525452. D-208




Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944




The massage felt totally professional & comfortable at all times- 7978109255. D-205

AFFIDAVIT

ମୁଁ, ମୋନାଲିସା ସ୍ୱାଇଁ, ପ୍ରସନ୍ନ କୁମାର ସ୍ୱାଇଁଙ୍କ ଝିଅ ଏବଂ AT/P.O.- ଗଙ୍ଗାପଡ଼ା, ପିଏସ୍- ଜଟଣୀ, ଭାୟା- ଜାଆଁଳା, ଜିଲ୍ଲା-ଖୋର୍ଦ୍ଧାରେ ରହୁଛି, ମୋର ନାମ ମୋନାଲିସ ସ୍ୱାଇଁରୁ ମୋନାଲିସା ସ୍ୱାଇଁକୁ ପରିବର୍ତ୍ତନ କରିଦେଇଛି। ଧ-୨୪୭୨

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar Dated- 29.04.2025, I, Ashanti Pal, Resident of At- Hi-Tech Plaza, Block- B-7, Top-4 Room No-5/2, Sundarpada, Bhuabaneswar, Dist.- Khordha declare that I have changed my name from Ashanti Pradhan to Ashanti Pal. Henceforth, I shall be known as Ashanti Pal all purposes. D-207

By virtue of an affidavit sworn before the Executive Magistrate, Kujanga, vide No.3302 dated- 04.10.2025, I, Ahalya Kumari Jena, D/o.- Bhagirathi Jena, W/o.- Late Bipin Bihari Swain, of Vill./P.O.- Mundilo, P.S./Dist.- Jagatsingpur, Odisha state that in my Aadhaar my name has been recorded as Ahalya Swain. Hence Ahalya Kumari Jena and Ahalya Swain is one and same person. D-2471

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Ram Chandra Das S/o.- Late Mohini Mohan Das, Resident of At- 468, P Panda Lane, Chunavati. Gopalgaon, PO- Balasore, PS-Town Police Station, Dist.- Balasore, Odisha, PIN-751001, declare by this affidavit No.- IN-OD30540810649689X dtd 17.09.2025 that now onwards I shall be known as RAMA CHANDRA DAS for all future purposes. D-2470


### ଅଧ୍ୟାପିକାଙ୍କ ପିଏଚ୍. ଡି. ଲାଭ



ରାଉରକେଲା ନାଲକୋ ମହାବିଦ୍ୟାଳୟର ପ୍ରାକ୍ତନ ତଥା ବର୍ତ୍ତମାନ କଟକସ୍ଥିତ ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜର ସମାଜ ବିଜ୍ଞାନ ବିଭାଗରେ କାର୍ଯ୍ୟରତା ଅଧ୍ୟାପିକା **ତୃପ୍ତିରେଖା ପାତ୍ର** ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମାଜ ବିଜ୍ଞାନ କ୍ଷେତ୍ରରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ତତ୍ତ୍ୱମାସୀ ପାଲଟାସିଂହଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାଣ ବିଷୟ " Development Discourse and Livelihood Transitions among PVTGs: A Sociological study on Hillkharia and Mankirdia Communities of Odisha" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ତୃପ୍ତିରେଖା ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଠାକୁରମୁଣ୍ଡା ନିବାସୀ ଅଞ୍ଜନା ପାତ୍ର ଓ ବାଦଲ ପାତ୍ରଙ୍କ ସୁପୁତ୍ରୀ ତଥା ପ୍ରଫୁଲ୍ଲ କୁମାର ପାତ୍ରଙ୍କ ଝିଆରୀ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଜନାର୍ଦ୍ଦନ ବେହେରାଙ୍କ ଧର୍ମପତ୍ନୀ ଅଟନ୍ତି। ଡ. ତୃପ୍ତିରେଖା ତାଙ୍କର ଏହି ସଫଳତାର ଶ୍ରେୟ ପାଇଁ ନିଜର ମାତାପିତା,ଅଭିଭାବକ, ସ୍ୱାମୀ, ବର୍ତ୍ତମାନ ଓ ପୂର୍ବତନ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଓ କର୍ମଚାରୀ ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଧ-୨୪୭୭


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କୈଳାସ ଚନ୍ଦ୍ର ପରିଜା
ନିଶାମଣି ପ୍ୟାଲେସ୍, ବମିଖାଲ, ଭୁବନେଶ୍ୱର
ଆବିର୍ଭାବ: ୨୦।୦୫।୧୯୪୯
ତିରୋଧାନ: ୨୬।୧୦।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ: ସୁବାସ ଚନ୍ଦ୍ର, ଜ୍ୟୋତିର୍ମୟୀ, ସୁବାଶିଷ, କୁକୁମିନା, ରାଜକୁମାର, ସ୍ମୃତି, ପରିଜା ପରିବାର ଏବଂ ବନ୍ଧୁବର୍ଗ।
ଧ-୨୪୭୫

### ୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରେଣୁ ପଟ୍ଟନାୟକ
ସ୍ୱାମୀ- ବାବୁଲାଲ ପଟ୍ଟନାୟକ
ଶାସନ ପଡିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୧।୦୨।୧୯୫୫
ତିରୋଧାନ: ୨୦।୧୧।୨୦୧୦
(ବଡ଼ଓଷା, ବୈକୁଣ୍ଠ ଚତୁର୍ଦ୍ଦଶୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ
ଧ-୨୪୭୬

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ସ୍ତନ କର୍କଟ

# ଶୀଘ୍ର ଚିହ୍ନଟ, ଶୀଘ୍ର ଆରୋଗ୍ୟ



**ସାରା ବିଶ୍ୱରେ ବର୍ତ୍ତମାନ ସ୍ତନ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅତ୍ୟନ୍ତ ଦୁଃଖର ବିଷୟ, ବିଶ୍ୱରେ ମହିଳାଙ୍କ ମୃତ୍ୟୁର ଅନ୍ୟତମ ମୁଖ୍ୟ କାରଣ ହେଉଛି ଏହି ରୋଗ। ହେଲେ କୌଣସି ଲକ୍ଷଣ ଅବା ପରିବର୍ତ୍ତନ ଦେଖିବା ମାତ୍ରେ ଲାଜ କିମ୍ବା ଅବହେଳା ନ କରି ଶୀଘ୍ର ଡାକ୍ତରଙ୍କ ପରାମର୍ଶକ୍ରମେ ପରୀକ୍ଷାକରି ରୋଗ ଚିହ୍ନଟକଲେ ଏହା ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହୋଇପାରେ...**

ପ୍ରତିବର୍ଷ ବହୁ ସଂଖ୍ୟକ ମହିଳାଙ୍କୁ ପ୍ରଭାବିତ କରୁଛି ସ୍ତନ କର୍କଟ। କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଏହି ରୋଗ ସାରା ବିଶ୍ୱରେ ମହିଳାମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ କର୍କଟ ରୋଗ । ଠିକ୍ ସମୟରେ ରୋଗର ଲକ୍ଷଣକୁ ଚିହ୍ନଟକଲେ ଏହାର ଜଟିଳତାକୁ ରୋକାଯାଇପାରିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ଛୋଟ ଗଣ୍ଠି କିମ୍ବା ସ୍ତନରେ ସାମାନ୍ୟ ପରିବର୍ତ୍ତନ ଲକ୍ଷ୍ୟ ନ କରିପାରନ୍ତି, କିନ୍ତୁ ଏହା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ଯେପର୍ଯ୍ୟନ୍ତ ରୋଗ ଅତିଶୟ ହୋଇନାହିଁ ସେପର୍ଯ୍ୟନ୍ତ ଏହାକୁ ଚିହ୍ନଟ କରିହୁଏନି, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ। ବିଶ୍ୱରେ ସ୍ତନ କର୍କଟ ହେଉଛି ମହିଳାଙ୍କ ମୃତ୍ୟୁର ଅନ୍ୟତମ କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁଯାୟୀ, ବିଶ୍ୱରେ ଗତ ବର୍ଷ ୨ ଲକ୍ଷରୁ ଅଧିକ ମହିଳାଙ୍କୁ ସ୍ତନ କର୍କଟ ହୋଇଥିଲା ଏବଂ ୮୦,୦୦୦ରୁ ଅଧିକ ମହିଳା ମୃତ୍ୟୁବରଣ କରିଥିଲେ। ଚିନ୍ତାର କଥା ଏହା କି ଯେ, ଏମାନଙ୍କ ମଧ୍ୟରୁ ଅଧା ମହିଳାଙ୍କୁ ରୋଗର କାରଣ ବା ଲକ୍ଷଣ ବିଷୟରେ ଜଣା ନ ଥିଲା, କେବଳ ଜଣାଥିଲା ଯେ ସେମାନେ ମହିଳା ଏବଂ ସେମାନଙ୍କ ବୟସ ।

**ଲକ୍ଷଣ:** ସ୍ତନ କର୍କଟ କୌଣସି ଲକ୍ଷଣ ଦେଖାଯିବା ପାଇଁ ଅପେକ୍ଷା କରେନାହିଁ। ଏହା ଛୋଟ ପରିବର୍ତ୍ତନରୁ ଆରମ୍ଭ ହୋଇପାରେ। ଯେପରି ସ୍ତନର ଆକାର ବଦଳିବା, କିଛି ମାତ୍ରାରେ ସ୍ତନ ଫୁଲିବା, ଚର୍ମରେ ପରିବର୍ତ୍ତନ ଦେଖାଯିବା,




ସ୍ତନାଗ୍ରରୁ ତରଳ ପଦାର୍ଥ ବାହାରିବା କିମ୍ବା ଲଗାତର ଯନ୍ତ୍ରଣା ହେବା। ବେଳେବେଳେ କୌଣସି ଲକ୍ଷଣ ମଧ୍ୟ ଦେଖାଯାଇ ନ ଥାଏ। ତେଣୁ ସ୍ତନରେ ଦରଜ ଲାଗିବା କିମ୍ବା ଯନ୍ତ୍ରଣା ହେବା ମାତ୍ରେ ତୁରନ୍ତ ପରୀକ୍ଷାକରି ଶୀଘ୍ର ଏହାକୁ ଚିହ୍ନଟକରିବା ଆବଶ୍ୟକ। କାରଣ କର୍କଟ ରୋଗ ଶୀଘ୍ର ଚିହ୍ନଟ ହୋଇଗଲେ ସହଜରେ ଚିକିତ୍ସା, ଶୀଘ୍ର ଆରୋଗ୍ୟଲାଭ ହୋଇପାରିବ ଏବଂ ବଞ୍ଚିବାର ସମ୍ଭାବନା ମଧ୍ୟ ଅଧିକ ରହିବ।


**କାହାକୁ ହୁଏ :** ଅନେକେ ଭାବନ୍ତି ଏହି ରୋଗ ଅଧିକ ବୟସ୍କ ମହିଳାଙ୍କଠାରେ ଦେଖାଯାଏ। ହେଲେ ବର୍ତ୍ତମାନ ସ୍ତନ କର୍କଟ କେବଳ ବୟସ୍କ ମହିଳାଙ୍କ କ୍ଷେତ୍ରରେ ନୁହେଁ ୨୦ ଓ ୩୦ ବର୍ଷ ବୟସରେ ମଧ୍ୟ ଦେଖାଦେଉଛି। ଏହାର କାରଣ ମାନସିକ ଚାପ, ଅସନ୍ତୁଳିତ ଖାଦ୍ୟ, ବ୍ୟାୟାମ ଓ ଶାରୀରିକ ପରିଶ୍ରମର ଅଭାବ, ପ୍ରଦୂଷଣ ଇତ୍ୟାଦି ବୋଲି ଡାକ୍ତରମାନେ ଚିହ୍ନଟ କରିଛନ୍ତି। ଏହା କେବେ କେବେ ବଂଶଗତ ମଧ୍ୟ ହୋଇଥାଏ। ଅର୍ଥାତ୍ ପୂର୍ବରୁ ଯେଉଁ ମହିଳାଙ୍କ ପରିବାରରେ ମା, ଭଉଣୀଙ୍କ ସ୍ତନ କର୍କଟ ହୋଇଥାଏ ସେମାନଙ୍କୁ ଏହି ରୋଗ ହେବାର ଆଶଙ୍କା ବେଶି। ଭଲ ଖବର ହେଲା, ଆମ ରାଜ୍ୟରେ ଯୁବତୀମାନଙ୍କ ମଧ୍ୟରେ ଏନେଇ ସଚେତନତା ବୃଦ୍ଧି ହୋଇଛି, ବର୍ତ୍ତମାନ ସେମାନେ ସ୍ତନ ସ୍ୱାସ୍ଥ୍ୟ ବିଷୟରେ ଖୋଲାଖୋଲି କଥା ହେଉଛନ୍ତି, ସେମାନେ ସ୍ତନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଶିବିରରେ ଯୋଗଦେଉଛନ୍ତି ଓ ନିୟମିତ ରୂପେ ନିଜେ ପରୀକ୍ଷା କରିବା ଶିଖୁଛନ୍ତି। ସ୍ତନ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିହେବା କାରଣରୁ ବହୁତ ଜୀବନ ମଧ୍ୟ ବଞ୍ଚୁଛି।

**ପରୀକ୍ଷା:** ମାମୋଗ୍ରାମ୍ ହେଉଛି ସ୍ତନର ଏକ ସାଧାରଣ ଏକ୍ସ-ରେ, ଯାହା କୌଣସି ପରିବର୍ତ୍ତନ ଅନୁଭବ ହେବା ପୂର୍ବରୁ ଚିହ୍ନଟ କରିପାରିବ। ୪୦ ବର୍ଷରୁ ଅଧିକ ବୟସର ମହିଳାମାନେ ପ୍ରତିବର୍ଷ ଏହା କରିବା ଉଚିତ । ଯେଉଁ ଯୁବତୀମାନଙ୍କ କ୍ଷେତ୍ରରେ ଏହି ରୋଗ ପରିବାରଗତ ସେମାନେ ଡାକ୍ତରଙ୍କ ସହ ଆଲୋଚନାକରି ଆଗରୁ ପରୀକ୍ଷା କରାଇନେବା ଜରୁରୀ। ତା'ଛଡ଼ା ପ୍ରତି ମାସରେ ନିଜେ ପରୀକ୍ଷା କରିବା ଦ୍ୱାରା ମଧ୍ୟ ଅସାଧାରଣ ପରିବର୍ତ୍ତନ ଥିଲେ ଚିହ୍ନଟ କରିପାରିବେ। ଏହା ବ୍ୟତୀତ ଡିଜିଟାଲ ମାମୋଗ୍ରାମ, ୩ଡି ସ୍କାନ୍ ଓ ଏଆଇ ଇମେଜିଂ ପରି ନୂଆ ଟେକ୍ନୋଲୋଜି ସାହାଯ୍ୟରେ ଅତି ଶୀଘ୍ର ଓ ଠିକ୍ ଭାବେ ରୋଗ ଚିହ୍ନଟ କରିହେଉଛି। କିନ୍ତୁ ଯଦି ମହିଳାମାନେ ଭୟ, ଲଜ୍ଜା କିମ୍ବା ଅଜ୍ଞତା କାରଣରୁ ପରୀକ୍ଷାରେ ବିଳମ୍ବ କରନ୍ତି, ତେବେ କୌଣସି ମେଶିନ ତାଙ୍କୁ ସାହାଯ୍ୟ କରିପାରିବ ନାହିଁ।

ମନେରଖନ୍ତୁ, ଶୀଘ୍ର ଚିହ୍ନଟ ହେଲେ ସ୍ତନ କର୍କଟ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହୋଇପାରେ। ଲକ୍ଷଣ ଆସିଲା ପରେ ନୁହେଁ ବରଂ ଆଜିଠୁ ସଚେତନ ହେବା ଆବଶ୍ୟକ। ନିଜର ଦୈନନ୍ଦିନ ସ୍ୱାସ୍ଥ୍ୟ ପରୀକ୍ଷାରେ ସ୍କ୍ରିନିଂକୁ ସାମିଲ କରିବା ଦରକାର। ଆଜିର ଦୁନିଆରେ ସଚେତନତା କେବଳ ସଶକ୍ତୀକରଣ ନୁହେଁ, ଏହା ସୁରକ୍ଷା ମଧ୍ୟ ଦିଏ। ଏକ ଛୋଟ ପଦକ୍ଷେପ ଉପରେ ଆପଣଙ୍କ ଜୀବନ ନିର୍ଭରଶୀଳ।

**– ଡା. ସୁଜାତା କର,** ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ଭୁବନେଶ୍ୱର





## ସ୍ଲିମ୍ ପେଟ ପାଇଁ...

**ଶିଶୁ ଜନ୍ମ ପରେ ଅଧିକାଂଶ ମହିଳାଙ୍କର ପେଟରେ ଚର୍ବି ଜମିଯାଏ; ଯେଉଁଥିପାଇଁ ଫିଗର ଖରାପ ଲାଗିଥାଏ ବୋଲି ଅନେକ ମହିଳା ବ୍ୟସ୍ତ ହୋଇପଡ଼ନ୍ତି। ହେଲେ ଏଥିପାଇଁ ଆଦୌ ବ୍ୟସ୍ତ ନ ହୋଇ ପ୍ରତିଦିନ କେତୋଟି ଯୋଗ, ବ୍ୟାୟାମ କଲେ ପେଟ କମିବା ସହ ସ୍ଲିମ୍ ଫିଟ୍ ଲୁକ୍ ପାଇପାରିବେ...**

**କପାଳଭାତି:** ମ୍ୟାଟ୍ ଉପରେ ଚକାମାଡି ବସନ୍ତୁ, ଯେପରି ମେରୁଦଣ୍ଡ ଏବଂ ପିଠି ସିଧା ହୋଇ ରହିବ। ୨ହାତର ପାପୁଲିକୁ ଉପରମୁହାଁ କରି ଆଣ୍ଠୁ ଉପରେ ରଖନ୍ତୁ। ଗଭୀର ନିଃଶ୍ୱାସ ନେଇ ଏହାକୁ ଜୋରରେ ଛାଡ଼ନ୍ତୁ। ନିଃଶ୍ୱାସ ଛାଡ଼ିବା ବେଳେ ପେଟ ଏବଂ ମାଂସପେଷୀ ଯେପରି ଭିତରକୁ ଟାଣି ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପ୍ରତି ୨୦ ସେକେଣ୍ଡରେ ଥରେ ରେଷ୍ଟ ନେଇ ପୁନର୍ବାର କପାଳଭାତି କରନ୍ତୁ। ପ୍ରତିଦିନ ଏପରି କଲେ ପେଟରେ ଜମୁଥିବା ଚର୍ବି କମିଯିବା ସହ ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କମ୍ ହୋଇଥାଏ। ମନେରଖନ୍ତୁ, କପାଳଭାତି ସକାଳ ସମୟରେ ଏବଂ ଖାଲିଖାଲି ପେଟରେ କଲେ ଅଧିକ ଲାଭ ପାଇପାରିବେ।

**ପୁସ୍‌ଅପ୍:** ପ୍ରତିଦିନ ପୁସ୍‌ଅପ୍ କଲେ ନା କେବଳ ପେଟର ଚର୍ବି କମିଥାଏ ବରଂ ପେଟ, ହାତ, ଗୋଡ଼ ଆଦିର ମାଂସପେଶୀ ମଜଭୁତ ହୋଇଥାଏ। ଏଥିପାଇଁ ପ୍ରଥମେ ମ୍ୟାଟ୍‌ରେ ପେଟମାଡ଼ି ଶୋଇଯାଆନ୍ତୁ। ୨ପାପୁଲି ଏବଂ ଗୋଡ଼ର ଆଙ୍ଗୁଳି ସାହାଯ୍ୟରେ ଶରୀରକୁ ଉପରକୁ ଉଠାନ୍ତୁ। ଧୀରେ ଧୀରେ କହୁଣି ବଙ୍କାକରି ଶରୀରକୁ ତଳକୁ ଖସାନ୍ତୁ ଏବଂ ପୁଣି ଉପରକୁ ଉଠାନ୍ତୁ। ଦିନକୁ ଅତି କମ୍‌ରେ ୩୦ଥର ପୁସ୍‌ଅପ୍ କରନ୍ତୁ। ପ୍ରଥମେ ୧୫ ଥର ଏବଂ ୩୦ ସେକେଣ୍ଡ ରିଲାକ୍ସ କରିବା ପରେ ପୁଣି ୧୫ଥର କରନ୍ତୁ।

**ମାଉଣ୍ଟେନ କ୍ଲାଇମ୍ବର:** ଏଥିରେ ମଧ୍ୟ ପ୍ରଥମେ ମ୍ୟାଟ୍‌ରେ ପେଟ ମୋଡ଼ି ଶୋଇଯାନ୍ତୁ। ୨ ପାପୁଲି ଏବଂ ଗୋଡ଼ର ଆଙ୍ଗୁଳି ସାହାଯ୍ୟରେ ଶରୀରକୁ ଉପରକୁ ଉଠାନ୍ତୁ। ମନେରଖନ୍ତୁ କହୁଣି ଯେପରି ସମ୍ପୂର୍ଣ୍ଣ ସିଧା ରୁହେ । ଗୋଟିଏ ଗୋଡ଼ର ଆଣ୍ଠୁକୁ ଛାତି ପର୍ଯ୍ୟନ୍ତ ଆଣି ପୁଣି ପଛକୁ ନିଅନ୍ତୁ। ଅନ୍ୟ ଗୋଡ଼ର ଆଣ୍ଠୁକୁ ସେହିଭଳି ଛାତି ପର୍ଯ୍ୟନ୍ତ ଆଣି ପଛକୁ ନିଅନ୍ତୁ ଯେପରି ଆପଣ ପାହାଡ଼ ଚଢୁଛନ୍ତି। ଏହିପରି ୩୦ ଥର କରନ୍ତୁ।



## ଶୀଘ୍ର ଖରାପ ହେବନାହିଁ ୱାଶିଂମେଶିନ

**ୱାଶିଂମେଶିନ ବର୍ତ୍ତମାନ ଗୃହିଣୀମାନଙ୍କ ପାଇଁ ଏକ ବଡ଼ ସାଥୀ ପାଲଟିଛି। କପଡ଼ା ଧୋଇବାଠୁ ଶୁଖାଇବା ପର୍ଯ୍ୟନ୍ତ ସବୁ କାମ ଏହାଦ୍ୱାରା ସହଜରେ ହୋଇପାରୁଛି। ହେଲେ କେବେ କେବେ ଏହା ଶୀଘ୍ର ଖରାପ ହୋଇଯାଉଥିବା ଦେଖିବାକୁ ମିଳୁଛି। ତେଣୁ କେଉଁସବୁ ଦିଗ ପ୍ରତି ଧ୍ୟାନଦେଲେ ଦୀର୍ଘଦିନ ପର୍ଯ୍ୟନ୍ତ ଏହା ଖରାପ ହେବନାହିଁ ଜାଣିରଖନ୍ତୁ ସେ ସମ୍ପର୍କରେ...**

– ଅନେକେ ଷ୍ଟୋନ୍‌ୱାର୍କ, ମାଳି, ମିରର କିମ୍ବା ହେଭି ବର୍ଡର ୱାର୍କ ଥିବା ଶାଢ଼ି କିମ୍ବା ଡ୍ରେସ୍‌କୁ ୱାଶିଂମେଶିନରେ ସଫା କରନ୍ତି। ଏହାଦ୍ୱାରା ଉଭୟ ପୋଷାକ ସହ ମେଶିନ ଖରାପ ହୋଇଥାଏ। ତେଣୁ ଏଭଳି କପଡ଼ାକୁ ହାତରେ ସଫା କରନ୍ତୁ।

– ୱାଶିଂମେଶିନରେ ଏକାସଙ୍ଗେ ବହୁ କପଡ଼ା କିମ୍ବା ଅଧିକ ଡିଟରଜେଣ୍ଟ ପାଉଡର ପକାନ୍ତୁ ନାହିଁ। କାରଣ ଯାହାଦ୍ୱାରା ମେଶିନ ବି ଖରାପ ହୋଇଥାଏ। ତେଣୁ ମେଶିନର କାପାସିଟି ଅନୁଯାୟୀ କପଡ଼ା ପକାନ୍ତୁ ଏବଂ ଆବଶ୍ୟକ ମାତ୍ରାରେ ଡିଟରଜେଣ୍ଟ ପକାନ୍ତୁ।

– ଜିନ୍ସ, ଜ୍ୟାକେଟ୍ ବା ଅନ୍ୟ ଜିପ୍ ଥିବା କପଡ଼ା ଧୋଇବା ସମୟରେ ଏହାର ଜିପ୍ ଖୋଲା ରଖନ୍ତୁ ନାହିଁ। କାରଣ ଏହାର ଜିପ୍ ଘଷିହୋଇ ଭାଙ୍ଗିଯିବ ନଚେତ୍ ଏହା ଲାଗି ଅନ୍ୟ



କପଡ଼ା ଫାଟି ମଧ୍ୟ ଯାଇପାରେ। ଏହା ମେଶିନକୁ ବି ଖରାପ କରିଦେଇପାରେ।

– ୱାଶିଂମେଶିନରେ ଜୋତା, ଡୋର୍‌ମ୍ୟାଟ୍ ଭଳି ଜିନିଷ ସଫାକଲେ ମେଶିନ ଶୀଘ୍ର ଖରାପ ହୋଇପାରେ। କେବଳ ଏତିକି ନୁହେଁ, ଏହାଦ୍ୱାରା ରୋଗଜୀବାଣୁ ମଧ୍ୟ ମେଶିନ ଭିତରେ ରହିଯିବା ସହ ପରବର୍ତ୍ତୀ ସମୟରେ ଅନ୍ୟ ପୋଷାକକୁ ସଂକ୍ରମିତ ହୋଇପାରେ।

– କୌଣସି ପୋଷାକରୁ ରଙ୍ଗ ବାହାରୁଥିଲେ ଏହାକୁ ମେଶିନରେ ଧୁଅନ୍ତୁ ନାହିଁ। ନଚେତ୍ ଏଥିରୁ ରଙ୍ଗ ଛାଡ଼ି ମେଶିନରେ ପଡ଼ିଥିବା ଅନ୍ୟ କପଡ଼ାର ରଙ୍ଗକୁ ଖରାପ କରିଦେବ।

## କଶ୍ମୀରୀ ଦମ୍ ଆଲୁ

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ:** ୧୨ଟି ଛୋଟ ଆଳୁ, ଅଧା କପ୍ ଦହି(ଖଟା ହୋଇ ନ ଥିବ), କଶ୍ମୀରୀ ଲାଲ୍ ମିର୍ଚି ପାଉଡର ୧ ଚାମଚ, ୧ ଚାମଚ ଅଦା ଛେଚା, ଅଧା ଚାମଚ ସୁଣ୍ଠି ପାଉଡର, ୧ ଚାମଚ ରସୁଣ ପେଷ୍ଟ, ୧ ବଡ ଚାମଚ କାଜୁ ପାଉଡର, ୧/୩ ଚାମଚ ଲେଖାଏ ଜିରା ପାଉଡର, ପାନମଧୁରୀ ପାଉଡର ଏବଂ ଗୁଜୁରାତି ଗୁଣ୍ଡ, ୧ ଚାମଚ ଧନିଆ ପାଉଡର, ଅଧା ଚାମଚ କଶ୍ମୀରୀ ଲଙ୍କା ପାଉଡର, ୧ଟି ତେଜପତ୍ର, ୧/୪ ଚାମଚ ହଳଦୀ ଗୁଣ୍ଡ, ଚିମୁଟାଏ ହେଙ୍ଗୁ, ୧/୨ ଚାମଚ ଗରମ ମସଲା, ୨ ଚାମଚ କଟା ଧନିଆପତ୍ର, ତେଲ, ସ୍ୱାଦାନୁସାରେ ଲୁଣ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁରୁ ଚୋପା ଛଡ଼ାଇ ସେଥିରେ ଟୁଥ୍ ପ୍ରିକ୍ କିମ୍ବା ଫୋର୍କ ସାହାଯ୍ୟରେ କଣା କରିଦିଅନ୍ତୁ। ଏକ ପାତ୍ରରେ ଲୁଣପାଣି ନେଇ ଆଳୁଗୁଡ଼ିକୁ ୧୫-୨୦ମିନିଟ୍ ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଏକ କଡ଼େଇରେ ତେଲ ଗରମ କରନ୍ତୁ। ଆଳୁକୁ ଛାଣି ଏକ କପଡ଼ାରେ ପୋଛି ଦିଅନ୍ତୁ ଏବଂ ତେଲରେ ପକାନ୍ତୁ। ମଧ୍ୟମ ଆଞ୍ଚରେ ଅଳ୍ପ ବ୍ରାଉନ୍ କଲର ହେବାଯାଏ ରଖି ଛାଣିଦିଅନ୍ତୁ। ଏକ ଗିନାରେ ଦହି ନିଅନ୍ତୁ ଏବଂ ସେଥିରେ ସମସ୍ତ ମସଲା ପାଉଡର ଏବଂ ଅଦା ଓ ରସୁଣ ପେଷ୍ଟ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। କଡ଼େଇରେ ୪ ଚାମଚ ତେଲ ନିଅନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ତେଜପତ୍ରକୁ ୩-୪ ଖଣ୍ଡ କରି ପକାନ୍ତୁ ଏବଂ ଅଳ୍ପ ସମୟ ପାଇଁ ଭାଜନ୍ତୁ। ସେଥିରେ ୧/୩ କପ୍ ପାଣି ଏବଂ ହଳଦୀଗୁଣ୍ଡ ପକାନ୍ତୁ। ପାଣି ଫୁଟିବା ଆରମ୍ଭ ହେଲେ ସେଥିରେ ଦହିର ମିଶ୍ରଣକୁ ପକାଇ ଭଲ ଭାବେ ଗୋଳାନ୍ତୁ। ଏହା ଫୁଟିବା ମାତ୍ରେ ସେଥିରେ ଛଣାଯାଇଥିବା ଆଳୁ, ସ୍ୱାଦାନୁସାରେ ଲୁଣ ଏବଂ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ। ମଧ୍ୟମ ଆଞ୍ଚରେ ଏହାକୁ ସିଝିବାକୁ ଛାଡ଼ିଦିଅନ୍ତୁ। ଯେବେ ଆଳୁ ଭଲ ଭାବେ ସିଝିଯିବ ଏବଂ ତରକାରି ଉପରେ ଅଳ୍ପ ଅଳ୍ପ ତେଲ ଦେଖିବାକୁ ମିଳିବ ଚୁଲା ବନ୍ଦ କରିଦିଅନ୍ତୁ। ଏହା ଉପରେ କଟା ଧନିଆପତ୍ର ପକାଇ ଗରମ ଗରମ ପରଷିଦିଅନ୍ତୁ।

ସୌନ୍ଦର୍ଯ୍ୟ

## ଲମ୍ବା ଓ ମଜଭୁତ ହେବ କେଶ

**ବର୍ତ୍ତମାନ କେଶ ଝଡ଼ିବା ଓ ପତଳା ହୋଇଯିବା ଅଧିକାଂଶ ମହିଳାଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ହେଲେ କେତୋଟି ଘରୋଇ ଉପଚାର ଦ୍ୱାରା ଆପଣ କେଶକୁ ଘନ, ଲମ୍ବା ଏବଂ ମଜଭୁତ କରିପାରିବେ। ଜାଣିରଖନ୍ତୁ ସେ ସମ୍ପର୍କରେ ...**

❖ ଅନେକେ ସୁନ୍ଦର ଦେଖାଯିବା ଲାଗି କେଶରେ ଆଦୌ ତେଲ ଲଗାଇ ନ ଥାନ୍ତି, ଯାହାକି କେଶ ଝଡ଼ିବାର ଅନ୍ୟ ଏକ ମୁଖ୍ୟ କାରଣ। ତେଣୁ କେଶରେ ସପ୍ତାହରେ ଅତି କମ୍‌ରେ ଥରେ କିମ୍ବା ଦୁଇଥର ତେଲ ନିଶ୍ଚୟ ଲଗାନ୍ତୁ। କେଶ ପାଇଁ ନଡ଼ିଆତେଲ ବହୁତ ଭଲ। ନଡ଼ିଆତେଲ ନେଇ ନଖଉଷୁମକରି କେଶମୂଳରୁ ଆଗ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଆଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ୫-୧୦ ମିନିଟ୍ ମସାଜ କରନ୍ତୁ।



ଏହା ମୁଣ୍ଡରେ ବ୍ଲଡ୍ ସର୍କୁଲେଶନ ଠିକ୍ ଭାବେ କରିବାରେ ସାହାଯ୍ୟ କରିବ ଏବଂ କେଶ ଝଡ଼ିବା କମିଯିବ। ଅଁଳାତେଲ ମଧ୍ୟ କେଶ ପାଇଁ ଖୁବ୍ ଭଲ।

❖ ୨ ଚାମଚ ସଜନାପତ୍ର ଗୁଣ୍ଡରେ ଦେଢ଼ ଚାମଚ ଅନୁପାତରେ ନଡ଼ିଆତେଲ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଆପଣ ଚାହିଁଲେ ସମପରିମାଣର ସଜନାପତ୍ର ଗୁଣ୍ଡ ଏବଂ ଦହିକୁ ମିଶାଇ ମଧ୍ୟ ପ୍ୟାକ୍ ପ୍ରସ୍ତୁତ କରିପାରିବେ। ଏହାକୁ କେଶ ମୂଳରୁ ଆଗ ପର୍ଯ୍ୟନ୍ତ ଭଲ ଭାବେ ଲଗାନ୍ତୁ। ୧-୨ ଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ବ୍ୟବହାରକରି କେଶକୁ ଧୋଇଦିଅନ୍ତୁ। ୧୫ ଦିନରେ ଥରେ ଏହି ପ୍ୟାକ୍ ଲଗାଇଲେ କେଶ ମଜଭୁତ ହୋଇଥାଏ।

❖ ପିଆଜରସ ମଧ୍ୟ କେଶ ପାଇଁ ବହୁ ଉପକାରୀ। ପିଆଜକୁ ବାଟି ଏହାର ରସ ବାହାର କରନ୍ତୁ। ତୁଳା ସାହାଯ୍ୟରେ କେଶ ମୂଳରୁ ଆଗ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଅଧ ଘଣ୍ଟା ରଖନ୍ତୁ। ଏହାପରେ ମାଇଲ୍ଡ ଶାମ୍ପୁ ଲଗାଇ କେଶକୁ ଧୋଇଦିଅନ୍ତୁ। ସପ୍ତାହରେ ୨-୩ ଥର ଏହାକୁ ବ୍ୟବହାରକଲେ କେଶ ମଜଭୁତ ଏବଂ ଲମ୍ବା ହୋଇଯିବ।

❖ ଗୋଟିଏ ଅଣ୍ଡାର ଧଳା ଅଂଶ ସହ ୨ ଚାମଚ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ କେଶରେ ଭଲ ଭାବେ ଲଗାଇ ୪୫ ମିନିଟ୍ ରଖିବା ପରେ ମାଲ୍ଡ ଶାମ୍ପୁ ଲଗାଇ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ ଏହି ମାସ୍କ ଲଗାଇଲେ କେବଳ କେଶ ମଜଭୁତ ହେବ ନାହିଁ ବରଂ ଏହା ସିଲ୍କି ଏବଂ ସାଇନିଂ ମଧ୍ୟ ଦେଖାଯିବ।

❖ ସର୍ବୋପରି ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଅଣ୍ଡା, ମାଛ ଏବଂ ବିନ୍ସ ଭଳି ପ୍ରୋଟିନ୍‌ଯୁକ୍ତ ଖାଦ୍ୟକୁ ସାମିଲ କରନ୍ତୁ। ସବୁବେଳେ କେଶ ଖୋଲା ନ ରଖି ବାହାରକୁ ଯାଉଥିଲେ ଖରା, ପବନ ଏବଂ ଧୂଳିରୁ ରକ୍ଷା ପାଇବା ଲାଗି କେଶ ବାନ୍ଧିଦିଅନ୍ତୁ ଏବଂ ଯଥା ସମ୍ଭବ ଘୋଡ଼ାଇ ରଖନ୍ତୁ। କେମିକାଲଯୁକ୍ତ ଶାମ୍ପୁ, କଲର ଆଦି ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।




# ଉଜ୍ଜୀବିତ ହେଲା ୧୯୮୩ ବିଶ୍ୱକପ୍ ବିଜୟର ସ୍ମୃତି

**ନଭି ମୁମ୍ବାଇ, ୩।୧୧ (ପି.ଟି.)**

ରବିବାର ଡିୱାଇ ପାଟିଲ ଷ୍ଟାଡିୟମରେ ମେଘୁଆ ସନ୍ଧ୍ୟାରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ପରାସ୍ତ କରି ଭାରତ ବିଶ୍ୱକପ୍ ଟାଇଟଲ ହାସଲ କରିଛି। ଏହା ଦ୍ୱାରା ଦଳ ଦୀର୍ଘଦିନର ବାଧାକୁ ଭାଙ୍ଗି ୧୯୮୩ର ମୁହୂର୍ତ୍ତ ସୃଷ୍ଟି କରିଥିଲା। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବିଶ୍ୱକପ ବିଜୟୀ ହେବାପରେ ଭାରତରେ କ୍ରିକେଟରେ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା। ଏଥର ଅନେକ ପ୍ରତିବନ୍ଧକକୁ ପ୍ରତିହତ କରି ଭାରତୀୟ ମହିଳା ଦଳ ପ୍ରଥମଥରପାଇଁ ଏକ ବିଶ୍ୱକପ ଟାଇଟଲ ହାସଲ କରିଛି। ବିଗତ ବର୍ଷଗୁଡ଼ିକରେ ମହିଳା ବିଶ୍ୱକପ୍ (ଅନ୍ତର୍ଜାତୀୟ ଦିନିକିଆ) ଓ ମହିଳା ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳ ପ୍ରଦର୍ଶନର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା।

**ଆଇସିସି ମହିଳା ବିଶ୍ୱକପ୍ (ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ)**

▶▶୧୯୭୩- ଅଂଶଗ୍ରହଣ କରି ନ ଥିଲା। ▶▶୧୯୭୮ ଭାରତ- ଗ୍ରୁପ୍ ପର୍ଯ୍ୟାୟ (ଭାରତ ଆୟୋଜକ; ପଦାର୍ପଣରେ ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିଲା)।▶▶୧୯୮୨ ନ୍ୟୁଜିଲାଣ୍ଡ- ଗ୍ରୁପ୍ ପର୍ଯ୍ୟାୟ (ଡାଏନା ଏଦୁଲ୍‌ଜୀଙ୍କ ନେତୃତ୍ୱରେ ବିଶ୍ୱକପ୍‌ରେ ପ୍ରଥମ ବିଜୟ)। ▶▶୧୯୮୮ ଅଷ୍ଟ୍ରେଲିଆ (ଅଂଶଗ୍ରହଣ କରି ନ ଥିଲା)। ▶▶୧୯୯୩ ଇଂଲଣ୍ଡ- ରାଉଣ୍ଡ ରବିନ ପର୍ଯ୍ୟାୟରେ ଚତୁର୍ଥ। ସେ ପର୍ଯ୍ୟନ୍ତ ଭାରତର ଏହା ଥିଲା ଶ୍ରେଷ୍ଠ ପ୍ରଦର୍ଶନ। ▶▶୧୯୯୭ ଭାରତ- ସେମିଫାଇନାଲିଷ୍ଟ (ଇଭେଣ୍ଟର ଦ୍ୱିତୀୟ ଥର ଆୟୋଜକ; ସେମିଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜୟ)। ▶▶୨୦୦୦ ନ୍ୟୁଜିଲାଣ୍ଡ-ସେମିଫାଇନାଲିଷ୍ଟ ( ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ)। ▶▶୨୦୦୫ ଦକ୍ଷିଣ ଆଫ୍ରିକା- ରନର ଅପ୍ (ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ)। ▶▶୨୦୦୯ ଅଷ୍ଟ୍ରେଲିଆ- ତୃତୀୟ ସ୍ଥାନ (ତୃତୀୟ ସ୍ଥାନ ପ୍ଲେ-ଅଫ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ)। ▶▶୨୦୧୩ ଭାରତ-ଗ୍ରୁପ୍ ପର୍ଯ୍ୟାୟ (ଭାରତ ତୃତୀୟ ଥର ପାଇଁ ଆୟୋଜକ; ୪ ଦଳିଆ ଗ୍ରୁପ୍ 'ଏ'ରେ ସର୍ବନିମ୍ନ ସ୍ଥାନ ଯୋଗୁ ସୁପର ସିକ୍ସକୁ ଉନ୍ନୀତ ହେବାରେ ବିଫଳ। ▶▶୨୦୧୭ ଇଂଲଣ୍ଡ ରନର-ଅପ୍ (ଲର୍ଡ୍‌ସଠାରେ ଇଂଲଣ୍ଡଠାରୁ ପରାସ୍ତ)।▶▶୨୦୨୨ ନ୍ୟୁଜିଲାଣ୍ଡ-ଗ୍ରୁପ୍ ପର୍ଯ୍ୟାୟ (ସେମିଫାଇନାଲ ପ୍ରବେଶରେ ବିଫଳ, ରାଉଣ୍ଡ ରବିନ ଲିଗ୍‌ରେ ୫ମ ସ୍ଥାନ)।▶▶୨୦୨୫ ଭାର- ଚାମ୍ପିୟନ (ନଭି ମୁମ୍ବାଇରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫୨ ରନରେ ବିଜୟ)।

**ଟି୨୦ ବିଶ୍ୱକପ୍**

▶▶୨୦୦୯ ଇଂଲଣ୍ଡ- ସେମିଫାଇନାଲିଷ୍ଟ (ନ୍ୟୁଜିଲାଣ୍ଡଠାରୁ ପରାସ୍ତ)। ▶▶୨୦୧୦ ୱେଷ୍ଟଇଣ୍ଡିଜ-ସେମିଫାଇନାଲିଷ୍ଟ (ଅଷ୍ଟ୍ରେଲିଆଠାରୁ ପରାଜୟ)।▶▶ ୨୦୧୨ ଶ୍ରୀଲଙ୍କା-ଗ୍ରୁପ୍ ପର୍ଯ୍ୟାୟ। ▶▶୨୦୧୪ ବାଂଲାଦେଶ- ଗ୍ରୁପ୍ ପର୍ଯ୍ୟାୟ। ▶▶୨୦୧୬ ଭାରତ-ଗ୍ରୁପ୍ ପର୍ଯ୍ୟାୟ। ▶▶୨୦୧୮ ୱେଷ୍ଟଇଣ୍ଡିଜ-ସେମିଫାଇନାଲିଷ୍ଟ (ଇଂଲଣ୍ଡ ନିକଟରୁ ପରାଜୟ)। ▶▶୨୦୨୦ ଅଷ୍ଟ୍ରେଲିଆ-ରନରଅପ୍ (ଏମ୍‌ସିଜିରେ ଅଷ୍ଟ୍ରେଲିଆ ନିକଟରୁ ପରାଜୟ। ▶▶୨୦୨୩ ଦକ୍ଷିଣ ଆଫ୍ରିକା-ସେମିଫାଇନାଲିଷ୍ଟ (ଅଷ୍ଟ୍ରେଲିଆ ନିକଟରୁ ପରାଜୟ।



ବନ୍ଧୁ ଓ ପରିବାରବର୍ଗଙ୍କ ସହ ହରମନପ୍ରୀତ କୌରଙ୍କ ସେଲ୍‌ଫି।

## ଟେନିସ ର୍‍ୟାଙ୍କିଙ୍ଗ

# ସିନର ନମ୍ବର ୱାନ୍



**ରୋମ୍, ୩।୧୧ (ଏପି):** ପ୍ୟାରିସ ମାଷ୍ଟର୍ସରେ ବିଜୟ ପରେ ସଦ୍ୟ ପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗ ତାଲିକାରେ କାର୍ଲୋସ ଅଲ୍‌କାରାଜଙ୍କୁ ହଟାଇ ଜାନିକ ସିନର ବିଧିବଦ୍ଧ ନମ୍ବର ୱାନ ସ୍ଥାନ ଅଧିକାର କରିଛନ୍ତି। ଦୁଇ ଖେଳାଳିଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ଖୁବ୍ କମ୍ ରହିଛି। ସିନରଙ୍କ ପଏଣ୍ଟ ସଂଖ୍ୟା ୧୧,୫୦୦ ହୋଇଥିବା ବେଳେ ଅଲ୍‌କରାଜଙ୍କର ୧୧,୨୫୦ ରହିଛି। ତେବେ ତୁରିନଠାରେ ହେବାକୁଥିବା ଏଟିପି ଫାଇନାଲ୍ସରେ ବର୍ଷ ଶେଷର ନମ୍ବର-୧ ଖେଳାଳି କିଏ ହେବ ତାହା ସ୍ପଷ୍ଟ ହେବ।

# ବିଜୟୀ ପରେଡ ଯୋଜନା ଏପର୍ଯ୍ୟନ୍ତ ନାହିଁ

**ନୂଆଦିଲ୍ଲୀ,୩।୧୧(ପି.ଟି.):** ବିଶ୍ୱ ଚାମ୍ପିୟନ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଲାଗି ଏପର୍ଯ୍ୟନ୍ତ କୌଣସି ବିଜୟୀ ପରେଡ ଯୋଜନା କରାଯାଇ ନାହିଁ। ଏ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସୋମବାର କହିଛନ୍ତି। ଭିକ୍ଟରୀ ପରେଡ ଭଳି କୌଣସି ଯୋଜନା ହୋଇନାହିଁ। ମୁଁ ଆଇସିସି ବୈଠକରେ ଯୋଗଦେବା ପାଇଁ ଦୁବାଇ ବାହାରୁଛି। କିଛି ସିନିୟର ଅଧିକାରୀ ମଧ୍ୟ ବୈଠକ ଲାଗି ଯାଉଛନ୍ତି। ଆମେ ସେଠାରୁ ଫେରିଲା ପରେ ଯୋଜନା କରିବୁ ବୋଲି ସାଇକିଆ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାରଠାରୁ ଆରମ୍ଭ ହେଉଥିବା ଆଇସିସି ବୈଠକରେ ଏସିଆ କପ୍ ଟ୍ରଫି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ।

# ଦୀପ୍ତି ଶର୍ମାଙ୍କ ଏକାଧିକ ରେକର୍ଡ

**ମହିଳା କ୍ରିକେଟ ବିଶ୍ୱକପ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ଭାରତୀୟ ଦଳ ଇତିହାସ ରଚିଛି। ଏହି ଐତିହାସିକ କ୍ଷଣ ଅବସରରେ ହୋଇଥିବା କେତେକ ପରିସଂଖ୍ୟାନକୁ ନେଇ ଏହି ଉପସ୍ଥାପନା...**


ପରିବାରବର୍ଗଙ୍କ ସହ ଖୁସି ମନାଇବା ଅବସରରେ ଦୀପ୍ତି ଶର୍ମା।

**୨୯୮/୭:** ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ଭାରତ ୭ ଉଇକେଟ ହରାଇ ୨୯୮ ରନ କରିଥିଲା। ମହିଳା କ୍ରିକେଟ ବିଶ୍ୱକପ ଫାଇନାଲରେ ଏହା ଥିଲା ଦ୍ୱିତୀୟ ସର୍ବାଧିକ। ୨୦୨୨ରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ୩୫୬/୫ ସ୍କୋର ସହ ରେକର୍ଡର ଅଧିକାରୀ ଅଛି।

**୪:** ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ ଇତିହାସରେ ୪ର୍ଥ ଦଳଭାବେ ଭାରତ ଟାଇଟଲ ଜିତିଲା। ଏହା ପୂର୍ବରୁ ଅଷ୍ଟ୍ରେଲିଆ (୭ ଥର), ଇଂଲଣ୍ଡ (୪ ଥର) ଏବଂ ନ୍ୟୁଜିଲାଣ୍ଡ (୧ଥର) ଚାମ୍ପିୟନ ହୋଇଥିଲା।

**୫୮ ରନ ଏବଂ ୫/୩୯:** ବିଶ୍ୱକପ ଫାଇନାଲରେ ଦୀପ୍ତି ଶର୍ମା ୫୮ ରନ କରିବା ସହ ୩୯ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ପୁରୁଷ ହେଉ କି ମହିଳା ଦିନିକିଆ କ୍ରିକେଟର ନକ୍‌ଆଉଟ ମ୍ୟାଚରେ ଏହା ପୂର୍ବରୁ କୌଣସି ଖେଳାଳି କେବେହେଲେ ଅର୍ଦ୍ଧଶତକ ହାସଲ କରିବା ସହ ୫ ଉଇକେଟ ନେଇ ନ ଥିଲେ। ସେହିପରି ମହିଳା ବିଶ୍ୱକପ ମ୍ୟାଚରେ ସେ ପ୍ରଥମ ଖେଳାଳିଭାବେ ଅର୍ଦ୍ଧଶତକ ହାସଲ ସହ ୫ ଉଇକେଟ ନେବାର କୃତିତ୍ୱ ଅର୍ଜନ କଲେ।

**୨:** ବିଶ୍ୱକପ ଇତିହାସରେ ଦୀପ୍ତି ଦ୍ୱିତୀୟ ଖେଳାଳିଭାବେ ଫାଇନାଲରେ ୫ ଉଇକେଟ ହାସଲ କରିଥିଲେ। ପୂର୍ବରୁ ଇଂଲଣ୍ଡର ଆନ୍ୟା ଶ୍ରୁବସୋଲେ ୨୦୧୭ ବିଶ୍ୱକପ୍‌ର ଫାଇନାଲରେ ଭାରତ ବିପକ୍ଷରେ ୪୬ ରନ ବିନିମୟରେ ୬ ଉଇକେଟ ହାସଲ କରିଥିଲେ।

**୨୨:** ଦୀପ୍ତି ଗତ ବିଶ୍ୱକପ୍‌ରେ ମୋଟ ୨୨ଟି ଉଇକେଟ ନେଇଥିଲେ। ମହିଳା କ୍ରିକେଟ ବିଶ୍ୱକପରେ ଏହା ଯୁଗ୍ମ ଦ୍ୱିତୀୟ ସର୍ବାଧିକ। ୧୯୮୨ ବିଶ୍ୱକପରେ ଜ୍ୟାକି ଲର୍ଡ ୨୨ଟି ଉଇକେଟ ନେଇଥିଲେ। ତେବେ ଏହି ବିଶ୍ୱକପରେ ଲିନ୍ ଫୁଲଷ୍ଟନ ୨୩ଟି ଉଇକେଟ ନେଇ ତାଲିକାର ଶୀର୍ଷରେ ରହିଛନ୍ତି। ଦୀପ୍ତି ପ୍ରଥମ ଖେଳାଳିଭାବେ କୌଣସି ଏକ ବିଶ୍ୱକପରେ ୨୦୦ରୁ ଅଧିକ ରନ କରିବା ସହ ୨୦ରୁ ଊର୍ଦ୍ଧ୍ୱ ଉଇକେଟ ନେଇଛନ୍ତି। ସେ ଏଥିରେ ୩ ଅର୍ଦ୍ଧଶତକ ସହ ୨୧୫ ରନ କରିଥିଲେ ଏବଂ ୨୨ ଉଇକେଟ ନେଇଥିଲେ।

**୨୧ ବର୍ଷ ୨୭୮ ଦିନ:** ଶେଫାଳି ବର୍ମା ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୨୧ ବର୍ଷ ୨୭୮ ଦିନର ହୋଇଥିବାରୁ ସର୍ବକନିଷ୍ଠ ଖେଳାଳିଭାବେ ଏହି ସଫଳତା ହାସଲ କଲେ। ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆର ଜେସ ଡୁଫିନଙ୍କ ନାମରେ ଥିଲା। ସେ ୨୩ ବର୍ଷ ୨୩୫ ଦିନର ହୋଇଥିବାବେଳେ ୨୦୧୩ ବିଶ୍ୱକପ ଫାଇନାଲରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**୫୭୧:** ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱଲଭାର୍ଡଟ ଗତ ବିଶ୍ୱକପରେ ୫୭୧ ରନ ସ୍କୋର କରିଥିଲେ; ଯାହା କି କୌଣସି ଗୋଟିଏ ବିଶ୍ୱକପରେ ଜଣେ ଖେଳାଳିଭାବେ ସର୍ବାଧିକ ରନ। ପୂର୍ବରୁ ୨୦୨୨ରେ ଆଲିସା ହିଲି ୫୦୯ ରନକରି ରେକର୍ଡର ଅଧିକାରିଣୀ ଥିଲେ। ୱଲଭାର୍ଡଟ ସେମିଫାଇନାଲ ଓ ଫାଇନାଲରେ ଶତକ ହାସଲ କରି ହିଲିଙ୍କ ରେକର୍ଡର ସମକକ୍ଷ ମଧ୍ୟ ହୋଇଛନ୍ତି।

**୧୪:** ୱଲଭାର୍ଡଟ ବିଶ୍ୱକପରେ ଓଭରଅଲ୍ ୧୪ ଥର ୫୦+ ସ୍କୋର କରିଛନ୍ତି, ଯାହାକି କୌଣସି ବ୍ୟାଟରଙ୍କ ପକ୍ଷରେ ସର୍ବାଧିକ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିବ ଭାରତୀୟ ମହିଳା ଦଳ

**ନୂଆଦିଲ୍ଲୀ, ୩।୧୧(ପି.ଟି.):** ଡିୱାଇ ପାଟିଲ ଷ୍ଟାଡିୟମରେ ମହିଳା ଦିନିକିଆ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବ। ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବା ଭାରତୀୟ ଦଳ ବର୍ତ୍ତମାନ ମୁମ୍ବାଇରେ ରହିଛି। ସେମାନେ ଜାତୀୟ ରାଜଧାନୀରେ ପହଞ୍ଚିବା ପରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ।

# ଝିଅମାନେ ଦେଶକୁ ଗର୍ବିତ କରିଛନ୍ତି: ନୀତା

**ମୁମ୍ବାଇ, ୩।୧୧**

ଭାରତୀୟ ମହିଳା ଦଳ ଦିନିକିଆ କ୍ରିକେଟ ବିଶ୍ୱକପ ଜିତି ଇତିହାସ ରଚିଛି। ନଭି ମୁମ୍ବାଇରେ ଅନୁଷ୍ଠିତ ଫାଇନାଲ ଅବସରରେ ଷ୍ଟାଡିୟମରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିବା ନୀତା ଏମ. ଅମ୍ବାନୀ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ''ମଧ୍ୟରାତ୍ରିର ମୁହୂର୍ତ୍ତରେ, ଆମର ଝିଅମାନେ ପ୍ରଥମ ଥର ପାଇଁ ଆଇସିସି ବିଶ୍ୱକପ୍ ଜିତିଛନ୍ତି।



ସମସ୍ତେ ସାହସ, ଦୃଢ଼ ଆତ୍ମବିଶ୍ୱାସର ସହିତ ଖେଳି ସମଗ୍ର ଦେଶକୁ ଗର୍ବିତ କରିଛନ୍ତି। ଏଥିପାଇଁ ଆମେ ସମସ୍ତେ ଗର୍ବିତ ଏବଂ ମୁଁ ପୂରା ଦଳକୁ ଧନ୍ୟବାଦ ଏବଂ ଅଭିନନ୍ଦନ ଜଣାଉଛି'' ବୋଲି ନୀତା ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଭାରତ ଫାଇନାଲ ଖେଳିବା ଅବସରରେ ନୀତା ଏବଂ ଆକାଶ ଅମ୍ବାନୀ ଡିୱାଇ ପାଟିଲ ଷ୍ଟାଡିୟମରେ ଉପସ୍ଥିତ ରହି ଐତିହାସିକ କ୍ଷଣର ପ୍ରତ୍ୟକ୍ଷଦର୍ଶୀ ରହିଥିଲେ।

# ବିଶ୍ୱକପ୍ ଟ୍ରଫି ସହ ହରମନଙ୍କ ଫଟୋ ଭାଇରାଲ



ଭାଇରାଲ ହୋଇଥିବା ହରମନପ୍ରୀତ କୌରଙ୍କ ଫଟୋ।

**ନୂଆଦିଲ୍ଲୀ,୩।୧୧**

ଆଇସିସି ମହିଳା ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ଭାରତୀୟ ଦଳ ଚାମ୍ପିୟନ ହେବା ପରେ ଅଧିନାୟିକା ହରମନପ୍ରୀତ କୌର ଟ୍ରଫି ସହ ଏକ ଫଟୋ ଶେୟାର କରିଥିଲେ। ଏହି ଫଟୋରେ ହରମନ ବିଶ୍ୱକପ୍ ଟ୍ରଫି ଧରି ଶୋଇଥିବାବେଳେ ତାଙ୍କ ଟି-ଶାର୍ଟରେ ଏକ ବାର୍ତ୍ତା ରହିଛି, ଯେଉଁଥିରେ 'କ୍ରିକେଟ ଏକ ସଭିଙ୍କ ଖେଳ' ବୋଲି ଉଲ୍ଲେଖ ରହିଛି। ଏହି ଫଟୋର କ୍ୟାପ୍‌ଶନରେ ସେ ଉଲ୍ଲେଖ କରିଛନ୍ତି ଯେ, କିଛି ସ୍ୱପ୍ନ କୋଟି କୋଟି ଲୋକଙ୍କ ସହ ବଣ୍ଟାଯାଏ। ଏଥିଯୋଗୁ କ୍ରିକେଟ ହେଉଛି ସଭିଙ୍କ ଖେଳ। ତାଙ୍କର ଏହି ଫଟୋ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି।

# ସର୍ବଭାରତୀୟ ମହିଳା, ପୁରୁଷ ଟେନିସ୍ ଆରମ୍ଭ

**ଭୁବନେଶ୍ୱର, ୩।୧୧ (ବିଜୟ ରଣା):** ସାକ୍ଷୀଗୋପାଳ ଅନ୍ତର୍ଗତ ଫୁଲଅଲସାସ୍ଥିତ ସାଇ ଏକାଡ଼େମୀ ଟେନିସ କୋର୍ଟରେ ଭଲ୍‌ନେରା ଆଇଟା-ଓଟିଏ ସର୍ବଭାରତୀୟ ମହିଳା ଓ ପୁରୁଷ ଟେନିସ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ନାମେଣ୍ଟ ୫ଦିନ ଧରି ଅନୁଷ୍ଠିତ ହେବ। ପ୍ରତିଯୋଗିତାର ପ୍ରାୟୋଜକ ତଥା ଭୁବନେଶ୍ୱରସ୍ଥିତ ଭଲନେରା ସାନେନ୍‌ଚ୍ୟୁର୍ କମ୍ପାନୀର ପ୍ରତିଷ୍ଠାତା ପ୍ରଦୀପ କୁମାର ବିଶୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୁରୀ ଫର୍ମାସୀ ମହାବିଦ୍ୟାଳୟର ଚେୟାରମ୍ୟାନ ଅନିମା ଦାଶ ଓ ସାଇ ଏକାଡେମୀର ସଭାପତି ସୁଶ୍ରୀ ପ୍ରିୟଦର୍ଶିନୀ ପାଣି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ଛତିଗଡ଼, ବିହାର, ତେଲେଙ୍ଗାନା, ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର ଏବଂ ଓଡ଼ିଶା ସମେତ ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ରେଫରି ପ୍ରବୀଣ କୁମାର ନାୟକ ଓ କୋଚ୍ ବିଶ୍ୱଜିତ୍ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ନାମେଣ୍ଟ ୭ ତାରିଖରେ ଉଦ୍‌ଯାପିତ ହେବ।

# ଫଲୋଅନ୍ ପରେ ଓଡ଼ିଶାର ଇନିଂସ୍ ପରାଜୟ ଭୟ

## ରଣଜୀ ଟ୍ରଫି

**ଭୁବନେଶ୍ୱର, ୩।୧୧ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା-ଆନ୍ଧ୍ର ପ୍ରଦେଶ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଓଡ଼ିଶା ପ୍ରଥମ ଇନିଂସରେ ମାତ୍ର ୧୫୧ ରନରେ ଅଲ୍‌ଆଉଟ ହେବାରୁ ଫଲୋଅନ ଡାକରା ପାଇଛି। ଦ୍ୱିତୀୟ ଇନିଂସରେ ଦଳର ଆରମ୍ଭ ଭଲ ହୋଇଥିଲେ ହେଁ ଇନିଂସ ପରାଜୟ ପାଇଁ ସଂଘର୍ଷ ଜାରି ରହିଛି। ସୋମବାର ତୃତୀୟ ଦିବସର ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୧୯୦ ରନ କରିଛି। ଅର୍ଥାତ୍ ଆନ୍ଧ୍ର ପ୍ରଦେଶର ପ୍ରଥମ ଇନିଂସଠାରୁ ଘରୋଇ ଦଳ ଆହୁରି ୧୩୪ ରନ ପଛରେ ରହିଛି। ମଙ୍ଗଳବାର ମ୍ୟାଚର ଅନ୍ତିମ ଦିବସ। ଏହି ଦିନ ସତର୍କତାର ସହ ବ୍ୟାଟିଂ କରି ବଡ଼ ସ୍କୋର ନ କଲେ ଇନିଂସ ପରାଜୟ ବରଣ କରିବା ସାର ହେବ। ଆନ୍ଧ୍ର ପ୍ରଦେଶ ଏହାର ପ୍ରଥମ ଇନିଂସକୁ ୪୭୫/୭ରେ ଘୋଷଣା କରିଥିଲା।


ଶଟ୍ ଖେଳିବା ଅବସରରେ ଗୌରବ ଚୌଧୁରୀ।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୮୦/୪ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୭୧ ରନକରି ଅବଶିଷ୍ଟ ୬ ଉଇକେଟ ହରାଇଥିଲା। କେବଳ ସନ୍ଦୀପ ପଟ୍ଟନାୟକ (୫୮ ରନ)ଙ୍କ ଅର୍ଦ୍ଧଶତକଙ୍କୁ ଛାଡ଼ିଦେଲେ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ଓଡ଼ିଶା ଇନିଂସ ଭୁଶୁଡ଼ି ପଡ଼ିଥିଲା। ପ୍ରଥମ ଇନିଂସ ମାତ୍ର ୫୬.୪ ଓଭରରେ ସୀମିତ ରହିଥିଲା। ଫଲୋଅନ ଡାକରା ପାଇବା ପରେ ଓଡ଼ିଶା ଦ୍ୱିତୀୟ ଇନିଂସରେ ଗୌରବ ଚୌଧୁରୀ ଓ ସ୍ୱସ୍ତିକ ସାମଲଙ୍କ ମାଧ୍ୟମରେ ଭଲ ଆରମ୍ଭ କରିଥିଲା। ତେବେ ଓପନିଂ ଯୋଡ଼ିରେ ୬୬ ରନ ଯୋଗ ହେବାପରେ ସ୍ୱସ୍ତିକ ୩୬ ରନକରି ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇଯାଇଥିଲେ। ଗୌରବ ଓ ସନ୍ଦୀପ ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ଥିଲେ। ତେବେ ଦୁହେଁ ୨୩୧ ବଲ୍‌ରୁ ୧୧୦ ରନ ଯୋଗ କରିବାପରେ ସନ୍ଦୀପ ୬୩ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଷ୍ଟମ୍ପ ବେଳକୁ ଗୌରବ ୭୯ ଓ ଗୋବିନ୍ଦ ପୋଦ୍ଦାର ୪ ରନକରି ଅପରାଜିତ ରହିଥିଲେ। ଆନ୍ଧ୍ର ପ୍ରଦେଶ ବୋଲରଙ୍କ ମଧ୍ୟରେ ପ୍ରଥମ ଇନିଂସରେ କାଭୁରି ସାଇତେଜା, ସୌରଭ କୁମାର ଓ ତ୍ରିପୁରାନା ବିଜୟ ୩ଟି ଲେଖାଏ ଏବଂ ଦ୍ୱିତୀୟ ଇନିଂସରେ ସୌରଭ କୁମାର ଗୋଟିଏ ଉଇକେଟ ହାସଲ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସ: ୪୭୫/୭ (ଘୋଷଣା)। ଓଡ଼ିଶା ପ୍ରଥମ ଇନିଂସ: ୧୫୧/ଅଲଆଉଟ (ସନ୍ଦୀପ ପଟ୍ଟନାୟକ ୫୮, ଗୌରବ ଚୌଧୁରୀ ୪୮, କାଭୁରି ସାଇତେଜା-୩/୩୦, ସୌରଭ କୁମାର-୩/୩୧, ତ୍ରିପୁରାନା ବିଜୟ-୩/୧୪)। ଫଲୋଅନ ପରେ ଓଡ଼ିଶା ଦ୍ୱିତୀୟ ଇନିଂସ: ୧୯୦/୨ (ଗୌରବ ଚୌଧୁରୀ-୭୯, ସନ୍ଦୀପ ପଟ୍ଟନାୟକ-୬୩, ସ୍ୱସ୍ତିକ ସାମଲ-୩୬, ସୌରଭ କୁମାର-୧/୩୬)।

# କ୍ରୀଡ଼ା ବିଜ୍ଞାନ କର୍ମଶାଳାରେ ଯୋଗଦେଲେ ପ୍ରଫୁଲ୍ଲ

**ଭୁବନେଶ୍ୱର, ୩।୧୧ (ତପନ ସ୍ୱାଇଁ)**

ନ୍ୟାଶନାଲ ସେଣ୍ଟର ଅଫ୍ ସ୍ପୋର୍ଟ୍ସ ସାଇନ୍ସେସ ଆଣ୍ଡ ରିସର୍ଚ୍ଚ (ଏନ୍‌ସିଏସଏସଆର) ଏବଂ ହକି ଇଣ୍ଡିଆ ଆନୁକୂଲ୍ୟରେ ନୂଆଦିଲ୍ଲୀଠାରେ ଅକ୍ଟୋବର ୩୧ରୁ ନଭେମ୍ବର ୨ ପର୍ଯ୍ୟନ୍ତ କ୍ରୀଡ଼ା ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ସିନିୟର ହକି କୋଚ୍ ପ୍ରଫୁଲ୍ଲ ତିର୍କୀ ଯୋଗଦେଇ ଆଡଭାନ୍ସ କୋଚିଂ ସମ୍ପର୍କରେ ମୂଲ୍ୟବାନ ଅଭିଜ୍ଞତା ହାସଲ କରିଛନ୍ତି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ